


ଆଜିଠୁ ଭାରତ-ଇଂଲଣ୍ଡ ଟ୍ୱେଣ୍ଟି-୨୦ ଶୃଙ୍ଖଳା ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 299 | ଭାଗ ୩୨ | ସଂଖ୍ୟା୨୯୯ Bhubaneswar | Wednesday 22 January 2025 | Page 8 Rs. 4.00 ଭୁବନେଶ୍ୱର ବୁଧବାର ୨୨ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଦିଲ୍ଲୀରେ ବିଶେଷ ଅତିଥି ଦିଲେଶ୍ୱରୀ

**ସମ୍ବଲପୁର: ୨୧।୧(ସଂଚାର ବ୍ୟୁରୋ):** ପଲ୍ଲୀର ମହିଳା ଏବେ ଦିଲ୍ଲୀ ପହଞ୍ଚିବେ।ଚଳିତ ବର୍ଷ ନୂଆଦିଲ୍ଲୀରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ସମାରୋହ-୨୦୨୫ ପରେଡ୍ କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଯୋଗଦେବେ ଓଡିଶାରୁ ୩ ମହିଳା ବୁଣାକାର।ସେମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ସମ୍ବଲପୁର ଜିଲ୍ଲା ଜୁଯୋମୁରା ବ୍ଲକ ବାହାମ ପଞ୍ଚାୟତର ବଡ଼ତୁରାଙ୍ଗ ଗ୍ରାମର ଦିଲେଶ୍ୱରୀ ମେହେର। ଶ୍ରୀମତୀ ମେହେର ହେଉଛନ୍ତି ବୟନ ବ୍ୟବସାୟୀ ପୁଟୁରୁ ମେହେରଙ୍କ ଧର୍ମ ପତ୍ନୀ।ଜଣେ ବୁଣାକାର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସ୍ୱାବଲମ୍ବୀ ହୋଇଥିବା ଦିଲେଶ୍ୱରୀ ବିଶେଷ ଅତିଥି ଭାବେ ଏଥର ଯୋଗଦେଇ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରେଡ୍ ଅଭିବାଦନ ସହ ତାଙ୍କ ଅଭିଭାଷଣ ଶୁଣିବାର ସୁଯୋଗ ପାଉଛନ୍ତି।ଏହାକୁ ସେ ଖୁବ ଗର୍ବିତ ଓ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି।

ଚଳିତ ବର୍ଷ ରାଜ୍ୟ ବୟନ ଶିଳ୍ପ ବିଭାଗ ପକ୍ଷରୁ ଓଡ଼ିଶାର ମୋଟ ୩ ଜଣ ମହିଳାଙ୍କୁ ଚୟନ କରି ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଆୟୋଜିତ ହେବାକୁ ସାଧାରଣତନ୍ତ୍ର ଦିବସ ସମାରୋହରେ ବିଶେଷ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି। ସେମାନଙ୍କ ମଧ୍ୟରୁ ଥିବା ଡିଲେଶ୍ୱରୀ ମେହେର ଅନ୍ୟତମ। ହସ୍ତତନ୍ତରେ ପ୍ରଶିକ୍ଷଣ ନେଇ ପଡିଆବାହାଲ ଅଞ୍ଚଳରେ ବୁଣାକାର ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ନେଇଛନ୍ତି। ତାଙ୍କର ଏହି ସୁଯୋଗ ପାଇଁ ଅଞ୍ଚଳର ବହୁ ଅନୁଷ୍ଠାନ, ବିଶେଷ ବ୍ୟକ୍ତି, ଗ୍ରାମବାସୀ ବିକାଶ ଫାଉଣ୍ଡେସନର ମୁଖ୍ୟ ମୃଦୁଳା ଠାକୁର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଶ୍ରୀମତୀ ମେହେରଙ୍କ ସହିତ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍ ଅଞ୍ଚଳ ବିଂଝୁଆ ଗାଁର ମହିଳା ହସ୍ତତନ୍ତ ବୟନଶିଳ୍ପୀ ସୀମା ରାଉତ ଓ ବାଲେଶ୍ୱର ଜିଲ୍ଲାର ସୀତା ମୁର୍ମୁ ସ୍ଥାନ ପାଇ ଓଡିଶାର ଟେକ ରଖିଛନ୍ତି।



### ବନ୍ଦ ହେବନି ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା

# ସୁଦୃଢ଼ ହେବ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା



- ଶିଶୁଙ୍କ ମୌଳିକ ଓ ସଂଖ୍ୟା ଜ୍ଞାନକୁ ଗୁରୁତ୍ୱ
- ଶିକ୍ଷା କ୍ଷେତ୍ରରେ ଆସିବ ବ୍ୟାପକ ପରିବର୍ତ୍ତନ: ମନ୍ତ୍ରୀ

**ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନ୍ଇପି) ଲାଗୁ ହେବା ନେଇ ସରକାର ନିଷ୍ପତ୍ତି ନେଇସାରିଥିବା ବେଳେ ଆଜି ଏନେଇ ସଚେତନତା ସୃଷ୍ଟି କରିବା ସକାଶେ ସ୍ଥାନୀୟ ଲୋକସେବା ଭବନ କନ୍ଭେନ୍ସନ୍ ସେଣ୍ଟରରେ ଏକ ତିନିଦିନିଆ ଜାତୀୟ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟରେ ଏହାର କାର୍ଯ୍ୟକାରିତା ସମ୍ପର୍କରେ ନିଜ ନିଜର ଆଭିମୁଖ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ନୂତନ ଶିକ୍ଷା ନୀତିରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ସହ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇସାରିଛନ୍ତି ଓ ଆସନ୍ତା ଶିକ୍ଷା ବର୍ଷଠାରୁ ଏହି ନୂଆ ନୀତି କାର୍ଯ୍ୟକାରୀ ହେବ। ୧୦+୨ ବ୍ୟବସ୍ଥା ➪ପୃଷ୍ଠା-୬

## ପାଠ୍ୟ ଖସଡ଼ାରେ ରହୁ ବୀରପୁରୁଷଙ୍କ ଗାଥା



- ପାଠ୍ୟକ୍ରମରେ ସଭ୍ୟତା, ଇତିହାସ ଓ ଐତିହ୍ୟକୁ ସାମିଲ୍ ପାଇଁ ପରାମର୍ଶ
- ଏନ୍ଇପି କାର୍ଯ୍ୟାନ୍ୱୟନ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ

**ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନ୍ଇପି)-୨୦୨୦କୁ ସଫଳତାର ସହ କ୍ରିୟାନ୍ୱୟନ କରିବା ଦିଗରେ ଆଜି ଯେଉଁ ପଦକ୍ଷେପ ନେଇଛନ୍ତି, ତାହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ଏନ୍ଇପି ଅନୁଯାୟୀ ରାଜ୍ୟରେ ପାଠ୍ୟ ଖସଡ଼ା ପ୍ରସ୍ତୁତ ହେବା ଦରକାର ବୋଲି ଆଜି ଏଠାରେ ଆରମ୍ଭ ହୋଇଥିବା ତିନିଦିନିଆ ରାଷ୍ଟ୍ରୀୟ କର୍ମଶାଳାର ଉଦଘାଟନ ଉତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ପ୍ରାଚୀନ କାଳରୁ ଓଡ଼ିଆ ଜାତି ବିଶ୍ୱକୁ ଅନ୍ୱେଷଣ କରିଆସିଛି। ଆମର ସଭ୍ୟତା ଓ ନୌବାଣିଜ୍ୟ ପରମ୍ପରା ମଧ ପୁରୁଣା। ବୌଦ୍ଧ ଧର୍ମର ମାର୍ଗ ଓଡ଼ିଶା ଜରିଆରେ ହିଁ ଉଭା ହୋଇଛି। କଳିଙ୍ଗ ଯୁଦ୍ଧ ସମୟରୁ ଓଡ଼ିଆମାନେ ନିଜକୁ ଶିକ୍ଷା ଓ ସୁସଂସ୍କୃତ ସମାଜର ଅଂଶବିଶେଷ କରିପାରିଛନ୍ତି। ଗଣିତ ଶିକ୍ଷା ଓଡ଼ିଶାର ମୂଳ ପୁଞ୍ଜି ବୋଲି ରାଷ୍ଟ୍ରପତି କହିଛନ୍ତି। ମହାନ ଜ୍ୟୋତିର୍ବିଦ ପଠାଣୀ ସାମନ୍ତ ବାଉଁଶ ନଳୀ ସାହାଯ୍ୟରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଆଦିଙ୍କ ଦୈନିକ ଓ ବାର୍ଷିକ ଆବର୍ତ୍ତନର ଗଣନା କରିଥିଲେ। କୋଣାର୍କ ମନ୍ଦିର, ଲିଙ୍ଗରାଜ ମନ୍ଦିର, ହୀରାକୁଦ ବନ୍ଧ ଓଡ଼ିଆ ଜାତିର ବୌଦ୍ଧିକ ଓ ବୈଜ୍ଞାନିକ ଦକ୍ଷତା ପ୍ରମାଣିତ କରୁଛି। ଏହା କଳା ଓ ➪ପୃଷ୍ଠା-୬



## ବନ୍ୟା ଓ ଭୂସ୍ଖଳନରେ ୧୭ ମୃତ, ୮ ନିଖୋଜ

**ଜାକର୍ତ୍ତା,୨୧।୧:** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି। ପ୍ରଥମେ ବନ୍ୟା ଓ ପରେ ତଜ୍ଜନିତ ଭୂସ୍ଖଳନରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ଜଣ ନିଖୋଜ ଅଛନ୍ତି। ସେହିପରି ଏହି ପ୍ରାକୃତିକ ବିପର୍ଯ୍ୟୟରେ ବ୍ୟାପକ କୋଠାବାଡ଼ି ଓ ସମ୍ପତ୍ତି ନଷ୍ଟ ହୋଇଛି। ଉଦ୍ଧାର କାର୍ଯ୍ୟ ସମୟରେ ଉଦ୍ଧାରକାରୀ ଦଳ ୧୭ଟିଯାକ ମୃତଦେହ ଉଦ୍ଧାର କରିଛନ୍ତି। ଜାଭା ମୁଖ୍ୟ ଦ୍ୱୀପର ପାର୍ବତ୍ୟ ଅଞ୍ଚଳରେ ଥିବା ଗାଁଗୁଡ଼ିକରେ ହଠାତ୍ ବନ୍ୟା ମାଡ଼ିଆସିବା ଫଳରେ ଏହି ଲୋକମାନେ ବନ୍ୟା ପାଣିରେ ଭାସିଯାଇଥିଲେ। ମୃତଦେହଗୁଡ଼ିକ ମାଟି ଆବର୍ଜନା ଓ ପଥର ତଳେ ପୋତି ହୋଇପଡ଼ିଥିବା ବେଳେ ଉଦ୍ଧାରକାରୀ ଦଳ ସେଗୁଡ଼ିକୁ ଉଦ୍ଧାର କରିଛନ୍ତି। ଏହି ବିପର୍ଯ୍ୟୟ ସଂକ୍ରାନ୍ତରେ ସ୍ଥାନୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସିର ମୁଖ୍ୟ ବର୍ଗସ୍ କାଟୁରସାସି କହିଛନ୍ତି ଯେ ଗତକାଲି ପ୍ରବଳ ବର୍ଷା ହେବାରୁ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଣ୍ଟ୍ରାଲ୍ ଜାଭା ପ୍ରଦେଶର ପେକାଲୋଙ୍ଗାନ ରେଜେନ୍ସିର ୯ଟି ଗାଁରେ ଏହି ବନ୍ୟାଜଳ ମାଡ଼ିଯାଇଥିଲା। ଏହି ସମୟ ମଧ୍ୟରେ ପାର୍ବତ୍ୟ ଅଞ୍ଚଳରେ ପାହାଡ଼ରୁ ମାଟି ଓ ପଥର ଖସି ➪ପୃଷ୍ଠା-୬



## ୧୩ରୁ ବିଧାନସଭା ୧୭ରେ ଆସିବ ବଜେଟ୍

**ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ):** ଆସନ୍ତା ମାସ ୧୩ ତାରିଖରୁ ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏହି ଅବସରରେ ଆସନ୍ତା ଫେବୃଆରୀ ୧୭ ତାରିଖରେ ରାଜ୍ୟ ବଜେଟ୍ ଉପସ୍ଥାପିତ ହେବ। ଆସନ୍ତା ଅପ୍ରେଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବଜେଟ୍ ଅଧିବେଶନରେ ମୋଟ ୨୮ଟି କାର୍ଯ୍ୟ ଦିବସ ରହିବ। ତେବେ କ୍ଷମତାକୁ ଆସିବା ପରେ ବିଜେପି ସରକାର ପ୍ରଥମ ଥର ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାକୁ ଥିବା ବେଳେ ଏହା ଉପରେ ସମଗ୍ର ରାଜ୍ୟବାସୀଙ୍କ ନଜର ରହିବ। ବଜେଟ୍‌ରେ ଲୋକଙ୍କ ପାଇଁ କେଉଁ କେଉଁ ଯୋଜନା ଆରମ୍ଭ ହେବ ଏବଂ କେଉଁ ବିଭାଗ ପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯିବ, ତାହା ବେଶ୍ ଗୁରୁତ୍ୱ ବହନ କରିବ।

### ଓଡ଼ିଶା-ଛତିଶଗଡ଼ ସୀମାରେ ସର୍ଜିକାଲ ଷ୍ଟ୍ରାଇକ୍

## ନିପାତ ହେଲେ ୧୬ ମାଓବାଦୀ

- ବଢ଼ିଲା ଯବାନଙ୍କ ସ୍ୱତନ୍ତ୍ର ଭତ୍ତା
- ମାଓନେତା ଜୟରାମ ନିହତ



**ନୂଆପଡ଼ା,୨୧।୧(ସଂଚାର ବ୍ୟୁରୋ):** ୧୬ ଜଣ କୁଖ୍ୟାତ ମାଓବାଦୀ ନିପାତ ହୋଇଛନ୍ତି। ଓଡ଼ିଶା- ଛତିଶଗଡ଼ ସୀମାରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ବଡ଼ ଧରଣର ଏନକାଉଣ୍ଟର ହୋଇଥିବା ବେଳେ ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ନୂଆପଡ଼ା ଓ ଗରିଆବନ୍ଦ ଜିଲ୍ଲା ସୀମା କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ଯବାନ-ମାଓବାଦୀ ଗୁଳିବିନିମୟ ➪ପୃଷ୍ଠା-୬

## ପ୍ରବାସୀ ଓଡ଼ିଆଙ୍କୁ ମିଳିବ ସୁଭଦ୍ରା ସହାୟତା



### ଆବେଦନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଅପିଲ
### ଜାନୁଆରୀ ଶେଷ ସୁଦ୍ଧା ଚତୁର୍ଥ ପର୍ଯ୍ୟାୟ ଟଙ୍କା

**ଭୁବନେଶ୍ୱର, ୨୧।୧(ସଂଚାର ବ୍ୟୁରୋ):** ପ୍ରବାସୀ ଓଡିଆଙ୍କୁ ବି ମିଳିବ ସୁଭଦ୍ରା ସହାୟତା। ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଘୋଷଣା କରିଛନ୍ତି । ଜିଲ୍ଲାଓ୍ୱାରୀ ସମୀକ୍ଷାରୁ ଜଣାପଡିଛି ଯେ, ରାଜ୍ୟ ବାହାରେ ରହୁଥିବା ମହିଳାମାନେ ସୁଭଦ୍ରା ସହାୟତା ପାଇପାରିବେ କି ନାହିଁ ସେନେଇ ସନ୍ଦେହରେ ଅଛନ୍ତି। ତେଣୁ ସେମାନେ ଯଦି ଆବେଦନ କରିବେ, ତେବେ ସେମାନଙ୍କ କଥାକୁ ବିଚାରକୁ ନିଆଯିବ ବୋଲି ➪ପୃଷ୍ଠା-୬

### ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ

## ଟାସ୍କ ଫୋର୍ସରେ ଆଉ ଦୁଇ ସଦସ୍ୟ ସାମିଲ

**ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଟାସ୍କ ଫୋର୍ସ ଗଠନ କରାଯାଇଥିବା ବେଳେ ଏଥିରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ଏବଂ ଗୁଣୁପୁର ବିଧାୟକ ସତ୍ୟଜିତ ଗୋମାଙ୍ଗୋଙ୍କୁ ସଦସ୍ୟ ଭାବେ ସ୍ଥାନ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ନେଇଥିବା ବେଳେ ଏନେଇ ଆଜି ସୂଚନା ପ୍ରଦାନ କରାଯାଇଛି। ମିଳିଥିବା ସୂଚନାନୁସାରେ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧକ୍ଷତାରେ ଗଠିତ ଏହି ଟାସ୍କ ଫୋର୍ସରେ ଅନ୍ୟ ୯ ଜଣ ସଦସ୍ୟ ସହ ୩ ଜଣ ଅନ୍ୟାନ୍ୟ ସଦସ୍ୟ ଅଛନ୍ତି। ଆଜିର ଦୁଇ ନୂଆ ସଦସ୍ୟଙ୍କ ସହ ଉକ୍ତ ଟାସ୍କ ଫୋର୍ସରେ ସଦସ୍ୟଙ୍କ ସଂଖ୍ୟା ଏବେ ୧୧ରେ ପହଞ୍ଚିଛି। ସେହିପରି ପୂର୍ବରୁ ପଶ୍ଚିମ ଓଡ଼ିଶାର ୧୧ଟି ଜିଲାର ବିକାଶ ତ୍ୱରାନ୍ୱିତ କରିବା ସକାଶେ ଓଡ଼ିଶା ସରକାର ଏକ ସ୍ୱତନ୍ତ୍ର ପରିଷଦ ଗଠନ କରାଯାଇଛି। ଏଥିରେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ଦେବଗଡ଼, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା, ସୁନ୍ଦରଗଡ଼ ଆଦି ଜିଲ୍ଲା ଓ ଅନୁଗୋଳର ଆଠମଲ୍ଲିକ ଉପଖଣ୍ଡ ଅପେକ୍ଷାକୃତ କମ ଅଗ୍ରସର ଥିବାରୁ ବିକାଶ ଧାରାରେ ସନ୍ତୁଳନ ଆଣିବା ପାଇଁ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରିଥିଲେ।

ଏଥିପାଇଁ ରାଜ୍ୟ ବଜେଟ୍‌ରେ ୮୪ ହଜାର କୋଟିରୁ ଏହି ପରିଷଦକୁ ସରକାର ବାର୍ଷିକ ୧୦୦ କୋଟି ଟଙ୍କା ମଞ୍ଜୁର କରିଆସିଛନ୍ତି। ଉକ୍ତ ଅର୍ଥ ପୁନର୍ବାର ପରିଷଦ ଏହା ଅଧୀନସ୍ଥ ୧୧ଟି ଜିଲ୍ଲାକୁ ପ୍ରକଳ୍ପ ପ୍ରସ୍ତାବ ହିସାବରେ ଆବଣ୍ଟନ କରାଯାଇଆସିଛି। ପଶ୍ଚିମ ➪ପୃଷ୍ଠା-୬

## ବଢ଼ିଲା ପାଚିକାଙ୍କ ପାରିଶ୍ରମିକ
### ଉପକୃତ ହେବେ ୧.୧୨ ଲକ୍ଷ

**ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ):** ପି.ଏମ ପୋଷଣ ଯୋଜନାରେ (ମଧ୍ୟାହ୍ନ ଭୋଜନ) କାମ କରୁଥିବା ଏକ ଲକ୍ଷରୁ ଅଧିକ ପାଚକ, ପାଚିକା ମାନଙ୍କ ପାଇଁ ଖୁସି ଖବର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପାଚକ, ପାଚିକା ମାନଙ୍କ କାମ, ଦକ୍ଷତା ଓ ପରିଶ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସେମାନଙ୍କ ମାସିକ ପାରିଶ୍ରମିକ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ପି.ଏମ ପୋଷଣ ଯୋଜନାରେ (ମଧ୍ୟାହ୍ନ ଭୋଜନ) ରାଜ୍ୟରେ ନିୟୋଜିତ ହୋଇଥିବା ୧,୧୨,୦୯୦ ଜଣ ପାଚକ, ପାଚିକା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨ କୋଟି ୯ ଲକ୍ଷ ଟଙ୍କା ବ୍ୟୟ କରିବେ।

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ



ସୌମ୍ୟରଞ୍ଜନ କୁଣ୍ଡୁ ହତ୍ୟା ମାମଲା

**ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଡିସିପି ଅଫିସ ଆଗରେ ଅଟୋଚାଳକ ସୌମ୍ୟ ରଞ୍ଜନ କୁଣ୍ଡୁ ହତ୍ୟା ମାମଲାରେ ଆଜି ୨ ଅଭିଯୁକ୍ତ ମନୋଜ ଦାସ ଓରଫ ପାପୁନି ଓ ଅଶୋକ ଦାସ ଓରଫ କାବୁକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଜିଲ୍ଲା ଦୌରାଜଜ୍। ଏଥିସହ ସେମାନଙ୍କଠାରୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ମଧ ଆଦାୟ କରିବା ସକାଶେ ଅଦାଲତ ରାୟ ଦେଇଛନ୍ତି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ଉଭୟଙ୍କୁ ଗୋଟିଏ ବର୍ଷ ଲେଖାଏଁ ଅତିରିକ୍ତ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଯାଇଛି। ଦଫା ୩୦୨ରେ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ କୋର୍ଟ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ଗତ ୨୦୨୨ ଅଗଷ୍ଟ ୩୦ ତାରିଖ ବିଳମ୍ବିତ ରାତିରେ ଭୁବନେଶ୍ୱର ଡିସିପି ➪ପୃଷ୍ଠା-୬



### କାନ ଡେରିଆ

ଲୁକଟା ସର୍ବସାଧାରଣ ପାଇଁ
ବିଡିଓ କୁହନ୍ତି ନିଜର
ଦୁର୍ନୀତି ଖୋଲିଲେ
ଧରାପଡ଼ିଯିବେ
ସେଥିପାଇଁ ଲାଗେ ଡର
ଜମି ବାଡ଼ି ଚାଷ କର...
ଅନାର୍ଯ୍ୟ ଲୋକଟା
ପାୱାର ପାଇଛି
ସାଧାରଣ ଲୋକ ମର।

■ ଦେବାଶିଷ

# ନାଲିଆଖି ଦେଖାଇ କପି କଲେ ଆଇଏଏସ୍ ବାବୁ

**ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ):** ପାଠ ପଢାରେ ଏକ ନମ୍ବର ହୋଇ ଆଇଏଏସ୍ ପାଇଥିବା ବାବୁମାନେ ତାଲିମ ସମୟରେ ପରୀକ୍ଷାରେ ବସି କପି କରିଛନ୍ତି। ମୋବାଇଲ୍‌ରେ ପ୍ରଶ୍ନପତ୍ରର ଫଟୋ ଉଠାଇ ନିଜ ନିଜର ତଳିଆ କର୍ମଚାରୀଙ୍କୁ ପଠାଇବା ସହିତ ସେମାନଙ୍କଠାରୁ ମିଳିଥିବା ଉତ୍ତରକୁ ଖାତାରେ ଟିପି ପୁଣିଥରେ ଏକ ନମ୍ବର ହୋଇଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ତାଲିମ ନେଉଥିବା ଆଇଏଏସ୍ ବାବୁମାନେ ଅଳ୍ପଦିନ ତଳେ କଟକରେ ରାଜସ୍ୱ ବିଭାଗର ପରୀକ୍ଷା ସମୟରେ ଏଭଳି କପି କରିଛନ୍ତି। ତାଲିମର ଶେଷ ପର୍ଯ୍ୟାୟରେ ଗୋପବନ୍ଧୁ ଏକାଡେମୀ ପକ୍ଷରୁ ତାଲିମ ନେଉଥିବା ଆଇଏଏସ୍ ଓ ଓଏଏସ୍ ବାବୁମାନଙ୍କୁ କଟକସ୍ଥିତ ବୋର୍ଡ ଅଫ୍ ରେଭେନ୍ୟୁକୁ ପରୀକ୍ଷା ପାଇଁ ପଠାଯାଇଥିଲା। ତାଲିମ ସମୟରେ କେତେ ରାଜସ୍ୱ ଜ୍ଞାନ ଆହରଣ କରିଛନ୍ତି, ତାହା ସେଠାରେ ପରୀକ୍ଷା ଦେଇଥିଲେ।

ହେଲେ ପରୀକ୍ଷା ହଲ୍‌କୁ ଯିବା ସମୟରେ ଓଏଏସ୍ ବାବୁମାନେ ନିଜ ନିଜ ମୋବାଇଲ୍ ପରୀକ୍ଷା କେନ୍ଦ୍ର ବାହାରେ ରଖିଥିବାବେଳେ ଆଇଏଏସ୍ ବାବୁ/ବାବୁଆଣୀମାନେ କିନ୍ତୁ ସାଙ୍ଗରେ ମୋବାଇଲ୍ ନେଇଥିଲେ। ପରୀକ୍ଷା ହଲରେ ଡ୍ୟୁଟି କରୁଥିବା ଜଣେ କର୍ମଚାରୀ କାହିଁକି ମୋବାଇଲ୍ ଆଣିଲ ବୋଲି ପ୍ରଶ୍ନ କଲାରୁ ତାକୁ ନାଲିଆଖି ଦେଖାଇଥିଲେ। ଏପରିକି କର୍ମଚାରୀ ଜଣଙ୍କୁ 'ତୁ କେଉଁ କ୍ୟାଡର୍‌ରେ କାମ କରୁଛୁ' ବୋଲି କହିବାକୁ ପଛାଇନଥିଲେ। ଯୁବ ଆଇଏଏସ୍‌ମାନଙ୍କର ଏଭଳି ନାଲିଆଖି ଦେଖି ସେହି କର୍ମଚାରୀ ଜଣଙ୍କ ଆଉ ପାଟି ଫିଟାଇନଥିଲେ।



ଏହାପରେ ପ୍ରଶ୍ନପତ୍ର ମିଳିଥିଲା। ପ୍ରଶ୍ନପତ୍ର ପାଇବା ମାତ୍ରେ ଓଏଏସ୍ ବାବୁମାନେ ନିଜ ନିଜ ଖାତାରେ ଉତ୍ତର ଲେଖିଥିବାବେଳେ ଆଇଏଏସ୍ ବାବୁମାନେ ମୋବାଇଲ୍‌ରେ ପ୍ରଶ୍ନର ଫଟୋ ଉଠାଇ ନିଜ ନିଜ କର୍ମସ୍ଥଳୀରେ ଥିବା କର୍ମଚାରୀଙ୍କୁ ପଠାଇ ତୁରନ୍ତ ଉତ୍ତର ଦେବାକୁ ତାଗିଦା କରିଥିଲେ। ଜିଲ୍ଲାରେ ଥିବା ଅଧିକାରୀମାନେ ବି ମୋବାଇଲ୍‌ରେ ଉତ୍ତର ଲେଖି ପଠାଇଥିଲେ। ଉତ୍ତର ପାଇବା ମାତ୍ରେ ଆଇଏଏସ୍ ବାବୁମାନେ ତୁରନ୍ତ ନିଜ ନିଜ ଖାତାରେ ଲେଖିଥିଲେ।

- ପରୀକ୍ଷା ହଲ୍‌କୁ ନେଲେ ମୋବାଇଲ୍
- ଜିଲ୍ଲାରୁ ଉତ୍ତର ପଠାଇଲେ ତଳିଆ କର୍ମୀ

ତେବେ ଉତ୍ତର ଲେଖିସାରିଲା ପରେ ଜଣେ ଆଇଏଏସ୍ ନିଜର ବୁଦ୍ଧି ଖଟାଇ ଉତ୍ତର ସଠିକ୍ ଅଛି କି ନାହିଁ ତାହାର ଯାଞ୍ଚ କରିବାକୁ ଜଣେ ଓଏଏସ୍ ବାବୁଙ୍କୁ ପଚାରିଥିଲେ। ଓଏଏସ୍ ବାବୁ ଜଣଙ୍କ ଉତ୍ତର ଦେଖି ତାହା ଭୁଲ୍ ବୋଲି କହିବା ପରେ ଆଇଏଏସ୍‌ଙ୍କୁ ମୁଣ୍ଡ ଗରମ ହୋଇଥିଲା। ଉତ୍ତର ପଠାଇଥିବା ବାବୁଙ୍କୁ ଫୋନ୍ ଲଗାଇ ପରୀକ୍ଷା କେନ୍ଦ୍ରରୁ ତାଙ୍କର ସପ୍ତପୁରୁଷ ଉଦ୍ଧାର କରିଥିଲେ। ଏଭଳି ଭାବେ ପରୀକ୍ଷା ସରିବା ପରେ ଦାୟିତ୍ୱରେ ଥିବା ଅଧିକାରୀମାନେ ଆଚମ୍ବିତ ହୋଇଥିଲେ। ତାଲିମପ୍ରାପ୍ତ ଆଇଏଏସ୍‌ମାନଙ୍କ ଏଭଳି ହରକତ ଦେଖି ସେମାନେ ନିରବ ରହିବାକୁ ବାଧ ହୋଇଥିଲେ। ➪ପୃଷ୍ଠା-୬

## ୬୧ତମ ବିଲେଇଶୁଣି ମକର ମହୋତ୍ସବ

# ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନା ବଜାରର ମଜା



**ଗରଦପୁର, ୨୧।୧ (ସଂଚାର ବ୍ୟୁରୋ):** ପ୍ରସିଦ୍ଧ ବିଲେଇଶୁଣି ମକର ମହୋତ୍ସବ ଚଳିତ ବର୍ଷ ୬୧ ବର୍ଷରେ ପହଞ୍ଚିଛି । ଗରଦପୁର ବ୍ଲକ୍ ପଳସୁଧା ପଞ୍ଚାୟତ ଶ୍ରୀ ଶ୍ରୀ ବଜ୍ର ମହାକାଳୀ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ତୃତୀୟ ସନ୍ଧ୍ୟାରେ ପହଞ୍ଚିଛି । ପ୍ରତିଦିନ ଏହି କାର୍ଯ୍ୟକ୍ରମରେ ପଡୋଶୀ ଜଗତସିଂହପୁର ଏବଂ କେନ୍ଦ୍ରାପଡା ଜିଲ୍ଲାର ହଜାର ସଂଖ୍ୟକ ଲୋକେ ଭିଡ଼ ଜମାଉଛନ୍ତି। ଏହି ଅବସରରେ ସାଂସ୍କୃତିକ ପରିଷଦ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ କ୍ରିଡା ପ୍ରତିଯୋଗିତାର ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠାନର ସଭାପତି ବସନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଏବଂ ସମ୍ମାନୀୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଯୋଗ ଦେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

ଅନ୍ୟତମ ଅତିଥି ଭାବରେ ଜଗତସିଂହପୁର ଏକ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂହ, ପାଟକୁରା ବିଧାୟକଙ୍କ ପ୍ରତିନିଧି କ୍ଷିତିଶ୍ ଚନ୍ଦ୍ର ଦାଶ୍, କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ୍ ଦାସ୍, ଗରଦପୁର ବ୍ଲକ୍ ଅଧକ୍ଷ ଅଭୟ ମହାରାଜ, ପୂର୍ବତନ ବ୍ଲକ୍ ଅଧକ୍ଷ ଦିଲ୍ଲୀପ ସାହୁ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ମହାପାତ୍ର, ସେକ୍ ମେହେରେ ବାନ୍ ଅଲ୍ଲି, ପୂର୍ବତନ ସରପଞ୍ଚ ମଧୁସୂଦନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମକର ମହୋତ୍ସବରେ ଅନୁଷ୍ଠିତ ବିଶ୍ୱ ଶାନ୍ତି ମହାଯଜ୍ଞରେ କର୍ତ୍ତା ଭାବରେ ଦିପକ୍ କୁମାର ସ୍ୱାଇଁ ବସିଥିବା ବେଳେ ଆନନ୍ଦ ବଜାର ପରିଚାଳନା କରିଥିଲେ ପ୍ରଣବ କୁମାର ଜେନା, ଜିବିତେଶ୍ ପରିଡା ଏବଂ ଶୁଧାଂଶୁ ଶେଖର ସିଂ। ଶେଷରେ ପଳସୁଧା ପୂର୍ବତନ ସରପଞ୍ଚ ଅନୁଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସବୁ ଯୋଜନାରୁ ବଞ୍ଚିତ ସାବିତ୍ରୀ

**ମହାକାଳପଡ଼ା, ୨୧।୧ (ସଂଚାର ବ୍ୟୁରୋ) :** ସରକାରଙ୍କ ସବୁ ଯୋଜନା ବାଟବଣା ହୋଇଛି ଏହି ଅସହାୟ ବୃଦ୍ଧାଙ୍କ ପାଇଁ। ନା ରାସନ୍ କାର୍ଡରେ ଚାଉଳ ମିଳୁଛି। ନା ମିଳିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର। ବୟସ ୬୬ ବର୍ଷ ଛୁଇଁଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଅଛନ୍ତି। ଏମିତିକି ବିଦ୍ୟୁତ ସେବାରୁ ବଞ୍ଚିତ ରହି ଡିବିରି ଆଲୁଅରେ ରାତି କାଟୁଛନ୍ତି। ଏ ଘଟଣା କୌଣସି ଉପାନ୍ତ ଅଞ୍ଚଳର ନୁହେଁ ବରଂ ଉପକୂଳ ଓଡିଶାର ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ କୁହାଯାଉଥିବା ମହାକାଳପଡା ନିର୍ବାଚନ ମଣ୍ଡଳୀର।

ମହାକାଳପଡ଼ା ବ୍ଲକ ରାମନଗର ଗ୍ରାମ ପଞ୍ଚାୟତ ବରଜ ଗ୍ରାମରେ ରୁହନ୍ତି ୬୬ ବର୍ଷୀୟ ବୃଦ୍ଧା ସାବିତ୍ରୀ ସାମଲ। ସ୍ୱାମୀ ଠେକୁଆ ସାମଲ ଦ୍ୱିତୀୟ ପତ୍ନୀ ଓ ପୁଅକୁ ନେଇ ଅନ୍ୟ ଆଡେ ରହୁଛନ୍ତି। ତିନି ଝିଅଙ୍କର ବାହାଘର ସରିଛି। ସାନ ଝିଅର ସମସ୍ୟା ପାଇଁ ସାନଝିଅକୁ ପୋଷୁଛନ୍ତି ମାଆ ସାବିତ୍ରୀ। ହେଲେ ସରକାରଙ୍କ ସବୁ ଯୋଜନା ଏବେ ସାବିତ୍ରୀଙ୍କ ପାଇଁ ପାଲଟିଛି ସାତ ସପନ। ଆବାସ ଯୋଜନା, ରାସନ୍ କାର୍ଡରୁ ବଞ୍ଚିତ ଅଛନ୍ତି। ବୟସର ଅପରାହ୍ନରେ ପହଞ୍ଚିଥିଲେ ସୁଦ୍ଧା ମଧୁବାବୁ ପେନସନ ଯୋଜନାରେ ଭତ୍ତା ପାଇପାରି ନାହାଁନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିଜୁଳି ଆଲୁଅ ତାଙ୍କ ପାଖରେ ପହଞ୍ଚି ପାରିନାହିଁ। ରାତି ହେଉ



ଅବା ଦିନ ଡିବିରି ଆଲୁଅରେ ରାତି କାଟୁଛନ୍ତି। ନିଜର ଜମି କହିଲେ କିଛି ନାହିଁ।

ଏମିତି ପରିସ୍ଥିତିରେ ଅନ୍ୟଘରେ କାମଧନ୍ଦା କରି ଯାହା ଦୁଇ ପଇସା ମିଳୁଛି ସେଥିରେ ମାଆ,ଝିଅ ଓ ଦୁଇ ଛୁଆଙ୍କ ପେଟକୁ ଦାନା ଭରିବା ଅତ୍ୟନ୍ତ କଷ୍ଟକର।

**ନାହିଁ ରାସନ୍ କାର୍ଡ, ମିଳିନି ଭତ୍ତା**

**ଚାଳଛପର ଘରେ ବିତୁଛି ଜୀବନ**

**ଡିବିରି ଆଲୁଅରେ ରାତି କଟୁଛି**

ସମସ୍ତଙ୍କୁ ସରକାରୀ ସୁବିଧା ପାଇଁ ଗୁହାରି କରି କରି ଥକି ପଡ଼ିବା ପରେ ଭାଗ୍ୟକୁ ଆଦରି ବାକିତକ ଜୀବନ କଷ୍ଟରେ କାଟିଦେବାକୁ ଛଳଛଳ ଆଖିରେ କହିଛନ୍ତି ସାବିତ୍ରୀ।

ଏଠି ପ୍ରଶ୍ନ ଉଠୁଛି ଯଦି ସରକାର ସାଧାରଣ ଲୋକଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନାନାପ୍ରକାର ଯୋଜନା କରୁଛନ୍ତି ତେବେ ବାସ୍ତବିକ୍ ଏହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ କ'ଣ ପାଇଁ? ସ୍ଥାନୀୟ ଜନପ୍ରତିନିଧିଙ୍କର ଉଦାସିନତା ନା ସରକାରୀ କର୍ମଚାରୀମାନଙ୍କ ଦାୟିତ୍ୱହୀନତା ପାଇଁ ଏମିତି ବିକଳ ଦୃଶ୍ୟ ଦେଖିବାକୁ ମିଳୁଛି? ଆଶା କରୁଛୁ ଏ ଖବର ଦେଖିଲା ପରେ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ମାନଙ୍କ ତରଫରୁ ବୃଦ୍ଧାଙ୍କ ନିକଟରେ ପହଞ୍ଚି ସମସ୍ତ ସମସ୍ୟାର ସମାଧାନ କରିବେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**କେନ୍ଦ୍ରାପଡ଼ା, ୨୧।୧ (ସଂଚାର ବ୍ୟୁରୋ):** ଯୁବ ରେଡ କ୍ରସ୍ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ତୁଳସୀ ମହିଳା ମହା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମହା ବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁଙ୍କ ତତ୍ୱାବଧାନ ରେ ଯୁକ୍ତ ୩ ଯୁବ ରେଡ କ୍ରସ୍ ଅଧିକାରୀ ଅଧ୍ୟାପିକା ଡ଼ଃ ସୁଜାତା ଭଞ୍ଜ, ଅଧ୍ୟାପକ ରଞ୍ଜିତ ଦାସ, ଦିପ୍ତିପ୍ରଭା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଭାରତୀୟ ଯୁବ ରେଡ କ୍ରସ୍ ଓଡିଶା ଶାଖାର ପ୍ରଶିକ୍ଷକ ଓ ରକ୍ତଦାନ ଶିବିର ର ସଂଗଠକ ଦିପକ କୁମାର ଚୌଧୁରୀ ଶିବିର ଉଦ୍‌ଘାଟନ କରିଥିବା ବେଳେ ମହା ବିଦ୍ୟାଳୟ ର ପ୍ରଶାସନିକ ଅଧିକାରିଣୀ ଜ୍ୟୋସ୍ନାମୟୀ ପତି, ଡ଼ଃ ମଥୁରୀ ଚରଣ ନାୟକ ପ୍ରମୁଖଙ୍କ ସହଯୋଗ ରେ ୫୩ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗର ଆଲୋଚନାଚକ୍ର



**କେନ୍ଦ୍ରାପଡ଼ା, ୨୧।୧ (ସଂଚାର ବ୍ୟୁରୋ):** ତୁଳସୀ ମହିଳା ମହାବିଦ୍ୟାଳୟରେ ଗଣିତ ବିଭାଗ ତରଫରୁ "ଏକ୍ସପ୍ଲୋରିଙ୍ଗ୍ ଦ ଆର୍ଟ ଅଫ୍ ରାଇଟିଙ୍ଗ୍ ଏଫିସିଏଂଟ୍ ଏଣ୍ଡ୍ ସ୍କେଲେବଲ୍ କୋଡ୍ ଇନ୍ ସି ପ୍ଲସ ପ୍ଲସ" ଶୀର୍ଷକ ଏକ ରାଜ୍ୟସ୍ତରୀୟ ସେମିନାର୍ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଷୟ ବିଶେଷଜ୍ଞ ଭାବେ ଭୁବନେଶ୍ୱର ସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର୍ ଇଞ୍ଜିନୟରିଙ୍ଗ୍ ବିଭାଗର ବରିଷ୍ଠ ପ୍ରଫେସର୍ ଡ଼ ଆଲୋକ କୁମାର ଜଗଦେବ୍ ଯୋଗଦେଇ ବିଷୟ ବସ୍ତୁର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ବିଭାଗୀୟ ମୁଖ୍ୟା ପ୍ରଫେସର୍ ଜ୍ୟୋସ୍ନାମୟୀ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଆଇ.କ୍ୟୁ.ଏସି. ସଂଯୋଜକ ଡ଼ ମଥୁରୀ ଚରଣ ନାୟକ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାଧ୍ୟାପିକା ନିବେଦିତା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଅଧ୍ୟାପକ ରାଜେନ୍ଦ୍ର କୁମାର ସାହୁ, ଶୁଭସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଫେସର୍ ସବିତା ଦାସ, ଅଧ୍ୟାପକ ବ୍ରହ୍ମାନନ୍ଦ ସେଠୀ , ସୌମ୍ୟ ରଞ୍ଜନ ପ୍ରଧାନ, ଲିପିକା ରାଉତ ଓ ଶତାଧିକ ଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ ।

# ବିଦ୍ୟୁତ ଆଘାତରେ ଯାତ୍ରାପାର୍ଟି କର୍ମଚାରୀଙ୍କ ମୃତ୍ୟୁ

**ରାଜନଗର, ୨୧।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ତାଳଚୁଆ ଠାରେ ଅପେରା ପରିବେଷଣ କରୁଥିବା ଯାତ୍ରାପାର୍ଟି କର୍ମଚାରୀଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ସୂଚନା ମୁତାବକ ଆଜି ସକାଳେ ଯାତ୍ରା ପାର୍ଟିର ପ୍ରଚାର ଗାଡି ପାଇଁ ଚାର୍ଜରେ ବସିଥିବା ଇନଭର୍ଟରରୁ ବ୍ୟାଟେରୀ ଖୋଲୁଥିଲେ। ଯାତ୍ରାପାର୍ଟିର କର୍ମଚାରୀ କିଶନନଗର ଅଞ୍ଚଳର ଅନାଦି ଗୋଚ୍ଛାୟତଙ୍କ ପୁଅ ପ୍ରକାଶ ଚନ୍ଦ୍ର ଗୋଚ୍ଛାୟତ (୩୨ବର୍ଷ) ଇନଭର୍ଟର ସୁଇଚ୍ ବନ୍ଦ ନକରି ବ୍ୟାଟେରୀ ଖୋଲୁଥିଲେ। ହଠାତ୍ ବିଦ୍ୟୁତ ଆଘାତରେ ପ୍ରକାଶ ଛିଟିକି ପଡ଼ିଥିଲେ। ତାଙ୍କୁ ସଂଗେ ସଂଗେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ରାଜନଗରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା କଳାକାରଙ୍କ ମହଲରେ ଶୋକର ଛାୟା ଖେଳାଇ ଦେଇଛି।

## ମହାକାଳପଡ଼ାରେ ଭୀମଭୋଇ ଭିନ୍ନକ୍ଷମ ଶିବିର

# ପଞ୍ଜିକୃତ ହେଲା ୭୯୦ ଆବେଦନ

**ମହାକାଳପଡ଼ା, ୨୧।୧ (ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡ଼ା ସାମାଜିକ ସୁରକ୍ଷା ବିଭାଗ ତରଫରୁ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବ୍ଲକ ଅଧିନ ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ଏହି ଶିବିରରେ ସାମିଲ ହୋଇ ନିଜ ନିଜର ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ପଞ୍ଜିକରଣ କରିଥିଲେ। ଏହି ଶିବିରରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରକୁ ଉଦଘାଟନ କରିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ମାନଙ୍କ ସଶକ୍ତିକରଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।



ଏହି ଶିବିରରେ ୧୧୭ ଦୃଷ୍ଟି ବାଧିତ,୧୦୮ ଶ୍ରବଣ ବାଧିତ, ୧୨୫ ମାନସିକ ଅନଗ୍ରସର ଓ ୪୪୦ ଅସ୍ଥିଶଲ୍ୟ ଆବେଦନ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୯୭ ଟି ଦୃଷ୍ଟି ବାଧିତ,୮୬ ଶ୍ରବଣ ବାଧିତ,୯୭ ମାନସିକ ଅନଗ୍ରସର ଓ ୩୩୯ ଗୋଟି ଅସ୍ଥିଶଲ୍ୟ ଆବେଦନର ଡାକ୍ତରୀ ପରୀକ୍ଷା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ାର ବିଡ଼ିଓ ଶିବ ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲି ପ୍ରିୟଦର୍ଶିନୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ପରିଡ଼ା, ସୂଚନା ପରିଚାଳକ (ଡିପିଏ)ଉମାକାନ୍ତ ନାୟକ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ମେଡ଼ିକାଲ ର ଦୃଷ୍ଟି ବାଧିତ,ଶ୍ରବଣ ବାଧିତ,ମାନସିକ ଅନଗ୍ରସର,ଅସ୍ଥିଶଲ୍ୟ,ଶିଶୁ ଓ ମେଡ଼ିସିନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ଡାକ୍ତରୀ ପରୀକ୍ଷା କରିଥିଲେ। ବ୍ଲକ ସ୍ତରୀୟ ଏହି ଶିବିର ଅନୁଷ୍ଠିତ ହୋଇଥିବାରୁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା।

# ଶୁଦ୍ଧିକ୍ରିୟା ପାଇଁ ସହାୟତାର ହାତ ବଢ଼ାଇଲା କାଳିଆସେବା ଫାଉଣ୍ଡେସନ

**ରାଜନଗର, ୨୧।୧ (ସଂଚାର ବ୍ୟୁରୋ):** ଏକ ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା କାର୍ଯ୍ୟ ପାଇଁ ସହାୟତା ର ହାତ ବଢ଼ାଇଛନ୍ତି କାଳିଆ ସେବା ଫାଉଣ୍ଡେସନ ର ସଦସ୍ୟମାନେ। ଆଜି ସଙ୍ଗଠନର ସଦସ୍ୟମାନେ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଚଣ୍ଡିଆ ବାଉଁଶ ମୂଳ ଗ୍ରାମ ପଞ୍ଚାୟତ ବଡଡିଆ ଗ୍ରାମର ଦୀନବନ୍ଧୁ ପରିଡ଼ା ଜଣେ ଗରିବ ଶ୍ରେଣୀର ଲୋକ। ଦୀନ ମଜୁରୀ କରି ଅତି କଷ୍ଟରେ ୪ ପ୍ରାଣୀଙ୍କ ଗୁଜୁରାଣ ମେଣ୍ଟାଉଥିଲେ। ରାସନ୍ କାର୍ଡ ଖଣ୍ଡକ ଛାଡ଼ିଦେଲେ ତାଙ୍କ ପାଖରେ ସରକାରୀ ସୁବିଧା କହିଲେ କିଛି ନାହିଁ। କିଛିଦିନ ତଳେ ଦୀନବନ୍ଧୁ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ତରଫରୁ କରଜ କରି ତାଙ୍କର ଚିକିତ୍ସା ପାଇଁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଶବ ସତ୍କାର କରାଯାଇଥିଲା। ତାଙ୍କର ଶୁଦ୍ଧିକ୍ରିୟା କାର୍ଯ୍ୟ ପାଇଁ ପରିବାର ଅତ୍ୟନ୍ତ ଚିନ୍ତାରେ ଥିଲେ। ଏନେଇ ସୂଚନା ପାଇବା ପରେ ସଙ୍ଗଠନ ତରଫରୁ ଚିନ୍ମୟ ବଳ, କଳ୍ପତରୁ ରାଉତ, ସୁବ୍ରତ ରାଉତ, ରତିକାନ୍ତ ବଳ ପହଞ୍ଚି ସହଯୋଗ କରିଛନ୍ତି।



# ମହାକାଳପଡ଼ା ବିଧାୟକଙ୍କ ଉପରେ ପୁଣି ବର୍ଷିଲେ ସୌଭାଗ୍ୟ

**ମହାକାଳପଡ଼ା, ୨୧।୧ (ସଂଚାର ବ୍ୟୁରୋ):** ପୁଣି ଥରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ବିଜେପି ନେତା ଡଃ ସୌଭାଗ୍ୟ ପରିଡ଼ା। ଜଣେ ସରକାରୀ କର୍ମଚାରୀଙ୍କୁ ବଦଳି କରି ଆଣିବା ପାଇଁ ବିଧାୟକଙ୍କ ଲେଟର ପ୍ୟାଡ ରେ ଦୁଇ ଦୁଇଟି ଚିଠି କରାଯିବା ଘଟଣାକୁ ଲୋକଲୋଚନକୁ ଆଣି ସନ୍ଦେହ ପ୍ରକଟ କରିଛନ୍ତି। ଗୋଟିଏ ଲୋକକୁ ଦୁଇ ଦୁଇଟି ଯାଗାକୁ ବଦଳି ପାଇଁ ପୃଥକ ପୃଥକ ଚିଠି କରିବା ବିଷୟ ବିଧାୟକଙ୍କ ଜାଣତରେ ହୋଇଛି କି ଏଥିରେ ସୁପର୍ ବିଧାୟକଙ୍କ ସମ୍ପୃକ୍ତି ରହିଛି ବୋଲି ସେ ସାମାଜିକ ଗଣମାଧ୍ୟମରେ ଭିଡିଓ ପୋଷ୍ଟ କରି ବିଧାୟକଙ୍କ କାର୍ଯ୍ୟ ଉପରେ ନିଶାନା କରିଛନ୍ତି। ଯାହା ଏବେ ମହାକାଳପଡ଼ା ରାଜନୈତିକ ପାଣିପାଗକୁ ପୁଣି ସରଗରମ କରିଛି।

ମହାକାଳପଡ଼ା ବ୍ଲକ ବଳିପାଳ ଗ୍ରାମ ପଞ୍ଚାୟତ ବାଲିଆ ଗ୍ରାମର ଶ୍ରୀକାନ୍ତ କୁମାର ନାୟକ ଲେଫ୍ଟ କେନାଲ ସବଡିଭିଜନ, ମୋଟୋ, ମାଲକାନଗିରି ଜିଲ୍ଲାରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କର ବଦଳି କରି କେନ୍ଦ୍ରାପଡ଼ା ଜିଲ୍ଲା ସାଲାଇନ ସବଡିଭିଜନ, ରାଜନଗରର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭାବରେ ନିୟୋଜିତ କରିବାକୁ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ବିଧାୟକଙ୍କ ଲେଟର ପ୍ୟାଡ ରେ ଗୋଟିଏ ଚିଠି କରାଯାଇଛି। ତା ୨୮ ଜୁଲାଇ ୨୦୨୪ ମସିହାରେ ବିଧାୟକଙ୍କ ପ୍ୟାଡ୍ ରେ କରାଯାଇଥିବା ଏହି ଚିଠିର ରେଫରେନ୍ସ ନମ୍ବର ରହିଛି ୦୨୯/ଏମକେଡିପି/୨୦୨୪।

**ଜଣଙ୍କ ବଦଳି ପାଇଁ ଦୁଇଟି ଚିଠି**

**ନିଶାନାରେ ସୁପର ବିଧାୟକ**

ସେହିପରି ଅନ୍ୟ ଏକ ଚିଠି ଯାହା ୯ ଅକ୍ଟୋବର ୨୦୨୪ରେ ଜଳ ସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ କୁ ବିଧାୟକଙ୍କ ତରଫରୁ କରାଯାଉଛି। ସେହି ଚିଠିରେ ଶ୍ରୀକାନ୍ତ କୁମାର ନାୟକଙ୍କୁ ଏମ୍ବାକମେଣ୍ଟ ସବଡିଭିଜନ,ଆଳିର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭାବରେ ନିଯୁକ୍ତ ପାଇଁ ଲେଖାଯାଇଅଛି। ଯାହାର ରେଫରେନ୍ସ ନମ୍ବର ରହିଛି ୧୧୪/ ଏମକେଡିପି/୨୦୨୪। ଏମିତି ଘଟଣାକୁ ସାମ୍ନାକୁ ଆଣି ମହାକାଳପଡ଼ା ବିଧାୟକ ଯୁବ ପ୍ରସନ ପାଟଶାଣୀଙ୍କ ଭଳି ରୋଲ୍ ଓ ଯୁବ ସୁର ରାଉତରାୟଙ୍କ ଭଳି ଆଚରଣ କରୁଛନ୍ତି ବୋଲି ସେ କହିଛନ୍ତି। ୫ ମିନିଟ ୧୭ ସେକେଣ୍ଡର ଭିଡିଓ ବାର୍ତ୍ତା ର ଏହି ଭିଡିଓ ବାର୍ତ୍ତାରେ ସେ ଆହୁରି ମଧ୍ୟ ଅନେକ ପ୍ରଶ୍ନ ପଚାରି ବିଧାୟକଙ୍କୁ ସେ ଅଫିସରଙ୍କ ଆଗରେ ନିଜର ତଥା ମହାକାଳପଡ଼ାବାସୀଙ୍କ ଗାରିମା ବଞ୍ଚାଇ ରଖିବାକୁ ମତ ରଖିଛନ୍ତି।

ଗୋଟିଏ ବ୍ୟକ୍ତି ପାଇଁ ଦୁଇଟି ଚିଠି କରାଯିବା କେତେ ଠିକ୍? ଏ ସମ୍ପର୍କରେ ବିଧାୟକ ମହୋଦୟ ଅବଗତ ଅଛନ୍ତି ତ? ନା ଗୋଟିଏ ଚିଠି ବିଧାୟକ ଲେଖିଛନ୍ତି ଓ ଅନ୍ୟଟି ସୁପର୍ ବିଧାୟକ ଲେଖିଛନ୍ତି? ଏମିତି କାର୍ଯ୍ୟ କରିବା ଆଦୌ ଯଥାର୍ଥ ନୁହେଁ। ଏହାଦ୍ୱାରା ସେ ଅଫିସରଙ୍କ ଆଗରେ ନିଜର ଗାରିମା ନଷ୍ଟ କରୁଛନ୍ତି। ପୂର୍ବରୁ ମଧ୍ୟ କିଛି ପୋଲିସ ଅଫିସରଙ୍କୁ ବଦଳି ପାଇଁ ବିଧାୟକଙ୍କ ପ୍ୟାଡ୍ ରେ ସୁପାରିଶ କରିବା ଘଟଣାକୁ ନେଇ ମୁହଁ ଖୋଲିଥିଲେ ସୌଭାଗ୍ୟ। ଯଦି ତାହା ବିଧାୟକଙ୍କର ଚିଠି ନଥିଲା ଓ ତାହା ମିଥ୍ୟା ଥିଲା ତେବେ ବିଧାୟକ ଏନେଇ କୋଣସି ଏତଲା କରିନାହାନ୍ତି କ'ଣ ପାଇଁ ବୋଲି କହିଥିଲେ। ତାହାଲେ ବିଧାୟକଙ୍କ ପ୍ୟାଡ୍ କେତେ ଜଣଙ୍କ ପାଖରେ ରହିଛି ଓ ସେମାନେ ତାହାର ଅପବ୍ୟବହାର କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

# ସେଲୁନ୍ ଭଙ୍ଗାରୁଜା ଘଟଣାରେ ୪ ଗିରଫ

**ସାଲେପୁର, ୨୧।୧ (ସଂଚାର ବ୍ୟୁରୋ):** ଜପକୁଦ ସେଲୁନ୍, ପୂଜାଘର ଭଙ୍ଗା ଓ ଗଣ୍ଡଗୋଳ ଘଟଣାରେ ସାଲେପୁର ପୁଲିସ ଦୁଇପକ୍ଷର ୪ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି ଜପକୁଦ ଫାଣ୍ଡି ଅନ୍ତର୍ଗତ ଜପକୁଦଠାରେ ଥିବା ଏକ ସେଲୁନ୍ ଓ ପୂଜାଘର ଭଙ୍ଗାକୁ ନେଇ ଦୁଇପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହିଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପ୍ରକାଶ ଯେ ଗତ ୨୦ତାରିଖ ଦିନ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ପୂଜାଘର ଓ ଅମରେନ୍ଦ୍ର ବାରିକଙ୍କ ସେଲୁନ୍‌କୁ ଏଲମାପୁର ଗ୍ରାମର ଅଜୟ କାଣ୍ଡି ଓ କଟରପା ଗ୍ରାମର ଦୀପକ ବାରିକ ଭଙ୍ଗାରୁଜା କରିବା ସହ ଠାକୁରାଣୀ ଜିନିଷ ନେଇଯିବା ଓ ନଷ୍ଟ କରି ଗାଳିଗୁଲଜ କରି ଧମକ ଦେଇଥିବା ନେଇ ସାଲେପୁର ଥାନାରେ ପ୍ରଶାନ୍ତ କୁମାର ମହାପାତ୍ର ଅଭିଯୋଗ କରିଥିଲେ। ସେହିପରି ଉକ୍ତ ଦିନ ସନ୍ଧ୍ୟାରେ ନେତ୍ରାନନ୍ଦ ଭୋଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ କି ଜପକୁଦ ବଜାର ନିକଟରେ ତାଙ୍କ ଜାଗା ସମ୍ମୁଖରେ ସେ ଗଦା କରିଥିବା ବାଲିକୁ ଏଣେତେଣେ ଫୋପାଡ଼ି ନଷ୍ଟ କରିଦେଉଛନ୍ତି, ଖବରପାଇ ତାଙ୍କ ସାନଭାଇ ବସନ୍ତ ଭୋଇ ସେଠାରେ ପହଞ୍ଚି ବାଲି ନଷ୍ଟ କରୁଥିବା ରମେଶ ଭୋଇ, ଶିବ ପ୍ରସାଦ ଭୋଇଙ୍କୁ ବାରଣ କରିବାରେ ସେମାନେ ତାଙ୍କ ଭାଇକୁ ମାରଧର କରିବା ସହ ବିଭିନ୍ନ ପ୍ରକାର ଧମକ ଦେଇଥିବାର ନେତ୍ରାନନ୍ଦ ଭୋଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଉଭୟ ଅଭିଯୋଗକୁ ଗ୍ରହଣ କରି ୧୬/୨୦୨୫ ଓ ୧୮/୨୦୨୫ରେ ୨ଟି ମାମଲା ରୁଜୁ କରି ଏହି ଘଟଣାରେ ଉଭୟ ପକ୍ଷରୁ ଏଲମାପୁର ଗ୍ରାମର ଅଜୟ କାଣ୍ଡି ଓ ଦୀପକ ଭୋଇକୁ କେଶ୍ ନଂ-୧୬ରେ ଗିରଫ କରିଥିବାବେଳେ କେଶ୍ ନଂ-୧୮ରେ ରମେଶ ଭୋଇ ଓ ଶିବପ୍ରସାଦ ଭୋଇକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ରଙ୍ଗାଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଯାଜପୁର ବିଜୟୀ

**ମାର୍ଶାଘାଇ, ୨୧।୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ମେହେନ୍ଦିନଗର ପଞ୍ଚାୟତ ରଙ୍ଗାଳ ଖେଳ ପଡିଆରେ ଅନୁଷ୍ଠିତ ୩୭ତମ ମାନସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଲିଗ ମ୍ୟାଚରେ ଯାଜପୁର ବାଟମଙ୍ଗଳା ଟିମ ବିଜୟୀ ହୋଇଛି । ଭୁବନେଶର ଯେସି କ୍ଲବ ଏବଂ ଯାଜପୁର ବାଟ ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ଟିମ ନିର୍ଦ୍ଧାରିତ ୨୦ ଓଭରରେ



ସମସ୍ତ ଉଇକେଟ ହରାଇ ୧୪୩ ରନ କରିଥିଲା। ଜବାବରେ ଯାଜପୁର ବାଟମଙ୍ଗଳା ଟିମ ୧୯ ଓଭରରେ ଆଠ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରି ବିଜୟୀ ହୋଇଛି । ଯାଜପୁର ଟିମର ଆଲୋକ ବାରିକ ବ୍ୟାଟିଂରେ ଦ୍ରୁତ ୩୦ ରନ୍ ଏବଂ ବୋଲିଂ ରେ ମୂଲ୍ୟବାନ ୩ଟି ଉଇକେଟ ଅକ୍ତିଆର କରି 'ମ୍ୟାନ ଅଫ ଦି ମ୍ୟାଚ' ହୋଇ ଆୟୋଜକ କ୍ଲବର ବରିଷ୍ଠ ସଭ୍ୟ କୁଳମଣି ପଣ୍ଡା ଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ଅମ୍ପାୟାର ଭାବେ ପ୍ରଭାତ ରଞ୍ଜନ ସ୍ୱାଇଁ, ବୁଲୁଜେନା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ବବୁଲ ଦାସ ଦାୟିତ୍ୱ ନିଭାଇଥିଲେ ।

## ମହାବୀର ଚ୍ୟାଲେଞ୍ଜ ଟ୍ରଫି

# ନିମପୁର ସ୍ପୋର୍ଟ୍ସକୁ ହରାଇ ସେମିରେ ଡାଇମଣ୍ଡ କ୍ରିକେଟ

**ରାଜନଗର, ୨୧।୧ (ସଂଚାର ବ୍ୟୁରୋ):** ମଦନପୁର ଠାରେ ଚାଲିଥିବା ମହାବୀର ଚ୍ୟାଲେଞ୍ଜ ଟ୍ରଫିର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ନିମପୁର ସ୍ପୋର୍ଟ୍ସ ଜଗତପୁରକୁ ୮ ଉଇକେଟରେ ହରାଇ ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦ୍ୱୀପ ୩ୟ ଦଳ ଭାବେ ସେମି ଫାଇନାଲରେ ପହଁଚିଛି।

ପ୍ରଥମେ ବ୍ୟାଟିଂ କରି ନିମପୁର ସ୍ପୋର୍ଟ୍ସ ଜଗତପୁର ୧୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲେ। ଦଳର ଅବଦୁଲ ଲତିକ ୨୫ ବଲରୁ ୫୫ ରନ ଏବଂ ରଞ୍ଜନ ସାମଲ ୧୨ ବଲରୁ ୨୨ ରନ ସଂଗ୍ରହ କରିଥିଲେ। ୧୫୬ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦ୍ୱୀପ ୧୫.୧ ଓଭରରେ ୨ ଉଇକେଟରେ ହରାଇ ଆବଶ୍ୟକ ରନ ସଂଗ୍ରହ ବିଜୟ ଲାଭ କରିଥିଲେ। ପାରାଦ୍ୱୀପର ପ୍ରମୋଦ ବେହେରା ୨୪ ରୁ ୭ଟି ଚଉକା, ୫ଟି ଛକା ସହାୟତାରେ ୬୯ ସଂଗ୍ରହ କରିଥିଲେ। ପ୍ରମୋଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁଧାକର ପ୍ରଧାନ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚରେ ଅମ୍ପାୟାର ଭାବେ ନିରଞ୍ଜନ ଦାସ, ତନୁଜ ସାହୁ, ସ୍କୋରର ଭାବେ ସୋମ୍ୟ ରଞ୍ଜନ ବେହୁରା, ପ୍ରଶାନ୍ତ ନାୟକ, ଭାଷ୍ୟକାର ଭାବେ ସୁଧିର ବେହୁରା, ଅସିତ ତ୍ରିପାଠୀ, ରମାକାନ୍ତ ରାଉତ ଦାୟିତ୍ୱ ତୁଲାଇଥିବା ବେଳେ ମହାବୀର ଯୁବକ ସଂଘର ସଭାପତି ଆଶିଷ ରାଉଳ, ସଚ୍ଚିଦାନନ୍ଦ ପାତ୍ର ଖେଳ ପରିଚାଳନା କରିଥିଲେ।

# ଜଗତପୁର-ନିଶ୍ଚିନ୍ତକୋଇଲିରେ ଭାରୀଯାନ ଚଳାଚଳ ଉପରେ ରୋକ୍

**ସାଲେପୁର, ୨୧।୧ (ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାସ୍ତାର ଜଗତପୁର ଠାରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ ରୋକ୍ ଲଗାଇଲେ କଟକ ଜିଲ୍ଲାପାଳ। ପ୍ରକାଶ ଯେ ଦୈନନ୍ଦିନ କଟକ-ଚାନ୍ଦବାଲି ରାସ୍ତା ଦେଇ ପାରାଦୀପ ଅଭିମୁଖେ ଶହ ଶହ ସଂଖ୍ୟକ ଭାରୀଯାନ ଯାତାୟତ କରୁଛନ୍ତି। ଫଳରେ ଭାରୀଯାନ ଚଳାଚଳ କରିବାରୁ ଏହି ରାସ୍ତାରେ ନିୟମିତ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟୁଥିବାବେଳେ ଭାରୀଯାନ ପାଇଁ ସାଲେପୁର ସହରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏପରିକି ଅଧିକାଂଶ ସମୟରେ ସାଲେପୁରରେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହିବାରୁ ଜରୁରୀକାଳୀନ ଗାଡ଼ି ଯାତାୟତରେ ବାଧା ଉପୁଜିଛି। ଏହି ଭାରୀଯାନ ଚଳାଚଳ କରିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଟିକସ ଫାଙ୍କିବାପାଇଁ ଏହି ରାସ୍ତା ଦେଇ ଦୈନନ୍ଦିନ ଆଇରନ୍ ଟ୍ରକ୍ ଠାରୁ ଆରମ୍ଭ କରି ବହୁ ଭାରୀଯାନ ଯାତାୟତ କରିଥାଏ। ଏହି ଯାନ ଗୁଡିକ ରାସ୍ତାରେ ନିୟମିତ ଯାତାୟତ କରିବାରୁ ଟ୍ରାଫିକ୍ ସମସ୍ୟା ସାଲେପୁରରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବା ସହ ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ମଧ୍ୟ ଖରାପ ହୋଇଯାଉଛି।

ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ଶେଷରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଜଗତପୁରରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ ରୋକ୍ ଲଗାଇବାପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଶେଷ କରି ଏହି ରାସ୍ତାରେ ଜାନୁୟାରୀ ୨୨ତାରିଖ ଠାରୁ ଫେବୃୟାରୀ ୨୧ତାରିଖ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ ରୋକ ଲଗାଇଛନ୍ତି। ବିଶେଷ କରି ୬ଚକିଆ ଯାନରୁ ଉର୍ଦ୍ଧ୍ୱ ଚକିଆ ଭାରୀଯାନ ୧୮.୫ଟନ୍‌ରୁ ଉର୍ଦ୍ଧ୍ୱ ଓଜନର ସାମଗ୍ରୀ ନେଇ ଏହି ରାସ୍ତା ଦେଇ ଯାତାୟତ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆସନ୍ତା କାଲିଠାରୁ ଏହି ରାସ୍ତାରେ ଭାରୀଯାନ ଚଳାଚଳ ନକରିବାପାଇଁ ପ୍ରଥମେ ପୁଲିସ ପକ୍ଷରୁ ସଚେତନତା କରାଯିବ। ଯଦି କୌଣସି ଅମାନିଆ ଏହି ଆଦେଶନାମାକୁ ନମାନନ୍ତି, ତେବେ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ବାରହା ଶିକାର ଜାଲରେ ଚାଲିଗଲା ଦମ୍ପତିଙ୍କ ଜୀବନ



କୋରାପୁଟ,୨୧।୧ (ସଂଚାର ବ୍ୟୁରୋ): ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଚାଲିଗଲା ଦମ୍ପତିଙ୍କ ଜୀବନ। ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ କୋରାପୁଟ ଗେରୁପୁଟ ଗାଁର ବଳରାମ ଗଲେଲ ଓ ବଲା ଗଲେଲ। ଜଙ୍ଗଲରେ ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉଭୟଙ୍କ ମୃତ୍ୟୁ ହୋଇଛି। ଦୁଇ ଜଣ ନନ୍ଦପୁର ହାଟପଦା ନିକଟରେ ଚା' ଦୋକାନ କରନ୍ତି। ଗତକାଲି ସଂଧ୍ୟାରେ ଏମାନେ କାଠ ଆଣିବା ପାଇଁ ଜଙ୍ଗଲକୁ ଯାଇଥିଲେ । ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ନଫେରିବାରୁ ଗାଁ ଲୋକେ ଖୋଜାଖୋଜି କରିବା ପରେ ଜଙ୍ଗଲରେ ଦୁଇ ଜଣଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

# ‘ବାଗଚି-କରୁଣାଶ୍ରୟ ପାଲିଏଟିଭ୍ କେୟାର ସେଣ୍ଟର’ ଉଦ୍‌ଘାଟିତ

● କ୍ୟାନ୍ସର୍ ରୋଗୀଙ୍କୁ ମାଗଣା ଚିକିତ୍ସା, ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବଢ଼ାଇବ: ଧର୍ମେନ୍ଦ୍ର

● ମାନବୀୟ ଆଦର୍ଶର ଶ୍ରେଷ୍ଠ ଉଦାହରଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ‘ବାଗଚି-କରୁଣାଶ୍ରୟ ପାଲିଏଟିଭ୍ କେୟାର ସେଣ୍ଟର’ ଓଡ଼ିଶାର କର୍କଟ ରୋଗୀଙ୍କ ମାଗଣା ଚିକିତ୍ସା କରିବା ସହ ପାଲିଏଟିଭ୍ କେୟାର୍ ସହ ଜଡ଼ିତ ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବଢ଼ାଇବ ବୋଲି ମତ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ଏଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ସମାଜରେ ଭଲ କାମ କରି ନିଜକୁ ପରିଚିତ ନ କରାଇବାର ପରମ୍ପରା ଓଡ଼ିଆ ଲୋକଙ୍କ ପାଖରେ ଅଛି ବୋଲି କହିବା ସହ ଏଭଳି ସଂସ୍କାରରେ କାମ କରୁଥିବା ଶିଳ୍ପପତି ସୁବ୍ରତ ବାଗଚି ଓ ତାଙ୍କ ଧର୍ମପତ୍ନୀ ସୁସ୍ମିତା ବାଗଚିଙ୍କୁ ଏପରି ଏକ ପ୍ରୟାସ ପାଇଁ ଧନ୍ୟବାଦ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଏପରି ଏକ ପ୍ରତିଷ୍ଠାନକୁ ମାନବୀୟ ଆଦର୍ଶର ଶ୍ରେଷ୍ଠ ଉଦାହରଣ ଏବଂ ଦାନ, ଦୟା ଓ କରୁଣାର ଏକ ମହାନ ପ୍ରତିଫଳନ ବୋଲି କହିଛନ୍ତି। ପ୍ରତିଷ୍ଠାତା ବାଗ୍‌ଚୀ ଦମ୍ପତିଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମାଜସେବା କ୍ଷେତ୍ରରେ ଏପରି ନିଃସ୍ୱାର୍ଥପର ଅବଦାନ ଆଜିକାଲି ଖୁବ କ୍ୱଚିତ ଦେଖିବାକୁ ମିଳୁଛି । ତେଣୁ ଏହି ଦମ୍ପତି ଓଡ଼ିଶା ପାଇଁ ଆଦର୍ଶ। ସେମାନଙ୍କ ପଦକ୍ଷେପ ନିଶ୍ଚିତ ଭାବେ ଅନ୍ୟମାନଙ୍କୁ ସମାଜସେବା ପାଇଁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ରାଜ୍ୟରେ ଉନ୍ନତ ପର୍ଯ୍ୟାୟ କ୍ୟାନ୍ସର୍ ରୋଗୀଙ୍କ ପାଇଁ ମାଗଣା ସାମଗ୍ରିକ ପାଲିଏଟିଭ କେୟାର ପ୍ରଦାନ କରିବା ଉଦ୍ଦେଶ୍ୟରେ ସାମାଜିକ ସଂଗଠନ ବାଙ୍ଗାଲୋର ହସପିସ ଟ୍ରଷ୍ଟ ସହଯୋଗରେ ଏହି କେନ୍ଦ୍ର ଆରମ୍ଭ ହୋଇଛି। ଏଠାରେ କ୍ୟାନ୍ସର ରୋଗୀଙ୍କ ପାଇଁ ୧୧୦ ଶଯ୍ୟା ବିଶିଷ୍ଟ ହସ୍ପିସ୍ ଓ ହୋମ୍ କେୟାର ସୁବିଧା ଏବଂ ଏକ ଗବେଷଣା ଓ ଶିକ୍ଷା କେନ୍ଦ୍ର ରହିଛି।



# ଭତ୍ତା ନେଲା ବୃଦ୍ଧଙ୍କ ଜୀବନ



ଟାଙ୍ଗୀ ଚୌଦ୍ୱାର,୨୧।୧ (ସଂଚାର ବ୍ୟୁରୋ): ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଓ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧାଙ୍କ ପାଇଁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି ଭତ୍ତା ରାଶି । ଏହି ଭତ୍ତା ରାଶି ଟିକକ ପାଇଁ ଅନେକ ବୃଦ୍ଧ ବୃଦ୍ଧା ତଥା ଦିବ୍ୟାଙ୍ଗମାନେ ଖୁସି ଅଛନ୍ତି। ସରକାର ଦିବ୍ୟାଙ୍ଗଙ୍କ ପାଇଁ ଭତ୍ତା ରାଶି ଘୋଷଣା କରିବା ପରେ ଦିବ୍ୟାଙ୍ଗଙ୍କ ଚିହ୍ନଟ ପ୍ରକ୍ରିୟା ପାଇଁ ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜନ ଚାଲିଛି । ଏହାରି ଭିତରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ତରଫରୁ ଟାଙ୍ଗୀ ସ୍କୁଲ ପଡିଆରେ ଦିବ୍ୟାଙ୍ଗ ଚିହ୍ନଟ ପ୍ରକ୍ରିଆ ଆରମ୍ଭ ହୋଇଥିଲା । ସରକାର ଘୋଷଣା କରିଥିଲେ ଯେଉଁମାନେ ୮୦ ଭାଗ ଦିବ୍ୟାଙ୍ଗ ଥିବେ ସେମାନଙ୍କୁ ୩୫୦୦ ଆର୍ଥିକ ସହାୟତା ରାଶି ଦିଆଯିବ । ଏହାକୁ ଦୃଷ୍ଟିରେ ରଖି ବହୁ ଆଶାୟୀ ସାମର୍ଥ୍ୟ ଶିବିର ଆସିଥିଲେ । ପ୍ରାୟ ୧ ହଜାରରୁ ଅଧିକ ଦରଖାସ୍ତ ଦେଇଥିଲେ ହିତାଧିକାରୀ । କିନ୍ତୁ ବହୁ ଆଶାୟୀ ଫେରିଯାଇଥିଲେ । ସେପଟେ ବ୍ଲକ ପ୍ରଶାସନ ତରଫରୁ ବହୁ ଅବ୍ୟବସ୍ଥା ହୋଇଥିଲା । ଡାକ୍ତର କମ ଥିଲେ, ପିଇବା ପାଣିର ସୁବିଧା ନଥିଲା, ସହାୟତା କରିବା ପାଇଁ କେହି ନଥିଲେ, ଫଳରେ ବହୁ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହାରି ଭିତରେ ଚୌଦ୍ୱାର ଚାରି ଘରିଆ ଅଞ୍ଚଳରୁ ଆସିଥିବା ଇନ୍ଦ୍ରମଣି ପୃଷ୍ଟି ଏଠାକୁ ଭତ୍ତା ରାଶି ପାଇଁ ଆବେଦନ କରିବାକୁ ଆସିଥିଲେ । କିନ୍ତୁ ହଠାତ ଅଚେତ ହୋଇ ତଳେ ପଡିଯାଇଥିଲେ ଇନ୍ଦ୍ରମଣି । ସଙ୍ଗେ ସଙ୍ଗେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଏଭଳି ଘଟଣାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି ।

# ରାସ୍ତା ନଥିବାରୁ ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ

ମୋହନା,୨୧।୧(ସଂଚାର ବ୍ୟୁରୋ): ରାସ୍ତା ନଥିବାରୁ ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ ମହିଳା। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ବାଡେଗୁଡା ପଞ୍ଚାୟତ ପଡ଼େରେମା ଗାଁରେ। ଗାଁର ଲକ୍ଷ୍ମୀ ନାୟକ ନାମକ ମହିଳାଙ୍କୁ ପ୍ରସବ ଯନ୍ତ୍ରଣା ହୋଇଥିଲା। ଘରଲୋକ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ, ଆମ୍ବୁଲାନ୍ସ ମଧ୍ୟ ଠିକ୍ ସମୟରେ ପହଞ୍ଚିଥିଲା। ତେବେ ବାଡେଗୁଡା ଠାରୁ ପଡ଼େରେମା ଗାଁକୁ ଭଲ ରାସ୍ତା ନଥିବାରୁ ବାଡେଗୁଡାରେ ଆମ୍ବୁଲାନ୍ସଟି ରହିଯାଇଥିଲା। ଫଳରେ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ବିଦ୍ୟାଧର ସାହୁ, ପାଇଲଟ ଆଲୋକ କୁମାର ନାୟକ ଓ ସଞ୍ଜୟ ଦଳବେହେରାଙ୍କ ପ୍ରଚେଷ୍ଟାରେ ଷ୍ଟ୍ରେଚରରେ ଦୀର୍ଘ ୩ କି.ମି ବୋହି ମହିଳାଙ୍କୁ ନେଇଥିଲେ ଏବଂ ଗାଡ଼ିରେ ମହିଳାଙ୍କୁ ଅଡବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଥିଲେ। ମେଡିକାଲରେ ମହିଳାଙ୍କର ଏକ ପୁତ୍ର ସନ୍ତାନ ଜନ୍ମହେଇଥିବାବେଳେ ଉଭୟ ମା’ ଓ ଶିଶୁ ସୁସ୍ଥ ଥିବା ନେଇ ଡାକ୍ତର ଅମରେଶ କୁମାର ପାତ୍ର କହିଛନ୍ତି। ତେବେ ବାଡେଗୁଡା ଠାରୁ ପଡ଼େରେମା ରାସ୍ତା ନିର୍ମାଣ ନିମନ୍ତେ ବାରମ୍ବାର ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ ଦୀର୍ଘଦିନ ହେଲା ରାସ୍ତା ନିର୍ମାଣ ହେଇପାରୁନି। ଗାଁ କୁ ଭଲ ରାସ୍ତାଟିଏ ହେଲେ ମୌଳିକ ସୁବିଧା ପାଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି।



# ଚାଷୀଙ୍କ ନିଦ ହଜାଇଲେଣି ହାତୀପଲ



କର୍ଲାମୁଣ୍ଡା:୨୧।୧(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଜାପାଟି ଓ ରିଞ୍ଜା ଅଞ୍ଚଳରେ ସୋମବାର ରାତିରୁ ହାତୀପଲ ବୁଲଛନ୍ତି। ଏହାକୁ ସ୍ଥାନୀୟଲୋକେ ଦେଖି ଭୟଭୀତ ହେଉଚନ୍ତି। କିଛି ଚାଷୀଙ୍କ କାନ୍ଦୁଲ ଚଓ ଧାନ ଫସଲ ନଷ୍ଟ କେରିଛନ୍ତି। ସୂଚନାପାଇ ମ. ରାମପୁର ରେଞ୍ଜ ଭାରପ୍ରାପ୍ତ ଅଧିକାରୀ ଅଶୀତ କୁମାର ଦାସ, ମଦନପୁର ବନପାଳ ସମ୍ପଦ କୁମାର, ସୁରୁଜୁଲି ବନ ରକ୍ଷୀ ସତ୍ୟଭାମା ନାଗଙ୍କ ସମେତ ଅନ୍ୟାନ୍ୟ ଟିମ ମଙ୍ଗଳବାର ସକାଳେ ପହଞ୍ଚି ହାତୀ ମାନଙ୍କୁ ଜଙ୍ଗଲକୁ ନେବାକୁ ଉଦ୍ୟମ କରିଥିଲେ। ତେବେ ବନ ବିଭାଗର ଆକଳନ ଅନୁସାରେ ୪୪ଟି ହାତୀ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଖବର ଲେଖା ସୁଦ୍ଧା ହାତୀ ପଲକୁ କେସିଙ୍ଗା ରେଞ୍ଜ କର୍ମଚାରୀମାନେ ଇନ୍ଦିରାକାନନ ଜଙ୍ଗଲ ପର୍ଯ୍ୟନ୍ତ ଘଉଡ଼ାଇ ଥିବା ସୂଚନା ମିଳିଛି।

● ପ୍ରକାଶ ମିଶ୍ରଙ୍କ ‘କମେଡି ଇନ୍ ଖାକି’ ଉନ୍ମୋଚିତ

# ସ୍ଥାନ ପାଇଛି ମଜାଳିଆ କଥାବସ୍ତୁ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ଆଜି ଏଠାରେ ଓଡ଼ିଶାର ପୂର୍ବତନ ଡିଜି ତଥା ସିଆରପିଏଫ୍ ମୁଖ୍ୟ ପ୍ରକାଶ ମିଶ୍ରଙ୍କ ରଚିତ ଇଂରାଜୀ ପୁସ୍ତକ ‘କମେଡି ଇନ୍ ଖାକି: ଦି ହ୍ୟୁମରସ୍ ମେମୋରିଜ୍ ଅଫ୍ ଏ ପୋଲିସମ୍ୟାନ’ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଶ୍ରୀ ପ୍ରଧାନ ପୁସ୍ତକଟିକୁ ଲୋକାର୍ପଣ କରିବା ସହ ଖୁସି ପ୍ରକାଶ କରି କହିଛନ୍ତି ଯେ ଓଡ଼ିଶା ପୁଲିସର ଜଣେ ଦକ୍ଷ ଓ ଶୃଙ୍ଖଳିତ ଅଧିକାରୀ ଭାବେ ଓଡ଼ିଶାର ଘରେ ଘରେ ପରିଚିତ ପ୍ରକାଶ ମିଶ୍ରଙ୍କ ଲିଖିତ ଏହି ହାସ୍ୟରସାତ୍ମକ




ପୁସ୍ତକକୁ ଉନ୍ମୋଚନ କରିବା ସୌଭାଗ୍ୟର ବିଷୟ। ବହିଟି ବେଶ୍ ରୋଚକ ହୋଇଛି। କାରଣ ଶ୍ରୀ ମିଶ୍ର ତାଙ୍କ ମନର ଅଭିବ୍ୟକ୍ତିକୁ ପୁସ୍ତକରେ ପ୍ରକାଶ କରିଛନ୍ତି। ରାଜ୍ୟରେ ପଢ଼ିବା, ବୁଝିବା ଓ ତାହା ଉପରେ ତର୍କ କରିବା ସହଜ ନୁହେଁ। ଶ୍ରୀ ମିଶ୍ରଙ୍କ ଏହି ବହିକୁ ସମସ୍ତେ ପଢିବା ଜରୁରୀ। ଏହି ପୁସ୍ତକ ଓଡ଼ିଶାର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏକ ରୋଚକ ବିଷୟ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଏହି ପୁସ୍ତକରେ ମଜାଳିଆ କଥା ସହ ଅନେକ ଗମ୍ଭୀର ବିଷୟର ଉପଯୁକ୍ତ ମିଶ୍ରଣ ଏହାକୁ ବେଶ୍ ଆଦୃତ କରିବ। ଆମ ରାଜ୍ୟରେ ପଢ଼ିବା, ବୁଝିବା ଏବଂ ତାହା ଉପରେ ତର୍କ କରିବା ସହଜ ନୁହେଁ । ପ୍ରକାଶ ମିଶ୍ରଙ୍କ ଏହି ବହିକୁ ସମସ୍ତେ ପଢିବା ଜରୁରୀ । ଏହି ପୁସ୍ତକ ଓଡ଼ିଶାର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଏକ ରୋଚକ ବିଷୟ ବିନ୍ଦୁ ତିଆରି କରିବ। ପ୍ରକାଶ ବାବୁ ଏଭଳି ଏକ ନିଆରା ବହି ଲେଖି ଗୁରୁଗମ୍ଭୀର ପ୍ରଶାସକୀୟ ବ୍ୟକ୍ତିତ୍ୱ ଭିତରେ ଲୁଚି ରହିଥିବା ମଜାଳିଆ କଥା ଲୋକମାନଙ୍କ ସାମ୍ନାକୁ ଆଣିଛନ୍ତି । ପିଲାଦିନରୁ ଦୀର୍ଘବର୍ଷର ସେବା କାଳରେ ସେ ଅଙ୍ଗେ ନିଭାଇଥିବା ଅନେକ ଛୋଟ ବଡ଼ ମଜାଳିଆ ଘଟଣା ଓ ସ୍ମୃତିକୁ ସାଉଁଟି ଏହି ସୁନ୍ଦର ପୁସ୍ତକଟି ଭେଟି ଦେଇଥିବାରୁ ତାଙ୍କୁ ଶୁଭେଚ୍ଛା। ଓଡ଼ିଆ ଲୋକଙ୍କ ମଧ୍ୟରେ ସୃଜନଶୀଳତା ରହିଛି । ଏକବିଂଶ ଶତାବ୍ଦୀରେ ଓଡ଼ିଆ ଲୋକମାନେ ସମ୍ପନ୍ନ ହେବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ଏଥିସହ ଶ୍ରୀ ପ୍ରଧାନ ଏହି ପୁସ୍ତକର ଲୋକାଦୃତି ପାଇଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି।

# ରାସ୍ତା କାମ ନାଁରେ ଚଳୁ କରିଦେଲେ ୧୦ ଲକ୍ଷ



ଅନୁଗୁଳ,୨୧।୧ (ସଂଚାର ବ୍ୟୁରୋ): ରାସ୍ତା କାମ ହୋଇନାହିଁ କିନ୍ତୁ ସରକାରୀ ଦପ୍ତରରୁ ଟଙ୍କା ଉଠି ପହଞ୍ଚିଯାଇଛି ଯନ୍ତ୍ରୀଙ୍କ ପକେଟରେ । ରାସ୍ତାରେ ମାଟି ମୁଠାଏ ନପକାଇ ଚଳୁ କରିନେଲେ ସରକାରୀ ଟଙ୍କା । କୌଣସି କାମ ନ କରି ସରକାରୀ ବାବୁ ଚଳୁ କରିନେଲେ ୧୦ ଲକ୍ଷ ଟଙ୍କା । ଟଙ୍କା ତ ନେଇଗଲେ ହେଲେ ବାସ୍ତବରେ କାମ ଶୂନ । ୧୦ ଲକ୍ଷ ଟଙ୍କାର ରାସ୍ତା କାମରେ ଗୋଡ଼ିଟିଏ ବି ନ ପକାଇ ଟଙ୍କା ଉଠାଇନେଲେ ସରକାରୀ ଯନ୍ତ୍ରୀ। ଏଭଳି ଅଭିଯୋଗ ଖୋଦ ଜନ ପ୍ରତିନିଧି ଆଣିଥିବା ବେଳେ ଏଭଳି ଫଲସ୍ ବିଲ୍ ଲାଗୁ ହୋଇଛି ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକରେ । ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତର ବାରମଞ୍ଚା ଗାଁରେ ପଞ୍ଚମ ଏସ୍‌ଏଫ୍‌ସି ଯୋଜନାରେ ଏକ ରାସ୍ତା ନିର୍ମାଣ ପାଇଁ ଅର୍ଥ ଆସିଥିଲା । ବିଜୁ ମାଝୀ ଘର ଠାରୁ ଆଉଁଳି ନଦୀ ପର୍ଯ୍ୟନ୍ତ ଏହି ରାସ୍ତା ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ତେବେ ଏହି ରାସ୍ତା ନିର୍ମାଣ ନ କରି ନିର୍ବାହୀ ଯନ୍ତ୍ରୀ ଟଙ୍କା ଉଠାଇ ନେଇଥିବା ଅଭିଯୋଗ କରିଛନ୍ତି ଖୋଦ ପଞ୍ଚାୟତର ସମିତିସଭ୍ୟ ଏବଂ ଗ୍ରାମବାସୀ । ସେମାନଙ୍କ କହିବା କଥା ରାସ୍ତା ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା ।

ଜଷ୍ଟିସ୍ ରଥଙ୍କ ଦ୍ୱାରା ‘ପରିକଳ୍ପନା’ ଉନ୍ମୋଚିତ

# ମିଳିତ ଇଚ୍ଛାଶକ୍ତି ପ୍ରତିଟି ପ୍ରତିବନ୍ଧକକୁ ଦୂର କରିପାରେ



ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ବର୍ତ୍ତମାନ ସମୟରେ ରାଷ୍ଟ୍ରର ମାନବ ସମ୍ବଳର ସଦ୍‌ବିନିଯୋଗ, ଭୂସମ୍ବଳର ଆଧୁନିକୀକରଣ ଏବଂ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ପାଇଁ ସମସ୍ତେ ହାତ ମିଳାଇବା ଆବଶ୍ୟକ। ଏ ଦିଗରେ ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଏକ ସମୃଦ୍ଧ ଭାରତ ଗଠନରେ ସଫଳତା ମିଳିବାରେ ଆଦୌ ବିଳମ୍ବ ହେବନାହିଁ। ସେହିପରି ପରିବର୍ତ୍ତନ ପାଇଁ ଆବଶ୍ୟକ ହେଉଥିବା ଇଚ୍ଛାଶକ୍ତି ଯେତେ କମ୍ ହେଲେ ବି ମିଳିତ ଇଚ୍ଛାଶକ୍ତି ସମସ୍ତ ପ୍ରତିବନ୍ଧକକୁ ଦୂର କରିପାରେ ବୋଲି ମତ ଦେଇଛନ୍ତି ଜଷ୍ଟିସ୍ ବିଶ୍ୱନାଥ ରଥ। ସ୍ଥାନୀୟ ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗତକାଲି ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ପ୍ରଶାନ୍ତ କୁମାର କରଙ୍କ ଲିଖିତ ‘ପରିକଳ୍ପନା’ ପୁସ୍ତିକାର ଉନ୍ମୋଚନ ଉତ୍ସବରେ ଯୋଗଦେବା ଅବସରରେ ଜଷ୍ଟିସ୍ ଶ୍ରୀ ରଥ ଏହା କହିଛନ୍ତି। ପରିକଳ୍ପନା ପୁସ୍ତିକାର ଲେଖକ ପ୍ରଶାନ୍ତ କୁମାର କର ଏକ ସମୃଦ୍ଧ ରାଷ୍ଟ୍ରର ସ୍ୱପ୍ନ ଦେଖି ମାନବ ସମ୍ବଳର ସୁପରିଚାଳନା କ୍ଷେତ୍ରରେ ବର୍ତ୍ତମାନ ରହିଥିବା ସମସ୍ୟା, ଏସବୁର ସମାଧାନ ନିମିତ୍ତ ଉପାୟ ଏବଂ ସମ୍ଭାବ୍ୟ ଉପକାର ସମ୍ପର୍କରେ ଆଲୋଚନା କରିଥିଲେ। ଆହୁରି ମଧ୍ୟ ଭାରତର ପ୍ରାକୃତିକ ଭୂସମ୍ବଳର ଏବଂ ଆର୍ଥିକ ସମ୍ବଳର ସୁବିନିଯୋଗ ସହିତ ନିର୍ବାଚନରେ ସଂସ୍କାର ପାଇଁ କେତେଗୁଡ଼ିଏ ପ୍ରସ୍ତାବ ଦେଇଛନ୍ତି। ଏହି ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରାଗଲେ ଦେଶର ସମସ୍ତ ନାଗରିକଙ୍କ ନିକଟରେ ଉପକାର ପହଞ୍ଚିବା ସହିତ ଏକ ବିରାଟ ପରିବର୍ତ୍ତନ ହୋଇପାରିବ ବୋଲି ଶ୍ରୀ କର କହିଥିଲେ। ମୁଖ୍ୟବକ୍ତା ଡଃ ଆଦିତ୍ୟ ମହାନ୍ତି ପୁସ୍ତକଟିର ବିସ୍ତୃତ ଆଲୋଚନା କରିବା ସହ ସମସ୍ତଙ୍କର ମତାମତ ଏହି ସ୍ୱପ୍ନ ପୂରଣ ଦିଗରେ ପ୍ରେରଣା ହୋଇପାରିବ ବୋଲି କହିଛନ୍ତି। ଏ ପ୍ରସଙ୍ଗରେ ବିଭିନ୍ନ ଦାର୍ଶନିକ ଗ୍ରନ୍ଥର ଅବତାରଣା କରିବା ସହ ସଫଳତା ପ୍ରାପ୍ତିରେ ନଥାଏ, ବରଂ ଚେଷ୍ଟାରେ ଥାଏ ବୋଲି କହି ରାସ୍ତା ଦେଖାଯାଉ ନଥିଲେ ମଧ୍ୟ ଆଗେଇଯିବା ଉଚିତ୍ ବୋଲି ସେ ପରାମର୍ଶ ଦେଇଛନ୍ତି। ସ୍ୱାମୀ ବିବେକାନନ୍ଦଙ୍କ ବକ୍ତବ୍ୟର ଅବତାରଣା କରି ଏହି ପୁସ୍ତକରେ ରହିଥିବା ସ୍ୱପ୍ନ ପୂରଣ କ୍ଷେତ୍ରରେ ସଫଳତା ନ ମିଳିଲେ ମଧ୍ୟ ସେପରି ଅବସ୍ଥା ଆସିବା ପୂର୍ବରୁ ଚେଷ୍ଟା କରିବା ଉଚିତ୍ ବୋଲି ପରାମର୍ଶ ଦେଇଛନ୍ତି। ଟ୍ରଷ୍ଟର ଟ୍ରଷ୍ଟି ହିମାଂଶୁ ଶେଖର ଦାଶ ଗତ ବର୍ଷ ସମ୍ବଲପୁରସ୍ଥିତ ଆଇଆଇଏମ୍‌ରେ ଏହି ପୁସ୍ତକ ଲୋକାର୍ପିତ ହୋଇଥିବା କହିବା ସହ ଫ୍ଲିପକାର୍ଟ ଓ ଆମାଜନ ପରି ଅନଲାଇନ୍ ପ୍ଲାଟ୍‌ଫର୍ମରେ କେବଳ ସେବା ଖର୍ଚ୍ଚ ମାଧ୍ୟମରେ ମିଳିପାରିବ ବୋଲି କହିଥିଲେ। ଆଲୋଚନା ପ୍ରାରମ୍ଭରେ ବିଷ୍ଣୁଚରଣ ମିଶ୍ର ଅତିଥିମାନଙ୍କ ପରିଚୟ ଦେଇଥିଲେ।

# ସାବଧାନ ରଙ୍ଗିଲା ରୋଡ୍ ରୋମିଓ !



ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ହିରୋଗିରି ଦେଖାଇବା ପାଇଁ ଗାଡି ମଡିଫାଏ କରୁଛନ୍ତି କି ? ଦବଙ୍ଗ ଷ୍ଟାଇଲରେ ବୁଲେଟ ଚଳାଉଛନ୍ତି କି? ଯଦି ଚଳାଉଛନ୍ତି ତେବେ ପୁଲିସ ଛଡ଼ାଇଦେବ ଆପଣଙ୍କ ଦବଙ୍ଗଗିରି। ଟ୍ରାଫିକ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲା ପୋଲିସ। ଗାଡି ସିଜ ସହ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ଆରମ୍ଭ ହେଲା ପ୍ରୟାସ। ବିକଟାଳ ଶବ୍ଦ କରି ବଦମାସୀ କଲେ ବାନ୍ଧିବ ପୁଲିସ। ରୋଡ୍ ରୋମିଓ, ରଙ୍ଗିଲା ଡ୍ରାଇଭରଙ୍କ ଉପରେ ଲାଗିଲା ରୋକ। ବୁଲେଟ ରାଜାଙ୍କ ନିଦ ହଜାଇଲା ଟ୍ରାଫିକ ପୁଲିସ। ରୋଡ୍ ରୋମିଓଙ୍କ ଆକ୍ସନ ପରେ ପୁଲିସ ଦେଖାଇଛି ରିଆକ୍ସନ। ବାରମ୍ବାର ନିୟମ ଉଲ୍ଲଙ୍ଘନ କଲେ, ଏଥର ଫାଇନ ନୁହେଁ, ସିଧା କୋର୍ଟରୁ ହେବାକୁ ପଡ଼ିବ ବେଲ୍। ମଡିଫାଏଡ଼ ସାଇଲେନ୍ସରଗୁଡିକୁ ଖୋଲିଲା ପୁଲିସ। ସ୍ପିଡ୍ ଡ୍ରାଇଭିଂ, ରଙ୍ଗ ଡ୍ରାଇଭ, ଟ୍ରିପଲ ରାଇଡିଂ, ପଲ୍ୟୁସନ, ହେଲମେଟ ନିୟମ ମାନୁନଥିବା ଟ୍ରାଫିକ ଖିଲାପକାରୀଙ୍କ ବିରୋଧରେ ନିଆଯାଇଛି ଆକ୍ସନ। ଜବତ ହୋଇଛି ଶହ ଶହ ସାଇଲେନ୍ସର ପାଇପ। ସେପଟେ ବେଆଇନ ମଡିଫାଏଡ଼ ଶୋ’ରୁମ ଓ ଦୋକାନ ଉପରେ ମଧ୍ୟ ଖୁବଶୀଘ୍ର ଚଢ଼ାଉ ହେବ ବୋଲି ସୂଚନା ଦେଇଛି କମିଶନରେଟ ପୁଲିସ। ସଡ଼କ ଦୁର୍ଘଟଣା ରୋକିବା ପାଇଁ ଏଭଳି ପ୍ରୟାସ ଚାଲିଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପିନାକ ମିଶ୍ର। ସେପଟେ ଦିନରେ ଟ୍ରାଫିକ ଚେକିଂ ସାଙ୍ଗକୁ ରାତିରେ ଚାଲୁଛି ଡ୍ରିଙ୍କ ଆଣ୍ଡ ଡ୍ରାଇଭ ଚେକିଂ। ନିଶା ଖାଇ ଗାଡି ଚଳାଇଲେ ନିସ୍ତାର ନାହିଁ। ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ନିର୍ଦ୍ଦେଶ ଓ ଭୁବନେଶ୍ୱର ଡିସିପି ପିନାକ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଳମ୍ବିତ ରାତିରେ ରାଜଧାନୀର ୧୦ଟି ସ୍ଥାନରେ କଡାକଡି ଚେକିଂ କରିଛି କମିଶନରେଟ ପୋଲିସ । ମଦ ପିଇ ଗାଡି ଚଳାଉଥିବା ଡ୍ରାଇଭରଙ୍କ ଗାଡି ସିଜ କରିବା ସହ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ ପ୍ରୟାସ ଆରମ୍ଭ କରିଛି କମିଶନରେଟ ପୋଲିସ। ଏପରିକି ବାରମ୍ବାର ନିୟମ ଭାଙ୍ଗି ମଦ୍ୟପାନ କରି ଟ୍ରାଫିକ ଆଇନ ଅବମାନନା କରୁଥିବା ମଦୁଆଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ମଧ୍ୟ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ଆରଟିଓଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ପାଣି ଫୋଟକା ଭଳି ଚାଲିଯାଉଛି ଜୀବନ। ଅପରାଧ ଦମନ, ନିଶାଖୋରଙ୍କୁ ଛାଟ, ବେଆଇନ ଖଟି ରୋକିବା ସହ ସହରରେ ଆଇନଶୃଙ୍ଖଳା ରକ୍ଷା କମିଶନରେଟ ପୁଲିସର ପ୍ରାଥମିକତା ବୋଲି ସୂଚନା ଦିଆଯାଇଛି। ସାଧାରଣ ଲୋକ ହିସାବରେ ଆପଣ ବି ଯଦି ରାସ୍ତାରେ ଯାଉଥିବା ସମୟରେ ବିପଦପୂର୍ଣ୍ଣ ଡ୍ରାଇଭିଂ ବା ରୋଡ୍ ରୋମିଓଙ୍କ ଗତିବିଧି ଲକ୍ଷ୍ୟ କରୁଛନ୍ତି, ତା’ହେଲେ ତୁରନ୍ତ ୧୧୨ରେ କଲ କିମ୍ବା ସୋଶାଲ ମିଡିଆରେ କମିଶନରେଟ ପୁଲିସକୁ ଟ୍ୟାଗ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି ଡିସିପି।

# ନେତାଜୀ ଜୟନ୍ତୀ ଅବସରରେ ଦେଶପ୍ରେମ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ନେତାଜୀଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ ‘ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ’ ପକ୍ଷରୁ ଭାରତବର୍ଷର ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ଅବସରରେ ଦେଶପ୍ରେମ ମହୋତ୍ସବ ଭାବରେ ପାଳନ କରାଯାଉଛି। ଏହି ଅବସରରେ ଫରୱାର୍ଡ଼ ବ୍ଲକ ଓ ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ନେତାଜୀ ଭବନ ପରିସରରେ ଅନୁଷ୍ଠିତ ଏହି ଦେଶପ୍ରେମ ମହୋତ୍ସବ ଆଜି ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବକୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା କବି ରତ୍ନାକର ରାଉତ ନେତାଜୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଭାରତବର୍ଷରେ ପୁଞ୍ଜିତନ୍ତ୍ର ରାଜୁତି କରୁଛି। ଯାହା ଫଳରେ ଆମ ଦେଶର ସାଧାରଣ ମଣିଷ ଯନ୍ତ୍ରଣା ଜର୍ଜରିତ ଜୀବନ ଅତିବାହିତ କରିବାକୁ ବାଧ୍ୟହେଉଛି। ସରକାରୀ ଉଦାସୀନତା କାରଣରୁ ଶ୍ରମଜୀବି ମଣିଷ ନିଜ ପରିବାରର ଭରଣପୋଷଣ କରିବାରେ ବ୍ୟର୍ଥ ହେଉଛି। ଶ୍ରମଜୀବି ଜନତାଙ୍କ ସମସ୍ୟାର ସମାଧାନ ପାଇଁ ନେତାଜୀଙ୍କ ପ୍ରଦର୍ଶିତ ମାର୍ଗ ହିଁ ଏକମାତ୍ର ବିକଳ୍ପ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହ ଏହି ପଥର ପଥିକ ହେବା ପାଇଁ ସେ ନିଜ ବକ୍ତବ୍ୟରେ ଆହ୍ୱାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ବିଜୟ ବହିଦାର, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି ତଥା ପୂର୍ବତଟ ରେଳବାଇର ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ, ସମ୍ମାନୀତ ଅତିଥି ଭାବରେ ଫରୱାର୍ଡ଼ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର ପ୍ରମୁଖ ବକ୍ତବ୍ୟ ରଖି ଦେଶରେ ଅଶିକ୍ଷା, ବେକାରୀ, ଦରଦାମ ବୃଦ୍ଧି ଆଦି ସମସ୍ୟା ଉତ୍କଟ ରୂପ ଧାରଣ କରିବାରେ ଲାଗିଛି ବୋଲି ମତବ୍ୟକ୍ତ କରିଥିଲେ।

● ପତାକା ଉତ୍ତୋଳନ କାର୍ଯ୍ୟସୂଚୀ

# କଟକରେ ମୁଖ୍ୟମନ୍ତ୍ରୀ, ପୁରୀ ଓ ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ଆସନ୍ତା ୨୬ ରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ରାଜ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀ ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡ୍‌ରେ ‘ସ୍ୱର୍ଣ୍ଣିମ ଭାରତ, ସମୃଦ୍ଧ ଓଡ଼ିଶା’ ଥିମ୍ ରହିଛି, ଯେଉଁଥିରେ ମୋଟ ୧୦ଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବ ବୋଲି ଜଣାପଡ଼ିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ସୁରକ୍ଷା ଏଜେନ୍ସି ସମେତ ଏନସିସି, ଗାଇଡ୍ ଓ ସ୍କାଉଟର ମୋଟ ୪୦ଟି ଟିମ୍ ଏହି ପରେଡରେ ସାମିଲ ହେବେ । ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକରେ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପୁରୀରେ ଓ ପ୍ରଭାତୀ ପରିଡା ଖୋର୍ଦ୍ଧାରେ ପତାକା ଉତ୍ତୋଳନ କରିବେ। ଏହାଛଡ଼ା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୁନ୍ଦରଗଡ଼, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ସୁବର୍ଣ୍ଣପୁର, ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କୋରାପୁଟ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁର ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯାଜପୁର, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରାୟଗଡ଼ା, ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଜପତି, କୃଷ୍ଣଚନ୍ଦ୍ର ମହାପାତ୍ର ବାଲେଶ୍ୱରରେ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କେନ୍ଦୁଝର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୂଆପଡ଼ା, ହସ୍ତତନ୍ତ ଏବଂ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଢେଙ୍କାନାଳ, ମତ୍ସ୍ୟ ଏବଂ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମାଲକାନଗିରି, ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନୟାଗଡ଼ରେ ପତାକା ଉତ୍ତୋଳନ କରିବେ ବୋଲି ଜାରି ହୋଇଥିବା ତାଲିକାରୁ ଜଣାପଡ଼ିଛି।

# ଧାନକିଣା ପ୍ରକ୍ରିୟାରେ ମହିଳା ଏସ୍‌ଏଚ୍‌ଜି ସାମିଲ୍



ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ଚଳିତ ଖରିଫ ଋତୁରେ ଧାନକିଣା ପ୍ରକ୍ରିୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସାମିଲ ହୋଇଛନ୍ତି। ଚଳିତ ବର୍ଷ ରାଜ୍ୟରେ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇ ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ କିଣୁଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ଭଦ୍ରକରେ ୪୯, ବରଗଡ଼ ଓ ସୁବର୍ଣ୍ଣପୁରରେ ୨୦, ଯାଜପୁରରେ ୩୫, କୋରାପୁଟରେ ୨୪, ନବରଙ୍ଗପୁରରେ ୪୪, ନୂଆପଡ଼ା ଓ ସମ୍ବଲପୁରରେ ୧୩, ଝାରସୁଗୁଡ଼ ଓ କଳାହାଣ୍ଡିରେ ୨୮, ବଲାଙ୍ଗିରରେ ୧୮, ମାଲକାନଗିରିରେ ୯ ସମେତ ୩୦ଟି ଜିଲ୍ଲାରେ ସମୁଦାୟ ୪୫୨ଟି ଏସ୍‌ଏଚ୍‌ଜି ଧାନକିଣା ପ୍ରକ୍ରିୟାରେ ନିୟୋଜିତ ଅଛନ୍ତି। ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣିବା ପରେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ସହ ଏସ୍‌ଏଚ୍‌ଜିର ସଦସ୍ୟାମାନେ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଦେଉଛନ୍ତି। ପ୍ରତି ମହିଳା ଏସ୍‌ଏଚ୍‌ଜି ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଧାନ କ୍ରୟ କରିବା ସହ ସମ୍ପୃକ୍ତ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନରେ ମଧ୍ୟ ସହଯୋଗ କରୁଛନ୍ତି। ସମ୍ପୃକ୍ତ ମହିଳା ଏସ୍‌ଏଚ୍‌ଜି ଜିଲ୍ଲା ପ୍ରଶାସନ ସହଭାଗିତାରେ ଏହି ପ୍ରକ୍ରିୟାରେ ସାମିଲ ହୋଇ ଧାନକିଣା ମାର୍ଗଦର୍ଶିକାର ଅନୁପାଳନପୂର୍ବକ ଚାଷୀମାନଙ୍କଠାରୁ ଧାନକିଣାରେ ଯୋଗଦାନ କରୁଛନ୍ତି। ଏଥିସହ ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାରେ ମଧ୍ୟ ସହଯୋଗ କରୁଛନ୍ତି। ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଉଛି। ଧାନ କିଣା ପ୍ରକ୍ରିୟାରେ ମହିଳାମାନେ ସାମିଲ ହୋଇ ଅନ୍ୟମାନଙ୍କୁ ଉତ୍ସାହିତ କରୁଛନ୍ତି। ଏଥିସହ ଧାନକିଣା ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟରେ ମଧ୍ୟ ସେମାନେ ଆବଶ୍ୟକ ସହଯୋଗ ଦେଉଛନ୍ତି।

# ଚାଲିଛି ଉଚ୍ଛେଦ ପ୍ରକ୍ରିୟା, ରାଜଧାନୀରେ ଉତ୍ତେଜନା

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ରାଜଧାନୀରେ ଚାଲିଛି ଉଚ୍ଛେଦ ପ୍ରକ୍ରିୟା । ଉଚ୍ଛେଦ ସମୟରେ ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ନିକଟରେ ବିଡିଏ କର୍ମଚାରୀ, ପୋଲିସ ଏବଂ ଉଠାଦୋକାନୀଙ୍କ ମଧ୍ୟରେ ଦେଖାଦେଇଥିଲା ଉତ୍ତେଜନା। ଉଚ୍ଛେଦ ବେଳେ ଦୋକାନ କରିଥିବା ମହିଳା ପୁରୁଷ ମାନେ ପ୍ରତିବାଦ କରିଥିଲେ। ଦୋକାନଗୁଡିକୁ ଭାଙ୍ଗିବାକୁ ଦେଇ ନଥିଲେ। ଏହା ପରେ ସେଠାରେ ମଧ୍ୟମ ବିଧାୟକ ପହଞ୍ଚି କିଛି କାଗଜ ପତ୍ର ଗଣମାଧ୍ୟମଙ୍କୁ ଦେଖାଇଥିଲେ । ଉଠାଦୋକାନୀ ମାନଙ୍କୁ ଉଚ୍ଛେଦ ପାଇଁ ପ୍ରଥମେ ସୂଚନା ଦିଆଯାଇଥିବା କହିଥିଲେ ବିଡିଏ କର୍ମଚାରୀ । ତେବେ ଦୀର୍ଘ ବର୍ଷରୁ ସେଠାରେ ଦୋକାନ କରି ପେଟ ପୋଷୁଥିବା କିଛି ମହିଳା ଏନେଇ ଦୁଖ ପ୍ରକାଶ କରିଛନ୍ତି ।



ଜୀବନ ଅମୃତ ଅନୁଚିନ୍ତା

ସଫଳତା-ଧର୍ମ, ଅର୍ଥ, କାମ, ମୋକ୍ଷ ଏ ଚାରିଟି କ୍ଷେତ୍ରରେ ସଫଳତା ପାଇବା ପାଇଁ ଯିଏ ପ୍ରସ୍ତୁତ ନକରେ ତା'ର ଜୀବନ ବୃଥା ହୋଇଯାଏ। ସେ ଏକ ଅଲୋଡ଼ା ବୋଝ ପରି ହୋଇଥାଏ।

SANCHAR
ସଂଚାର



# ସିବିଆଇ ତଦନ୍ତର ଆବଶ୍ୟକତା

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବି ଏବେ ଜୋର ଧରିଛି। ମୂଳରୁ ବିରୋଧୀ ଦଳ ଏହି ଦାବି ଉପସ୍ଥାପନ କରିଥିଲେ। କିନ୍ତୁ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଏହାକୁ ଗ୍ରହଣ କରିନଥିଲେ। ନବଙ୍କ ପରିବାର ପକ୍ଷରୁ ମଧ୍ୟ ଏଭଳି କୌଣସି ଦାବି କରାଯାଇନଥିଲା। କିନ୍ତୁ ଏବେ ସରକାର ବଦଳିବା ପରେ ପୁନର୍ବାର ଏହି ପ୍ରସଙ୍ଗ ଉଜ୍ଜୀବିତ ହୋଇଛି। ନବଙ୍କ ଝିଅ ପୂର୍ବତନ ବିଧାୟିକା ଦୀପାଳି ଦାସ ଏଥିଲାଗି ଲିଖିତ ଅନୁରୋଧ କରିବାକୁ ରାଜି ହୋଇଛନ୍ତି। ଯଦି ସେ ଲିଖିତ ଭାବେ ସରକାରଙ୍କୁ ତାଙ୍କ ଦାବି ଜଣାଇବେ ତେବେ ସରକାର ଏଥିଲାଗି ସୁପାରିସ କରିପାରନ୍ତି ବୋଲି ଆଇନମନ୍ତ୍ରୀ କହିଛନ୍ତି। ତେବେ ନବ ଦାସ ଜଣେ ସାଧାରଣ ବ୍ୟକ୍ତି ନଥିଲେ। ସେ ଥିଲେ ଜଣେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଏବଂ ପଶ୍ଚିମ ଓଡ଼ିଶାର ଜଣେ ପ୍ରଭାବଶାଳୀ ରାଜନେତା। ସେ ମଧ୍ୟ ଜଣେ ସଫଳ ବ୍ୟବସାୟୀ ଥିଲେ। ତେଣୁ ତାଙ୍କ ହତ୍ୟାର ସିବିଆଇ ତଦନ୍ତ ଲାଗି ପରିବାରର ସହମତି ଅନାବଶ୍ୟକ। ସରକାର ନିଜ ଆଡ଼ୁ ଏଥିଲାଗି ସୁପାରିସ କରିବା ଉଚିତ। ଇତିମଧ୍ୟରେ ନବ ଦାସଙ୍କ ହତ୍ୟା ଘଟଣାକୁ ପାଖାପାଖି ଦୁଇ ବର୍ଷ ହେଲାଣି। ଅନେକ ତଥ୍ୟ ପ୍ରମାଣ ନଷ୍ଟ ହୋଇସାରିଥିବ। ତଥାପି ସିବିଆଇ ତଦନ୍ତ କରାଗଲେ ରହସ୍ୟ ଉପରୁ ପରଦା ହଟିପାରେ। ନବ ଦାସଙ୍କ ହତ୍ୟା ଓଡ଼ିଶା ଇତିହାସରେ ଥିଲା ଏକ ବିରଳ ଘଟଣା। ଜଣେ କାର୍ଯ୍ୟରତ କ୍ୟାବିନେଟ ପାହ୍ୟା ମନ୍ତ୍ରୀଙ୍କୁ ରାସ୍ତାରେ ଗୁଳି କରି ହତ୍ୟା କରାଯିବା ଓଡ଼ିଶା ଭଳି ରାଜ୍ୟରେ ଏକ ବିସ୍ମୟ ଥିଲା। ସେ ପୁଣି ସାଧାରଣ ମନ୍ତ୍ରୀ ନଥିଲେ। ଶାସକ ଦଳର ସେ ଥିଲେ ଜଣେ ଅତି ପ୍ରଭାବଶାଳୀ ରାଜନେତା। ପୁରା ପଶ୍ଚିମ ଓଡ଼ିଶାରେ ବିଜେଡି ସଙ୍ଗଠନ ତାଙ୍କ ନିୟନ୍ତ୍ରଣରେ ଥିଲା। କେବଳ ରାଜନୈତିକ ପ୍ରଭାବ ବା ଲୋକପ୍ରିୟତା ନୁହେଁ, ସେ ମଧ୍ୟ ଜଣେ ଅତି ଧନୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେତେବେଳେ ରାଜ୍ୟ ମନ୍ତ୍ରିମଣ୍ଡଳରେ ସେ ଥିଲେ ସବୁଠାରୁ ଧନଶାଳୀ ସଦସ୍ୟ। ତାଙ୍କ ଚାରିପାଖେ ସବୁ ବେଳେ ବ୍ୟକ୍ତିଗତ ସୁରକ୍ଷା କର୍ମୀ ରହିଥାଆନ୍ତି। ଏହା ସତ୍ତ୍ୱେ ତାଙ୍କୁ ଜଣେ ସାଧାରଣ ପୋଲିସ ଏଏସଆଇ ଗୁଳି କରି ହତ୍ୟା କରିବା ନିଶ୍ଚିତ ଭାବେ ବିସ୍ମୟଜନକ। ଗୁଳି କରିଥିବା ଏଏସଆଇ ଗୋପାଳ ଧରା ପଡ଼ି ଜେଲରେ ଅଛି। ତାଙ୍କ ବିରୋଧରେ ଚାର୍ଜସିଟ ମଧ୍ୟ ଦାଖଲ ହୋଇଛି। ଗୁଜରାଟରେ ତାଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଛି। କିନ୍ତୁ ଘଟଣାର ଏତେ ଦିନ ପରେ ଏବେ ପୁଣି ସେହି ପ୍ରସଙ୍ଗ ଉଜ୍ଜୀବିତ ହୋଇଉଠିଛି। ନବ ଦାସଙ୍କ ଝିଅ ଦୀପାଳି ଦାସ ତାଙ୍କ ସ୍ୱର୍ଗତ ପିତାଙ୍କ ହତ୍ୟାର ସିବିଆଇ ତଦନ୍ତ ଲାଗି ଲିଖିତ ଅନୁରୋଧ କରିବେ ବୋଲି କହିଛନ୍ତି। ତେବେ କଥା ହେଲା ଏତେ ଦିନ ପର୍ଯ୍ୟନ୍ତ ସେ କାହିଁକି ନିରବ ଥିଲେ ଏବଂ ତାଙ୍କ ବାପାଙ୍କ ହତ୍ୟା ବିଧି ନିର୍ଦ୍ଦିଷ୍ଟ ଥିଲା ବୋଲି କାହିଁକି କହୁଥିଲେ ? ଏଥିପାଇଁ ତାଙ୍କ ଉପରେ କେହି ଚାପ ପକାଉଥିଲେ କି? ସିବିଆଇ ତଦନ୍ତ ବା ହତ୍ୟା ପଛରେ ଥିବା ରହସ୍ୟ ଉନ୍ମୋଚନ ପାଇଁ ଦାବି କରିବାକୁ ସେ ଭୟ କରୁଥିଲେ କି? କିଏ ଦୀପାଳିଙ୍କୁ ଭୟଭୀତ କରୁଥିଲା? ଏହା ପଛରେ ତତ୍କାଳୀନ ଶାସକ ଦଳର କିଛି ପ୍ରଭାବଶାଳୀ ନେତାଙ୍କ ହାତ ରହିଥିଲା ବୋଲି ବିରୋଧୀ ସନ୍ଦେହ କରୁଥିଲେ। ସାଧାରଣରେ ମଧ୍ୟ ଏଭଳି ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ନବୀନ ବାବୁଙ୍କ ସରକାର କାହିଁକି ସେତେବେଳେ ସିବିଆଇ ତଦନ୍ତ ଲାଗି ନିଷ୍ପତ୍ତି ନେଇନଥିଲେ। ନବୀନଙ୍କ ମୁହଁକୁ କିଏ ବନ୍ଦ ରଖିଥିଲା ?

ନିକଟରେ ନବ ଦାସ ହତ୍ୟା ନେଇ ରାଜ୍ୟ ଫୋରେନସିକ ଲ୍ୟାବ ରିପୋର୍ଟ ଆସିଛି। ଏଥିରେ ଥିବା ରିପୋର୍ଟ ଅନୁଯାୟୀ ନବ ଦାସଙ୍କୁ ଲକ୍ଷ୍ୟ କରି ଏକାଧିକ ଗୁଳି ଫୁଟିଛି। କିନ୍ତୁ ସବୁ ଗୁଳି ଗୋପାଳ ଦାସ ଫୁଟାଇନଥିଲା। ତେବେ ଅନ୍ୟ କେହି ଦୂରରେ ରହି ନବ ଦାସଙ୍କୁ ଟାର୍ଗେଟ କରିଥାଇପାରେ। ଏଏସଆଇ ଗୋପାଳ ଦାସଙ୍କୁ କେବଳ ଏକ ମୋହରା କରାଯାଇଥିଲା। ଏହା ପଛରେ ଏକ ମାଷ୍ଟର ମାଇଣ୍ଡ କାର୍ଯ୍ୟ କରୁଥିଲା। ପରନ୍ତୁ ଘଟଣା ପଛରେ ଅନେକ ରହିଛନ୍ତି ଯେଉଁମାନଙ୍କୁ ଧରିବା କଷ୍ଟକର। ବିଜେପି ସାଂସଦ ପ୍ରଦୀପ ପୁରୋହିତଙ୍କ କହିବା ଅନୁଯାୟୀ ନବୀନ ପଟ୍ଟନାୟକଙ୍କ ପରେ ରାଜ୍ୟ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ପୁରା ଘଟଣାର ଖଳନାୟକ। କିନ୍ତୁ କ୍ଷମତା ଲୋଭ ଏବଂ ନିଜ ସମ୍ପତ୍ତିର ସୁରକ୍ଷା ପାଇଁ ନବ ଦାସଙ୍କ ପରିବାର ସିବିଆଇ ତଦନ୍ତ ଦାବି ନକରି ସେତେବେଳେ ନିରବ ରହିଲେ। କିନ୍ତୁ ଏବେ ପରିସ୍ଥିତି ବଦଳିଛି। ଦୀପାଳି ଦାସ ସିବିଆଇ ତଦନ୍ତ ପାଇଁ ସରକାରଙ୍କୁ ଲିଖିତ ଭାବେ ସମ୍ମତି ଜଣାଇବେ ବୋଲି କହିଛନ୍ତି। ଶୀଘ୍ର ରାଜ୍ୟ ସରକାର ସିବିଆଇ ତଦନ୍ତ ନିମନ୍ତେ ସୁପାରିସ କରିବେ ବୋଲି ଆଶା। ନବ ଦାସ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହେବା ଜରୁରୀ। ପ୍ରକୃତ ଅପରାଧୀଙ୍କୁ ଦଣ୍ଡ ମିଳିବା ଜରୁରୀ। ନବ ଦାସ ହତ୍ୟା ଘଟଣାର ତଦନ୍ତରେ ଅନେକ ତ୍ରୁଟି ରହିଛି। ଅନେକ ତଥ୍ୟ ଲୁକ୍କାୟିତ ରହିଛି। ଗୁଳି ମାଡ଼ ପରେ ନବ ତତ୍କାଳ ବା ଅଳ୍ପ ସମୟ ପରେ ପ୍ରାଣ ହରାଇଥିଲେ। ତାଙ୍କ ଶବକୁ ଭୁବନେଶ୍ୱର ଚିକିତ୍ସା ପାଇଁ ଆଣିବା ଏବଂ ସନ୍ଧ୍ୟା ପରେ ମୃତ୍ୟୁ ଖବର କାହିଁକି ଘୋଷଣା କରାଗଲା? ତାଙ୍କ ରକ୍ତ ଭିଜା ସାଓର୍ କୁଆଡ଼େ ଗଲା? ତାଙ୍କ ଶରୀର ଭେଦ କରିଥିବା ଗୁଳି କୁଆଡ଼େ ଗଲା? ଏଭଳି ଅନେକ ଅସମାହିତ ପ୍ରଶ୍ନ ରହିଛି ଯାହାର ଉତ୍ତର ମିଳିବା ଜରୁରୀ। ଘଟଣା ସମୟରେ ରାଜ୍ୟରୁ କୋଭିଡ କଟକଣା ହଟିଯାଇଥିଲା। ଏହା ସତ୍ତ୍ୱେ ନବ ଦାସଙ୍କ ରକ୍ତ ଲଗା ସାର୍ଟ କାହିଁକି ହସ୍ପିଟାଲ କର୍ତ୍ତୃପକ୍ଷ ପୋଡ଼ି ଦେଇଥିଲେ ତାହା ଏକ ପ୍ରଶ୍ନବାଚୀ। କାହିଁକି ନବଙ୍କ ମୃତ୍ୟୁ ସମ୍ପର୍କରେ ଘୋଷଣା ବିଳମ୍ବିତ ହୋଇଥିଲା ? ଏହା ପଛରେ ଜଣେ ଦୁଇଜଣ ନୁହେଁ, ଏକ ବିରାଟ ରାକେଟ ରହିଛି। ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଯେଉଁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ତାହା ସତ୍ୟ ହୋଇଥିଲେ ସାଂଘାତିକ। ସେ କହିଛନ୍ତି ଯେ, ନବ ଦାସଙ୍କ ହତ୍ୟା ପଛରେ ଜଣେ ଆଇପିଏସଙ୍କ ହାତ ରହିଛି। ତେଣୁ ଏହା ସିବିଆଇ ତଦନ୍ତ ଯଥାଶୀଘ୍ର ଆରମ୍ଭ ହେବା ଜରୁରୀ। ଯଦି ଦୀପାଳି ଦାସ ଏଥିଲାଗି ଲିଖିତ ଅନୁରୋଧ କରନ୍ତି ତେବେ ରାଜ୍ୟ ସରକାର ଏହି ମାସରେ ହିଁ ସିବିଆଇ ତଦନ୍ତ ଲାଗି ସୁପାରିସ କରିବା ଉଚିତ। ତେବେ ସିବିଆଇ ଯେ ଭଗବାନ ଏବଂ ସିବିଆଇ ତଦନ୍ତ ଦ୍ୱାରା ହତ୍ୟା ରହସ୍ୟ ଫଷାଲିବ ଏବଂ ପ୍ରକୃତ ଦୋଷୀ ଦଣ୍ଡ ପାଇବ ସେଥିରେ କିଛି ନିଶ୍ଚିତତା ନାହିଁ। ଅନେକ ମାମଲାରେ ସିବିଆଇର ବିଫଳତା ମଧ୍ୟ ପଦାରେ ପଡ଼ିଛି। ଆରଜି କର ମେଡିକାଲ କଲେଜ ଛାତ୍ରୀ ହତ୍ୟା ମାମଲାରେ ସିବିଆଇ କ'ଣ ଅଧିକ କରିପାରିଲା ? ଯାହା ରାଜ୍ୟ ପୋଲିସ କରି ପାରିଥାଆନ୍ତା, ସିବିଆଇ ମଧ୍ୟ ତାହା କରିଛି। ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ହୋଇପାରିଲା ନାହିଁ। ଏଥିନେଇ ମମତା ବାନାର୍ଜୀଙ୍କ କ୍ଷୋଭ ଯଥାର୍ଥ। ତେଣୁ କେବଳ ସିବିଆଇ ତଦନ୍ତ ହେଲେ ନବ ଦାସଙ୍କ ହତ୍ୟା ରହସ୍ୟ ଉପରୁ ପରଦା ହଟିଯିବ ସେ କଥା ନୁହେଁ। କିନ୍ତୁ ଘଟଣାକୁ ହାଲୁକା ଭାବେ ମଧ୍ୟ ନେବା ଅନୁଚିତ। ସାଧାରଣରେ ଏହି ଘଟଣାକୁ ନେଇ ଯେଉଁ ସନ୍ଦେହର କୁହେଳିକା ସୃଷ୍ଟି ହୋଇଛି ତାହା ଦୂର ହେବା ଉଚିତ। ଏହାକୁ ନେଇ ରାଜନୈତିକ ବୟାନବାଜି ଅନୁଚିତ। କିନ୍ତୁ ଯଦି ସିବିଆଇ ତଦନ୍ତ ହୁଏ ତେବେ ପ୍ରତ୍ୟେକ ସନ୍ଦେହଯୁକ୍ତ ଦୃଷ୍ଟିକୋଣକୁ ତଦନ୍ତ ପରିସରଭୁକ୍ତ କରାଯିବା ଉଚିତ।

# ସାହସିକତା ସାମ୍ନାରେ ବିପକ୍ଷବାଦୀ ଆଶ୍ଚର୍ଯ୍ୟ ଓ କ୍ରୋଧାନ୍ୱିତ

**କିଶୋର ଚନ୍ଦ୍ର ବେହେରା**



ଭାରତ ବର୍ଷରେ ନେତା ବା ନେତୃତ୍ୱର କୌଣସି ଅଭାବ ନାହିଁ, ମାତ୍ର ଏହି ଶହେ କୋଟି ଦେଶବାସୀ ମଣ୍ଡିତ ଦେଶରେ କେବଳ ଜଣଙ୍କୁ ହିଁ ସଭିଏଁ ଶ୍ରଦ୍ଧା ଓ ସମ୍ମାନର ସହ ନେତାଜୀ ଭାବେ ସମ୍ବୋଧନ କରନ୍ତି, ସେ ଅନ୍ୟ କେହି ନୁହଁନ୍ତି ପବିତ୍ର ଉତ୍କଳ ଭୂମିରେ ଜନ୍ମିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ସମଗ୍ର ପୃଥିବୀ ଇତିହାସରେ ଯେଉଁ କେତେକ ନେତାଙ୍କ ସୁନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ସେମାନଙ୍କର ଦେଶଭକ୍ତି, ତ୍ୟାଗ ଓ ଆତ୍ମୋତ୍ସର୍ଗର ମୂର୍ତ୍ତିମନ୍ତ ଭାବରେ ନାମ ଅର୍ଜନ କରିଛନ୍ତି, ସେମାନଙ୍କ ମଧ୍ୟରୁ ସୁଭାଷ ଚନ୍ଦ୍ର ବୋଷ ହେଉଛନ୍ତି ଅନ୍ୟତମ। ଜନ୍ମଭୂମି ପାଇଁ ତାଙ୍କର ବଳିଦାନ ପ୍ରକୃତରେ ଉଲ୍ଲେଖନୀୟ ଓ ଅବର୍ଣ୍ଣନୀୟ। ନେତାଜୀ ଭାରତର ଏମିତି ଜଣେ ବୀରପୁତ୍ର ଥିଲେ ଯିଏ ଦେଶକୁ ସ୍ୱାଧୀନ କରିବାକୁ ବ୍ରିଟିଶମାନଙ୍କ ସହ ମୁହାଁମୁହିଁ ଲଢ଼ିବାକୁ ସ୍ଥିର କରିଥିଲେ। ଏଥିପାଇଁ ସେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ନିଜର ସ୍ୱାଭିମାନୀ ଓ ଦେଶପ୍ରେମକୁ ସଦାସର୍ବଦା ଶିର୍ଷ ସ୍ଥାନରେ ରଖିଥିଲେ। ପୃଥିବୀର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କଠାରୁ ଆରମ୍ଭ କରି କୋଣାର୍କ ମୁଣ୍ଡି ମାରିଥିବା ଧର୍ମପଦ, ଭଗତ ସିଂଙ୍କ କଥା ଚିନ୍ତାକଲା ବେଳେ ସୁଭାଷ ଚନ୍ଦ୍ର ବୋଷଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନତାଜୀ ସୁଭାଷ ଚନ୍ଦ୍ର ବୋଷ ରାଜନୀତି ଓ ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ବେଳେ ଆଧାତ୍ମିକ ଚିନ୍ତାଧାରା ଦ୍ୱାରା ମଧ୍ୟ ବେସ୍ ଉଚ୍ଚକୋଟୀର ହୋଇଥିଲା। ବିଶିଷ୍ଟ ଐତିହାସିକ ହିନ୍ଦୁ ରାଷ୍ଟ୍ରବାଦୀ ପ୍ରଫେସର ରାମଚନ୍ଦ୍ର ମଜୁମଦାର ମତବ୍ୟକ୍ତ କରିଛନ୍ତି "ଗାନ୍ଧିଜୀଙ୍କ ପରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଅଧିକତମ ପ୍ରଭାବଶାଳୀ ବ୍ୟକ୍ତି ନିଃସନ୍ଦେହ ଭାବରେ ସୁଭାଷ ଚନ୍ଦ୍ର ବୋଷ"। ନେତାଜୀ ଯୁବଶକ୍ତି ପ୍ରସଙ୍ଗରେ ଆହ୍ୱାନ ଦେଇ କହୁଥିଲେ, "ବନ୍ଧୁଗଣ ଯୁବଶକ୍ତିର ଜାଗରଣରେ ସାହାଯ୍ୟ କର। ଯୁବ ଆନ୍ଦୋଳନ ପାଇଁ ସଙ୍ଗଠନ ଗଢ଼ିଉଠୁ। ଆତ୍ମସଚେତନ ଯୁବଶକ୍ତି କେବେଳ କାର୍ଯ୍ୟ କରିବ ନୁହେଁ, ସ୍ୱପ୍ନ ମଧ୍ୟ ଦେଖିବ, କେବଳ ଧ୍ୱଂସ କରିବ ନାହିଁ, ନିର୍ମାଣ ମଧ୍ୟ କରିବ। ଆମେ ସବୁ ବିଫଳ ହୋଇଯିବା କିନ୍ତୁ ଯୁବଶକ୍ତି ବିଫଳ ହେବନାହିଁ। ଆମମାନଙ୍କ ପାଇଁ ସେମାନେ ଏକ ନବଭାରତ ନିର୍ମାଣ କରିବାରେ ସଫଳ ହୋଇପାରିବ। ସମସ୍ତ ବ୍ୟର୍ଥତା, ସମସ୍ତ ପରୀକ୍ଷା ଓ ଅତୀତର ତିକ୍ତ ଅଭିଜ୍ଞତାରୁ, ଯୁବଶକ୍ତି ସଫଳତା ଦିଗରେ କାର୍ଯ୍ୟ କରିଯିବ। ଯଦି ସାମ୍ପ୍ରଦାୟିକତା ଓ ଅନ୍ଧବିଶ୍ୱାସକୁ ଆମେ ଦୂର କରିବାକୁ ଚାହୁଁ, ତାହାହେଲେ ଯୁବକମାନଙ୍କ ଭିତରେ ହିଁ ଆମକୁ କାର୍ଯ୍ୟ କରିବାକୁ ହେବ"।

ନେତାଜୀ ଭାରତର ପରାକ୍ରମ ଓ ପ୍ରେରଣାର ପ୍ରତିମୂର୍ତ୍ତି। ନିଜ ଭୂମିରେ ନିଜ ସରକାର ପାଇଁ ସେ ସଂକଳ୍ପ ନେଇଥିଲେ। ଆଣ୍ଡାମାନରେ ତ୍ରିରଙ୍ଗା ଉଡ଼ାଇ ସେ ନିଜ ସଂକଳ୍ପ ପୂରା କରିଥିଲେ। ଯଦିଓ ସେ ଚରମପନ୍ଥୀ ଚିନ୍ତାଧାରାର ବ୍ୟକ୍ତିତ୍ୱର ପରିଚୟ ଦେଶପ୍ରେମୀ ଭାବରେ କଦାପି ଭୁଲି ନାହାଁନ୍ତି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ନୀତିରେ ଚିନ୍ତାଧାରାକୁ। ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ୧୯୪୩ ମସିହାରେ ଗଠନ କରାଯାଇଥିବା ଗରିଲା ରେଜିମେଣ୍ଟକୁ ତିନିଗୋଟି ବ୍ରିଗେଡ ମଧ୍ୟରେ ବିଭକ୍ତ କରାଯାଇଥିଲା। ଭାରତୀୟ ଜାତୀୟ ବାହିନୀର ଗାନ୍ଧି, ଆଜାଦ ଏବଂ ନେହେରୁ ନାମରେ ନାମକରଣ କରାଯାଇ ଏହାର ନେତୃତ୍ୱ ନେଉଥିଲେ ଶାହାନଓ୍ୱାଜ ଖାଁ। ନେତାଜୀ ହିଂସା କୁ ଭଲ ପାଉଥିଲେ ତାହା ଏକ ଭ୍ରାନ୍ତ ଧାରଣା, ସେ ଅହିଂସା ର ପକ୍ଷ ରେ ଥିଲେ ମାତ୍ର ଆବଶ୍ୟକ ସ୍ଥଳେ ହିଂସା ର ପନ୍ଥା କୁ ସମର୍ଥନ କରୁଥିଲେ।



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ନୀତିରେ ଅଗ୍ରସର ହୋଇ ଦେଶବାସୀ ସ୍ୱାଧୀନତାର ସ୍ୱାଦ ଚାଖିଥିଲେ। ଏବେ ଯଦି ଭାରତର ସ୍ୱାଧୀନତା ବିଷୟରେ ଚର୍ଚ୍ଚା କରିବା, ତେବେ "ଆଜାଦ୍ ହିନ୍ଦ ଫୌଜ" ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ କଦାପି ଏଡ଼ାଇ ଦିଆଯାଇପାରିବ ନାହିଁ। "ଆଜାଦ୍ ହିନ୍ଦ ଫୌଜ"ର ଅଦମ୍ୟ ସାହସ ଆଗରେ ଦିନେ ହାର ମାନିଥିଲେ ଇଂରେଜ ସରକାର, ଯାହା ଇତିହାସର ପୃଷ୍ଠାରେ ଚିରଦିନ ପାଇଁ ଅମର ଅକ୍ଷରରେ ଲେଖାହୋଇ ରହିଛି। ୧୯୪୨ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତକୁ ଇଂରେଜମାନଙ୍କ କବଳରୁ ସ୍ୱତନ୍ତ୍ର କରିବା ପାଇଁ ଗଠନ ହୋଇଥିଲା ଏକ ସଶସ୍ତ୍ର ସେନା "ଆଜାଦ୍ ହିନ୍ଦ୍ ଫୌଜ୍" ବା ଭାରତୀୟ ଜାତୀୟ ବାହିନୀ। ଜାପନ ସହାୟତାରେ ଏହାକୁ ପତିଷ୍ଠା କରିଥିଲେ ରାସବିହାରୀ ବୋଷ। ବିଶ୍ୱଯୁଦ୍ଧରେ ଜାପାନ ଦ୍ୱାରା ବନ୍ଦି ହୋଇଥିବା ଭାରତୀୟ ସୈନ୍ୟଙ୍କୁ ନେଇ "ଆଜାଦ୍ ହିନ୍ଦ୍ ଫୌଜ୍" ନାମରେ ଏହା ଗଠନ କରାଯାଇଥିଲା। ଏହା ପରେ ବର୍ମା ଏବଂ ମଲାୟାରେ ଥିବା ଭାରତୀୟ ସ୍ୱୟଂସେବକଙ୍କୁ ଦଳରେ ଭର୍ତ୍ତି କରାଯାଇ ଏକ ମଜବୁତ ସେନା ପ୍ରସ୍ତୁତ କରାଯାଇଥିଲା। ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି" ଏହା ଥିଲା 'ଆଜାଦ୍ ହିନ୍ଦ ଫୌଜ' ଉଦ୍ଦେଶ୍ୟରେ ସୁଭାଷ ବୋଷଙ୍କ ସେହି ନାରା, ଯାହାକୁ ଅନୁସରଣ କରି କୋଟି କୋଟି ଭାରତୀୟ ସ୍ୱାଧୀନତା ସଂଗ୍ରମ ଲଢ଼େଇରେ ଲମ୍ଫପ୍ରଦାନ କରିଥିଲେ। ନେତାଜୀଙ୍କ ଆହ୍ୱାନ ଥିଲା "ଯେଉଁ ଦେଶର ସରକାର ବା ଶାସନ ସାଧାରଣ ଜନତାଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରୁଛି, ସେହି ଦେଶର ଯୁବକ-ଛାତ୍ରମାନଙ୍କର କେବଳ ଦାୟିତ୍ୱ ନୁହେଁ ବରଂ ସେମାନଙ୍କର କର୍ତ୍ତବ୍ୟ ହେଉଛି ସେଭଳି ଏକ ସରକାର ବା ଶାସନକୁ ବଦଳାଇ ଦେବେ, ନଚେତ୍ ଶାସନ ଗାଦିରୁ କାଢ଼ିଦେବେ"।

ସୁଭାଷ ଚନ୍ଦ୍ର ବୋଷଙ୍କ "ଭାରତୀୟ ଜାତୀୟ ସଂଗ୍ରାମ" ପୁସ୍ତକରେ ଦେଶପ୍ରେମ, ଜାତୀୟତା ବାଦ ଓ ମୁକ୍ତି ଆନ୍ଦୋଳନର ନିଛକ ସତ୍ୟ ଘଟଣାବଳୀ ଓ ମାତୃଭୂମିକୁ ଭଲପାଇବା ସଂପର୍କରେ ଉଲ୍ଲେଖ କରିଛନ୍ତି। ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ସକ୍ଷମ ହୋଇନଥିଲେ ମଧ୍ୟ ତାଙ୍କ ଦ୍ୱାରା ପରିଚାଳିତ "ଆଜାଦ୍ ହିନ୍ଦ୍ ଫୌଜ" ଯେଉଁ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରିଥିଲା, ତାହା ଯେତିକି ବାସ୍ତବ ଓ ଅବିସ୍ମରଣୀୟ ତାହାଠାରୁ ଅଧିକ ଦୁଃସାହସିକ ଓ ରୋମାଞ୍ଚକର। ନେତାଜୀ ଉପାୟ ଅପେକ୍ଷା ଲକ୍ଷ୍ୟ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଜାତୀୟ ସ୍ୱାଧୀନର ଲକ୍ଷ୍ୟ ହାସଲ ନିମନ୍ତେ ଯେକୌଣସି ଉପାୟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପ୍ରସ୍ତୁତ ଥିଲେ , ଯଦିଓ ନୈତିକତା ଦୃଷ୍ଟିକୋଣରୁ ସେଗୁଡିକ ଉଚିତ୍ ନଥିଲେ ମଧ୍ୟ ବିରୋଧୀଙ୍କୁ ପରାହତ କରିବା ନିମନ୍ତେ ଯୁକ୍ତିଯୁକ୍ତ ମନେ କରୁଥିଲେ ସେ ଭାରତୀୟ ଜାତୀୟ ଇତିହାସର ଜଣେ ଅଦ୍ୱିତୀୟ ସଂଗ୍ରାମୀ ବୀର ଭାବରେ ସମ୍ମାନୀତ। ତାଙ୍କର ଜୀବନି, କାର୍ଯ୍ୟକଳାପ, ବିଦେଶୀ ଶାସନର ଶୃଙ୍ଖଳରୁ ଦେଶମାତୃକାକୁ ମୁକ୍ତ କରିବା ପାଇଁ ଆଗ୍ନେୟ ଶପଥ ତାଙ୍କୁ ମହାନ୍ କରିଛି। ବ୍ୟକ୍ତିଯେ ଇତିହାସ ସୃଷ୍ଟି କରି ପ୍ରଚଣ୍ଡ ସ୍ୱାଭିମାନର ବିପୁଳ ବିଶ୍ୱ ରଚନା କରିପାରେ, ନେତାଜୀ ଥିଲେ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହି ମହାନ୍ ଯୋଦ୍ଧାଙ୍କର ପବିତ୍ର ୧୨୮ ତମ ପୁଣ୍ୟ ଜନ୍ମଜୟନ୍ତୀ ଅବସରରେ ଭକ୍ତିପୂର୍ଣ୍ଣ ପ୍ରଣାମ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲାଃ କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ପାରମ୍ପରିକ କୃଷି ଓ ବିଷମୁକ୍ତ ଆହାର

**ନିରଞ୍ଜନ ନାୟକ**



"ଚାଷ ଅଛି ଯାହାର କେତେ ସୁଖ ତାହାର " ଚାଷୀଭାଇ ସିନା ଯୋଗାଉଛି ଦୁନିଆକୁ ଆହାର"।ଚାଷି ଭାଇ କଷ୍ଟସହି ଆମକୁ ଯେଉଁ ଆହାର ଦେଉଛି,ସେଇ ଆହାର କଥା ଆମେ କେବେ ଭାବିଛୁ ? ଜଳ,ଜମି,ପରିବେଶ ଉପରେ ବିତର୍କ ଆଲୋଚନା କେବେ କରିଛୁ ? ନା କେବେ ନୁହେଁ! ଯଦି ଆମେ ଆଲୋଚନା କରନ୍ତେ,ତାହେଲେ ଆଜି ଦେଶ ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ପରେ ବି ସବୁଠି ପଲିଥିନ୍ ର ଆବରଣ। ଜଳ,ଜମି,ପବନ ସହ ଆମ ଖାଦ୍ୟ ପଦାର୍ଥ ଜହର କବଳିତ ହୋଇ ନ ଥାଆନ୍ତା।

ଭାରତବର୍ଷର ଚାଷୀ ଚାଷରେ ପରମ୍ପରାଗତ ପଦ୍ଧତି ଅବଲମ୍ବନ କରି ସ୍ୱାଧୀନତା ପୂର୍ବରୁ ଯେଉଁ ଆହାର ଯୋଗାଉଥିଲା ତାହା କେବେ ବିଷ ନ ଥିଲା । କିନ୍ତୁ ସ୍ୱାଧିନତା ପରେ ୧୯୬୦ ଦଶକ ସବୁଜ ବିପ୍ଳବ ର ଆଗମନ ପରେ ଭାରତର ଜନସଂଖ୍ୟା କୁ ଦୃଷ୍ଟିରେ ରଖି ଚାଷ ଜମିରେ ଅଧିକ ଉତ୍ପାଦନର ଲକ୍ଷ୍ୟ ନେଇ ବୈଜ୍ଞାନିକ କୌଶଳକୁ ଆପଣେଇ ୟୁରିଆ, ଡିଏପି,ପଟାସ ଏବଂ ରାସାୟନିକ ବିଷଯୁକ୍ତ ଅନେକ ମାରାତ୍ମକ କୀଟନାଶକ ଯଥା ପୋକମରା ଓ ଘାସ ମରା ବିଷ ଫସଲରେ ବ୍ୟବହାର ହେଲା । ସେତେବେଳେ ଚାଷୀ ରାସାୟନିକ ସାର ଓ ବିଷ ଉପରେ କିଛି ଜାଣିନଥିଲେ। ପରେ ସେମାନଙ୍କ ଚାଷ ଜମିରେ ରାତି ଅଧିଆ ସାର ଓ କୀଟନାଶକ ର ବ୍ୟବହାର କରାଯାଇଥିଲା। ପରିବେଶରେ ଡିଡିଟି ର ବହୁଳ ବ୍ୟବହାର ଆଜିର ରୋଗ ବ୍ୟାଧିର ଗୋଟିଏ କାରକ। ବର୍ତ୍ତମାନ ଚାଷୀ ମାନଙ୍କ ର ରାସାୟନିକ ସାର ଓ କୀଟନାଶକ ପ୍ରତି ଏତେ ଦୁର୍ବଳତା ରହିଛି ଯେ ରାସାୟନିକ ସାର ଓ କୀଟନାଶକ ବିନା ଚାଷ କରିବା ଆଉ ସମ୍ଭବପର ନୁହେଁ ବୋଲି ଅଧିକାଂଶ ଚାଷୀଙ୍କ ମତ। ତେବେ ରାସାୟନିକ ସାର ଓ କୀଟନାଶକ ସହଜ ଓ ସୁବିଧା ଏବଂ ଅଭ୍ୟସ୍ତ ତଥା ଅଧିକ ଅମଳ ଦୃଷ୍ଟିରୁ ବର୍ଷ କୁ ବର୍ଷ ଦେଶରେ ରାସାୟନିକ ସାର ଓ କୀଟନାଶକ ର ପରିମାଣ ଅଧିକ ବଢ଼ିବାରେ ଲାଗୁଛି। ଯେଉଁ ଅଞ୍ଚଳ ରେ କପା ଚାଷ କରାଯାଉଛି ସେଇଠି ରାସାୟନିକ ସାର ଓ କୀଟନାଶକ ବିଷ ର ପରିମାଣ ଅଧିକ ବ୍ୟବହାର ହେଉଛି। ୟୁକାଲିପଟାସ ଚାଷରେ ବି ସାର ଓ କୀଟନାଶକ ବ୍ୟବହାର ମାଟି ଓ ପାଣି ପରିବେଶ ପାଇଁ କ୍ଷତିକାରକ ବୋଲି ବିଶେଷଜ୍ଞ ମାନଙ୍କ ମତ । ବର୍ତ୍ତମାନ ନାନୋ ୟୁରିଆ,ନାନୋ ଡିଏପି,ଜୀବାଣୁ ସାର ବଜାରରେ ଉପଲବ୍ଧ ହେଲାଣି ଯାହାକି ଗଛର ପତ୍ର ଉପରେ ସିଞ୍ଚନ କରିବା ଦ୍ୱାରା ମାଟି ସେତେଟା ପ୍ରଭାବିତ ହେବ ନାହିଁ। ବର୍ତ୍ତମାନ ଡ୍ରୋନ ଦ୍ୱାରା ଚାଷ କ୍ଷେତ୍ରରେ ଔଷଧ ସିଞ୍ଚନ କରାଯାଉଛି। ତଥାପି ଆମେ କହିପାରିବାକି ବର୍ତ୍ତମାନ ମାଟି କ'ଣ ବିଷାକ୍ତ ନୁହେଁ କି ? ଆମେ ଖାଉଥିବା ଆହାର ଜହର ନୁହେଁ କି ? ସାର ଓ କୀଟନାଶକ ମଣିଷର ଯାବତୀୟ ରୋଗର କାରଣ ନୁହେଁ କି ! ବର୍ତ୍ତମାନ ବଜାରରେ ଧାନ ମକା ପନିପରିବା ସବୁ ହାଇବ୍ରିଡ କିସମ। ଏହି ହାଇବ୍ରିଡ ବା ଶଙ୍କର କିଷମ ବିହନ ଚାଷ ବିଷ ନ ଦେଲେ ପୋକ ମରେନି କି ରାସାୟନିକ ସାର ନ ଦଲେ ଉତ୍ପାଦନ ହୋଇପାରୁନି। ଆମେ ଚିନ୍ତା କଲେ ! ଆମ ଅଞ୍ଚଳରେ ଲୁପ୍ତ ପ୍ରାୟ ଦେଶିଧାନ ଯଥା ଦେଉଳଭୋଗ, ବାଇଗଣ ମଞ୍ଜି, ନଡ଼ିଆ ରସ,ରତ୍ନ ଚୁଡି,ଆସାମ ଚୁଡି, ଘୋଡାକୁଟା, ଗୋରୁ ଖିଆ,ମିରଲ ଧାନ, କଳା ଜିରା, କଳା ମଲ୍ଲି,ହଳଦୀ ଗଣ୍ଠି,ବଣ୍ଡେଲ,ଭଙ୍ଗାର କାର୍ତ୍ତିକା,ମାଛକଣ୍ଟା, ମହିପାଳ,ଲଦିଆ, ଲାଇସିରି,ଲକ୍ଷ୍ମୀ ବିଳାସ, ଗଙ୍ଗା ବାଲି,ମିରଲ ଧାନ,ଏବଂ ଚେପଟି ଇତ୍ୟାଦି ଧାନର ଚାଉଳ ସହ ଗୋବରଖତ ଏବଂ ଜୈବିକସାର ରୁ ଉତ୍ପାଦନ ପନିପରିବା ର ନାଁ ଶୁଣିଲେ ଆମେ ନିଶ୍ଚିତ ରୂପେ ଦୋକାନ ବଜାର,ହାଟ ,ମେଳା,ମହୋତ୍ସବ ଗୁଡିକରେ ଭିଡ ଜମାଇ ଅଧିକ ଟଙ୍କା ଦେଇ କିଣିନେଉଛେ। କାରଣ ବଞ୍ଚିବା ପାଇଁ, ସୁସ୍ଥ ଶରୀର ପାଇଁ ଜୈବିକ ଚାଷ ରେ ଉତ୍ପାଦିତ ଶସ୍ୟ ଓ ପନିପରିବା ଆମ ପାଇଁ ଅପରିହାର୍ଯ୍ୟ ଏ କଥାଟିକୁ ଆମେ ମନେରଖିଛୁ। ପ୍ରଶ୍ନ ଉଠେ କ'ଣ ଆମ ଦ୍ୱାରା ଚାଷୀ ଭାଇ ମାନଙ୍କ ଦ୍ୱାରା ସମ୍ଭବ ହୋଇପାରିବନି ପୁରୁଣା ଚାଷ ପଦ୍ଧତି, ଭାରତୀୟ ସ୍ୱଦେଶୀ ବିହନର ଆଦର! ଆମେ କ'ଣ ପାଇବା ନାହିଁ କି ବିଷମୁକ୍ତ ଖାଦ୍ୟ ! ଯାହା ଆମ ଦେହ ମନ କୁ ସବୁବେଳେ ସୁସ୍ଥ ଓ ନିରୋଗ ରଖିପାରିବ । ମାଟିର ଜୈବ ବିବିଧତା,ପରିବେଶ ସୁରକ୍ଷା,ମାଟିର ଉପକାରୀ ଜୀବ ତଥା ଜୈବ ମଣ୍ଡଳରେ ଥିବା ଫସଲର ବନ୍ଧୁ ଜିଆ, ଏବଂ ଅନ୍ୟ ଉପକାରୀ ଜୀବ, ଜଳ ଜୀବ,କୀଟପତଙ୍ଗ,ପକ୍ଷୀ ସବୁ ସୁରକ୍ଷିତ ରହିପାରିବେ । ଏ ସବୁ ଯାବତୀୟ ସମସ୍ୟା ଦୂରକରିବା ପାଇଁ ଭାରତ ସରକାର ତିନିଶହ କୋଟିର ଏକ ବଜେଟ୍ କରିଥିଲେ। ଜୈବିକ କୃଷି ବଦଳରେ ପରମ୍ପରାଗତ କୃଷି ବିକାଶ ଯୋଜନା ଦୁଇ ହଜାର ପନ୍ଦର ରୁ ତିନିବର୍ଷ ଯାଏଁ ଚାଲିବା ସ୍ଥିର ହୋଇଥିଲା । ଏ ସମ୍ପର୍କରେ ମୁଁ ଏବଂ ଅନ୍ୟ ଅବିଭକ୍ତ କୋରାପୁଟ,ପୁରୀ,କଳାହାଣ୍ଡି ଏବଂ ଫୁଲବାଣୀ ଜିଲ୍ଲା କୁ ନେଇ ନୟାଗଡ ଜିଲ୍ଲା ର ସମ୍ଭବ ସଂସ୍ଥା ରେ ଅପ୍ରେଲ ଏକତିରିଶ ତାରିଖରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଥିରେ ଓଡିଶା କୃଷିବିଭାଗ ଅଧିକାରୀ, ସମେତ ନଅଟି ବେସରକାରୀ ସଂସ୍ଥା ଯୋଗଦେଇ ଥିଲେ। ଏଥିରେ ଜିଲ୍ଲାର ଦଶ ହଜାର କ୍ଲଷ୍ଟର ରେ ଷୋହଳ ହଜାର ଚାଷଜମି ପାଇଁ ଚଉଦଲକ୍ଷ ପଞ୍ଚାନବେ ହଜାର ଟଙ୍କା ଖର୍ଚ୍ଚ କରି ପଚାଷ ଜଣ ଚାଷୀଙ୍କୁ ଗ୍ରୁପ ମାଧ୍ୟମରେ ତାଲିମ ବ୍ୟବସ୍ଥା ରହିଥିଲା। ପିକେଭିୱାଇ ଯୋଜନା ର ଅବଧି ଶେଷ ପରେ ଭାରତ ସରକାରଙ୍କ ବିପିକେପି( ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି) ଯୋଜନା ୨୦୨୩ ରୁ ଆରମ୍ଭ ହୋଇଛି। କ୍ଲଷ୍ଟର ଗୁଡିକ ରେ ଚାଷୀଭାଇ ମାନଙ୍କୁ ଦେଶୀ ଧାନ ସହ ହାଣ୍ଡି ଖତ, ଜୀବାମୃତ, ବୀଜାମୃତ ଆଚ୍ଛାଦନ, ସମ୍ପର୍କରେ ଚାଷୀଙ୍କୁ ବୁଝାଯାଉଛି। ପରିଶେଷରେ ଚାଷୀଙ୍କୁ ଭାରତ ସରକାରଙ୍କ ପିଜିଏସ ପ୍ରଣାମ ପତ୍ର ଦିଆଯାଏ। ଚାଷୀଙ୍କ ଜମି(ମାଟି) ଓ ଉତ୍ପାଦିତ ବିହନ ଭାରତର ଅର୍ଗାନିକ ଲ୍ୟାବରେଟୋରି ରେ ପରୀକ୍ଷଣ ହୋଇଥାଏ। ବର୍ତ୍ତମାନ ବଜାରୀକରଣ ପାଇଁ ବି ଅନେକ ସଂସ୍ଥା ଆଗକୁ ଆସିଲେଣି। ଭାରତ ରତ୍ନ ସୁବାସ ପାଲେକରଙ୍କ ଶୂନ୍ୟ ବଜେଟ କୃଷି,ଜୈବିକ ଚାଷ କୁ କେତେକ ପଞ୍ଚାୟତ ଗୁଡିକ ରେ ସୀମିତ ନ ରଖି ଓଡ଼ିଶାର ପ୍ରତି ଗାଁ ରେ ଏହାର ଉପାଦେୟତା ଏବଂ ବଜାରୀକରଣ ବ୍ୟବସ୍ଥା ପ୍ରତି ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଲେ ସୁସ୍ଥ ଖାଦ୍ୟ ସହ ସୁସ୍ଥ ପରିବେଶ ଏବଂ ସୁସ୍ଥ ଜୀବନ ଆମେ ପାଇ ପାରିବା।



ବର୍ତ୍ତମାନ ହୃଦଘାତ, ମସ୍ତିଷ୍କ ବ୍ୟାଧି, କ୍ୟାନସର, ଡାଇବେଟିସ ଭଳି ମାରାତ୍ମକ ରୋଗର କାରଣ ହେଉଛି ଆଜିର ରାସାୟନିକ ବିଷ ଚାଷ ପ୍ରଣାଳୀ । ଆମେ ଜମିରେ ଧରିଚା, ଛଣି, ଆଜୋଲା, କମ୍ପୋଷ୍ଟ, ଜିଆ ଖତ ସହ ଫସଲ ପର୍ଯ୍ୟାୟ ଅବଲମ୍ବନ ସହ ଅନ୍ତ ଫସଲ, ମିଶ୍ରିତ ଚାଷ କରିବା, ଭାରତୀୟ ଆଞ୍ଚଳିକ ବିହନ ଚାଷ ସହ ଜୈବିକ ପ୍ରଣାଳୀରେ ଚାଷ କଲେ ଆମେ ସୁସ୍ଥ ଖାଦ୍ୟ ପାଇ ପାରିବା।

ଭାବିଲେ ! ଆମ ପୂର୍ବପୁରୁଷ ମାନଙ୍କ ପରିଶ୍ରମ ରେ ବିଲବାଡିରେ ପୂର୍ବରୁ ରାସାୟନିକ ସାର ବିନା ଯେଉଁ ଚାଷ ରୁ ଉତ୍ପନ୍ନ ଖାଦ୍ୟ ପନିପରିବା ଆମେ ପାଉଥିଲୁ ତାହା କେଢେ ସ୍ୱାଦିଷ୍ଟ ଥିଲା,ସ୍ୱାସ୍ଥ୍ୟ ପ୍ରଦ ଥିଲା ! ଦେଶୀ ଧାନ ଚାଉଳ ର ଭାତ ଓ ଜୈବିକ ପନିପରିବା ତରକାରୀର ଭିନ୍ନ ସ୍ୱାଦ ଥିଲା। ପନିପରିବା ଖୋଲାରେ ରଖିଦେଲେ ମଧ୍ୟ ଅଧିକ ଦିନ ପର୍ଯ୍ୟନ୍ତ ସତେଜ ହୋଇ ରହୁଥିଲା। ବର୍ତ୍ତମାନ ରାସାୟନିକ ବିଷଯୁକ୍ତ ଚାଷ ରେ ପନିପରିବା ସଂରକ୍ଷଣ ଶୀତଳୀକରଣ ଯନ୍ତ୍ର ଉପରେ ନିର୍ଭରଶୀଳ। ଯେ କୌଣସି ହାଇବ୍ରିଡ( ଶଙ୍କର ଜାତିୟ ) ବିହନ ସ୍ୱାଦ ହିନ,ଗନ୍ଧ ହୀନ ଏବଂ ରସ ହୀନ ଅଟେ। ବର୍ତ୍ତମାନ ଅବିଭକ୍ତ କୋରାପୁଟ ସମେତ ପଶ୍ଚିମଓଡିଶାର କେତୋଟି ସ୍ଥାନ,ମୟୁର ଭଞ୍ଜ, କେଉଁଝର ଜିଲ୍ଲାରେ କିଛି ଅଞ୍ଚଳରେ ଆଞ୍ଚଳିକ ଧାନ ଚାଷ ହେଉଛି। ବର୍ତ୍ତମାନ କୋରାପୁଟ ଜଗନ୍ନାଥ ମନ୍ଦିର ମ୍ୟୁଜିୟମ ଠାରେ ପୂର୍ବରୁ ଚାଷ ହେଉଥିବା ଦେଶୀ ଧାନ ଉପରେ ତଥ୍ୟ ପାଇପାରିବା ସହ ବିଭିନ୍ନ ଦେଶୀ ଧାନର କେମିତି ରୂପ ତାହା ଦେଖିପାରିବା। ଅନେକ ବ୍ୟକ୍ତିବିଶେଷ ଏବଂ ସଂଗଠନ ମଧ୍ୟ ଦେଶୀ ବିହନ ସଂରକ୍ଷଣ କରିଛନ୍ତି। ଆସନ୍ତୁ, ଆମେ ସମସ୍ତେ ପାରମ୍ପରିକ ଚାଷପ୍ରଣାଳୀ କୁ ଆପଣେଇ ଏକ ନିରୋଗ ଓ ବିଷମୁକ୍ତ ଭାରତବର୍ଷର ସ୍ୱପ୍ନ କୁ ସାକାର କରିବା ସହ ବିଷମୁକ୍ତ ବିଶ୍ୱ ର ପରିକଳ୍ପନା କରିବା।

**ଟିକିରି, କାଶିପୁର, ରାୟଗଡା**
**ମୋବାଇଲ୍: ୯୪୩୭୩୧୭୪୧୭**

# ଓଡ଼ିଆ ନାଟକ ଏକ ବିହଙ୍ଗାବଲୋକନ

**ଦାଶରଥୀ ଶତପଥୀ**



ସାଂପ୍ରତିକ ସମୟରେ ମଣିଷର ବ୍ୟସ୍ତବହୁଳତା ବହୁ ଗୁଣରେ ବଢ଼ିଯାଇଛି। ମଣିଷ ଏକ ସାମାଜିକ ପ୍ରାଣୀ ଓ ସମାଜରେ ବସବାସ କରେ। ଆମେ ଆଜି ଯେଉଁ ସମାଜରେ ବାସ କରୁଛନ୍ତି ଆମର ପରିବେଷ୍ଟନୀ ବହୁ ଗୁଣରେ କଳୁଷିତ ହେବାକୁ ବସିଲାଣି। ପରନିନ୍ଦା, ପରଚର୍ଚ୍ଚାରେ ଆମେ ସମୟ ବିତାଇବା ସଙ୍ଗେ ସଙ୍ଗେ ବେଳେ ବେଳେ ମାନସିକ ଶାନ୍ତି ହରାଇବସୁ।

କର୍ମବହୁଳ ଜୀବନରୁ କିଛି ସମୟ ବାହାର କରି ମଣିଷର ମନ ଚାହେଁ ଟିକିଏ ଶାନ୍ତିରେ ରହିବା ପାଇଁ। ସେଥିପାଇଁ ଆବଶ୍ୟକତା ପଡ଼ିଥାଏ ଚିତ୍ତ ବିନୋଦନ। ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଏହି ସମାଜ ବ୍ୟବସ୍ଥାର ଚଳନୀକୁ ନେଇ ଗଢ଼ିଉଠିଥାଏ ନାଟକ, ଲୋକନାଟକ, ପାରଂପରିକ ଲୋକନାଟକ ଏବଂ ଆଧୁନିକ ନାଟକ।

ସମଗ୍ର ବିଶ୍ୱରେ ଭାରତ ତାର ନିଜର କଳାକୌଶଳ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି ଓ ଏହାର ଅଗ୍ରଭାଗରେ ରହିଛି ଓଡିଶା। ସାଂପ୍ରତିକ ସମାଜରେ ଓଡିଶାର ନାଟକ କିଛି ଦରବାରରେ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଏହା ସମାଜକୁ ବିପୁଳ ଆନନ୍ଦ ପ୍ରଦାନ କରୁଅଛି ଏବଂ ସମାଜର ପରିବର୍ତ୍ତନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଅଛି। ପ୍ରାଚୀନ ନାଟକ, ଯାତ୍ରା ଏବଂ ଏହାପରେ ଆଧୁନିକ ଓଡିଆ ନାଟକ। ଗ୍ରାମାଞ୍ଚଳର ପାଲା, ଦାସକାଠିଆ, ରାମଲୀଳା ପରେ ଏହାର ସ୍ଥାନ ନେଇଛି ଓଡିଆ ନାଟକ। ୧୯୮୦ ମସିହା ପରଠାରୁ ବିଦ୍ୟୁତ୍ ବଲ୍ବ ପରେ ପରେ ସାଉଣ୍ଡ ବକ୍ସ ତଥା ମାଇକ୍ରୋଫୋନର ପ୍ରଚଳନ ଏକ ମାଇଲଖୁଣ୍ଟ। ଏହା ସହିତ ସିନେମା ଭଳି ଅତ୍ୟାଧୁନିକ ସାଜସଜ୍ଜା।

ସାଂପ୍ରତିକ ସମାଜରେ ନାଟକ ସମାଜକୁ ସଚେତନତାର ବାର୍ତ୍ତା ଦେବା ସଙ୍ଗେ ସଙ୍ଗେ, ବହୁବିଧ ସାମାଜିକ ଓ ରାଜନୈତିକ ସମସ୍ୟାର ସମାଧାନ ସମାଜ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଅଛି। ବିଭିନ୍ନ ସରକାରୀ ଯୋଜନାର ପ୍ରସାର କ୍ଷେତ୍ରରେ ଏହା ଏକ ପ୍ରମୁଖ ମାଧ୍ୟମ ଭାବରେ କାର୍ଯ୍ୟ କରୁଅଛି। ମହାମାରୀ କରୋନାର କରାଳ ପ୍ରକୋପରେ ଓଡିଆ ନାଟକ କିଛି ଦିନ ପାଇଁ ବନ୍ଦ ରହିଥିଲେ ମଧ୍ୟ ଏବେ ଏହା ମୁଣ୍ଡ ଟେକିଲାଣି ଓ ଗ୍ରାମାଞ୍ଚଳ ଅପେକ୍ଷା ସହରରେ ସିନେମା ଭଳି ଯାତ୍ରାରେ ମଧ୍ୟ ଖୁବ୍ ଭିଡ ଜମୁଛି।

ବର୍ତ୍ତମାନ ସମୟ ଉପନୀତ ଓଡିଆ ନାଟକ ବିଷୟରେ ଅଧିକ ଗବେଷଣା ଓ ଅନୁଶୀଳନ କରିବାର ଆବଶ୍ୟକତା ରହିଛି। ଯାତ୍ରାର ଅଶ୍ଳୀଳତାକୁ ବନ୍ଦ କରି ସମସ୍ତେ ଦେଖିପାରିବା ଭଳି ନାଟକ ପରିବେଷଣ ହେବା ଆବଶ୍ୟକ।

ପ୍ରତ୍ୟେକ ବର୍ଷ ନାଟ୍ୟ ମହୋତ୍ସବ କରି ନାଟକର ପ୍ରଚାର ଓ ପ୍ରସାର ପାଇଁ ଆମେ ଶତତ ଚେଷ୍ଟିତ ହେବା। ଓଡିଆ ନାଟକ, ସାମାଜିକ ଓ ସାଂସ୍କୃତିକ ବିଭବକୁ ସଚେତନତା କରିବା ପାଇଁ ଯେଉଁ ପ୍ରୟାସ ଜାରି ରଖିଛନ୍ତି ଏବଂ ସମଗ୍ର ସମାଜକୁ ସଚେତନତାର ଏକ ବଳିଷ୍ଠ ମାଧ୍ୟମ ସାଜିଛନ୍ତି ତାହା ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ।

କିଛି ସମୟ ମନକୁ ସୁଖ ଓ ଶାନ୍ତିରେ ଭରିହେବା କ୍ଷଣଭଙ୍ଗୁର ସଂସାରରେ ଜୀବନକୁ ମନ ଭରି ଉପଭୋଗ କରିବା ଓ ହସଖୁସିରେ ସମୟକୁ ଅତିବାହିତ କରିବା। ସ୍ୱପ୍ନ ଓ ସମ୍ଭାବନା ଭିତରେ ଓଡିଆ ନାଟକ ବଂଚି ରହିଛି ଓ ବଂଚି ରହିବ ମଧ୍ୟ।

**ସଚିବ, ଓଡ଼ିଶା ବିଧାନସଭା**
**ମୋବାଇଲ: ୯୪୩୮୦୮୧୭୧୩**



# ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରିଲା ଆମେରିକା

## ପ୍ରଥମ ଦିନରେ ଟ୍ରମ୍ପଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି



**ୱାଶିଂଟନ୍, ୨୧।୧:** ଆମେରିକାର ୪୭ତମ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବା ପରେ ଡୋନାଲ୍ଡ ଟ୍ରମ୍ପ ଅନେକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଦସ୍ତଖତ କରିଛନ୍ତି। ତାଙ୍କ କାର୍ଯ୍ୟକାଳର ପ୍ରଥମ ଦିନରେ ଟ୍ରମ୍ପଙ୍କ ଦ୍ୱାରା ଦସ୍ତଖତ ହୋଇଥିବା ନିର୍ଦ୍ଦେଶରେ ପ୍ୟାରିସ୍ ଜଳବାୟୁ ଚୁକ୍ତିରୁ ପ୍ରତ୍ୟାହାର, ଟିକ୍‌ଟକ୍ ଉପରେ ପ୍ରତିବନ୍ଧକ ଛାଡ, କ୍ୟାପିଟାଲ୍ ହିଲ୍ ମାମଲାରେ କ୍ଷମା ପ୍ରାର୍ଥନା ଏବଂ ଫେଡେରାଲ୍ କର୍ମଚାରୀଙ୍କୁ ପୂର୍ଣ୍ଣକାଳୀନ କାମକୁ ଫେରିବା ଆବଶ୍ୟକତା ଆଦି ରହିଛି। ଶପଥ ଗ୍ରହଣ କରିବାର କିଛି ଘଣ୍ଟା ମଧ୍ୟରେ ଟ୍ରମ୍ପ ବହୁ ସଂଖ୍ୟକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଦସ୍ତଖତ କରିଛନ୍ତି।

ପ୍ୟାରିସ୍ ଜଳବାୟୁ ଚୁକ୍ତିରୁ ଆମେରିକା ପ୍ରତ୍ୟାହାର କରିଛି। ଏହି ପଦକ୍ଷେପ ବିଷୟରେ ଆମେରିକା ମିଳିତ ଜାତିସଂଘକୁ ସୂଚନା ଦେଇଛି। ୬ ଜାନୁଆରି ୨୦୨୧ରେ ଆମେରିକାର କ୍ୟାପିଟାଲ ଉପରେ ହୋଇଥିବା ଆକ୍ରମଣ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବା ୧୫୦୦ ଲୋକଙ୍କୁ ଡୋନାଲ୍ଡ ଟ୍ରମ୍ପ କ୍ଷମା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ମୁକ୍ତ ବକ୍ତବ୍ୟକୁ ପୁନଃସ୍ଥାପିତ କରିବା' ଏବଂ 'ସରକାରୀ ସେନ୍ସରସିପ୍' ରୋକିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡୋନାଲ୍ଡ ଟ୍ରମ୍ପ ଟିକ୍‌ଟକ୍‌କୁ ୯୦ ଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକାରେ ଟିକ୍‌ଟକ୍‌କୁ ଶନିବାର ବନ୍ଦ କରାଯାଇଥିଲା। ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଟ୍ରମ୍ପ ଆମେରିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ବାହାର କରିଛନ୍ତି। ଆମେରିକା ଏହାର ଏକ ଅଂଶ ହେବ ନାହିଁ। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ୭୮ଟି ନିର୍ଦ୍ଦେଶକୁ ମଧ୍ୟ ଡୋନାଲ୍ଡ ଟ୍ରମ୍ପ ବାତିଲ କରିଛନ୍ତି। ବାଇଡେନ ୨୦୨୦ରେ ରାଷ୍ଟ୍ରପତି ହୋଇଥିଲେ। ଡୋନାଲ୍ଡ ଟ୍ରମ୍ପ କୌଣସି ନୂତନ ନିୟମ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏହା ବ୍ୟତୀତ ଫେଡେରାଲ୍ ନିଯୁକ୍ତି ଉପରେ ପ୍ରତିବନ୍ଧକ ଲଗାଇବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଟ୍ରମ୍ପଙ୍କ ନୂତନ ଆଦେଶରେ ଫେଡେରାଲ କର୍ମଚାରୀମାନେ ଘରୁ କାମ କରିବା ପରିବର୍ତ୍ତେ ଅଫିସକୁ ସମ୍ପୂର୍ଣ୍ଣ

**ଡବ୍ଲ୍ୟୁଏଚଓ କୋଭିଡ୍-୧୯ ମହାମାରୀର ସଠିକ୍ ମୁକାବିଲା କରିପାରିଲା ନାହିଁ: ଟ୍ରମ୍ପ**

ଫେରିବାର ଆବଶ୍ୟକତା ରହିଥିବ ବୋଲି କୁହାଯାଇଛି। ପୂର୍ବ ପ୍ରଶାସନର ରାଜନୈତିକ ବିରୋଧୀଙ୍କ ବିରୋଧରେ ସରକାରଙ୍କୁ ଅସ୍ତ୍ରଶସ୍ତ୍ର ବନ୍ଦ କରିବାକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି।

ଆମେରିକାର ରାଷ୍ଟ୍ରପତି ଭାବରେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ଡୋନାଲ୍ଡ ଟ୍ରମ୍ପ ତାଙ୍କର ପ୍ରଥମ ବ୍ୟାଚ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଦସ୍ତଖତ କରିଛନ୍ତି। ପ୍ରମୁଖ ନୀତି ଏଜେଣ୍ଡା ସ୍ଥିର କରିବାରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି। କ୍ୟାବିନେଟର ଅନୁମୋଦନ ବିନା ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରାଯାଇପାରିବ, ଯଦିଓ ରାଷ୍ଟ୍ରପତି ବିନା ଆଦେଶରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିପାରିବେ ନାହିଁ। ଆମେରିକାରେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ମାଧ୍ୟମରେ ସମସ୍ତ ନିଷ୍ପତ୍ତି ନେବାକୁ ଏକ ସୀମା ଅଛି। ଏପରି ଆଦେଶ କେବଳ ସେହି ବିଷୟଗୁଡ଼ିକ ପାଇଁ ପ୍ରୟୋଗ ହୋଇପାରେ ଯେଉଁଥିରେ ସମ୍ବିଧାନରେ ପୂର୍ବରୁ କିଛି ଅଛି। ଯଦି ଏହି ଆଦେଶ କୌଣସି ଆଇନ ବିରୁଦ୍ଧରେ ଯାଏ, ତେବେ କଂଗ୍ରେସ ଏହାକୁ ଚ୍ୟାଲେଞ୍ଜ କରିପାରିବ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ କୋର୍ଟରେ ମଧ୍ୟ ଚ୍ୟାଲେଞ୍ଜ କରାଯାଇପାରିବ।

### ଆରଜି କର ଦୁଷ୍କର୍ମ ଓ ହତ୍ୟା ମାମଲା

# ମୃତ୍ୟୁଦଣ୍ଡାଦେଶ ଦାବିରେ ମମତାଙ୍କ ପିଆଇଏଲ୍



**ଦୋଷୀକୁ ମୃତ୍ୟୁଦଣ୍ଡ ଦାବି**

**କୋଲକାତା,୨୧।୧:** ଆରଜି କର ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତକୁ ମିଳିଛି ଆଜୀବନ ସଜା। ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରହିବ ସଞ୍ଜୟ ରୟ। ତେବେ କୋର୍ଟଙ୍କ ଏହି ରାୟରେ ଅସନ୍ତୁଷ୍ଟ ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାର। ସିଆଲଦା କୋର୍ଟ ଦେଇଥିବା ରାୟ ବିରୋଧରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି ମମତା। ଦୋଷୀକୁ ଆଜୀବନ ନୁହେଁ ଫାଶୀ ଦରକାର ବୋଲି ଦାବି ରଖିଛନ୍ତି। ଆରଜିକର ମାମଲାରେ ସିଆଲଦା କୋର୍ଟଙ୍କ ରାୟକୁ ମମତା ବାନାର୍ଜୀଙ୍କ ଚ୍ୟାଲେଞ୍ଜ। ଅଭିଯୁକ୍ତ ସଞ୍ଜୟ ରୟକୁ ମିଳିଥିବା ସଜାରେ ଅସନ୍ତୁଷ୍ଟ ପଶ୍ଚିମବଙ୍ଗ ସରକାର। ହେଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ। ଅଭିଯୁକ୍ତକୁ ଆଜୀବନ ନୁହେଁ ଫାଶୀ ଦରକାର କହିଲେ ମମତା। ମମତା କହିଛନ୍ତି ଯଦି ମାମଲାର ତଦନ୍ତ କୋଲକାତା ପୁଲିସ କରିଥାନ୍ତା ହୁଏତ ଦୋଷୀକୁ ଫାଶୀଦଣ୍ଡ ମିଳିଥାନ୍ତା। ଏଥିସହ ଟିଏମସି ମୁଖ୍ୟ କହିଛନ୍ତି ପ୍ରଥମ ଦିନରୁ ହିଁ ଆମେ ଦୋଷୀକୁ ଫାଶୀଦଣ୍ଡ ମିଳୁ ବୋଲି ଦାବି କରିଥିଲୁ କିନ୍ତୁ ସିବିଆଇର ତଦନ୍ତ ସନ୍ତୋଷଜନକ ନଥିଲା। ଆଜି ଦୋଷୀକୁ ଫାଶୀଦଣ୍ଡ ଜାଗାରେ ଆଜୀବନ କାରାଦଣ୍ଡ ମିଳିଛି। ସେପଟେ କୋର୍ଟଙ୍କ ଫଇସଲାକୁ ବିରୋଧ କରି ଜୁନିୟର ଡାକ୍ତର ଜୋରଦାର ବିକ୍ଷୋଭ କରିଛନ୍ତି। କୋର୍ଟ ବାହାରେ ଶହ ଶହ ସଂଖ୍ୟକ ଡାକ୍ତର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କୋର୍ଟଙ୍କ ଫଇସଲାରେ ପକ୍ଷପାତିତା ହୋଇଥିବା କହିଛନ୍ତି ବିକ୍ଷୋଭକାରୀ। ପୀଡିତାଙ୍କ ପରିବାରକୁ ୧୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ଗ୍ରହଣ କରିବେନି ବୋଲି କହିଛନ୍ତି ଅଭୟାଙ୍କ ପରିବାର। ମୃତ ପୀଡିତାଙ୍କ ବାପା କହିଛନ୍ତି ଆମକୁ ଟଙ୍କା ନୁହେଁ ନ୍ୟାୟ ଦରକାର। ଏହାଛଡା ମମତା ହାଇକୋର୍ଟରେ ଆବେଦନ କରିବାକୁ ନେଇ ଅଭୟାଙ୍କ ବାପା ବିରୋଧ କରିଛନ୍ତି। ସେ କହିଛନ୍ତି, ଆମକୁ କୋର୍ଟଙ୍କ ରାୟର କପି ଆଗ ମିଳୁ। ତା ପରେ ଆମେ ଆଗକୁ ନିଷ୍ପତ୍ତି ନେବୁ।

### ବଦଲାପୁର ଯୌନ ଶୋଷଣ ମାମଲା

# ଏନ୍‌କାଉଣ୍ଟର ମାମଲାରେ ୫ ପୁଲିସ ଦାୟୀ

**ମୁମ୍ବାଇ,୨୧।୧:** ମହାରାଷ୍ଟ୍ରର ବଦଲାପୁରରେ ଗତବର୍ଷ ଅଗଷ୍ଟ ୧୨ରେ ଦୁଇଜଣ ନାବାଳିକାଙ୍କ ସହ ଯୌନ ଶୋଷଣ ଘଟଣା ଘଟିଥିଲା। ଏହାପରେ ମୁଖ୍ୟ ଅଭିଯୁକ୍ତ ଅକ୍ଷୟ ସିନ୍ଦେ ସେପ୍ଟେମ୍ବର ୨୩ରେ ପୁଲିସ ଏନ୍‌କାଉଣ୍ଟରରେ ପ୍ରାଣ ହରାଇଥିଲା। ଏନ୍‌କାଉଣ୍ଟର ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ୪ ମାସ ପରେ ସୋମବାର ବମ୍ବେ ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ ହୋଇଛି। ରିପୋର୍ଟ ପାଇବା ପରେ ହାଇକୋର୍ଟ ବିଚାରପତି ରେବତୀ ମୋହିତେ ଡେରେ ଓ ବିଚାରପତି ନୀଲା ଗୋଖଲେଙ୍କ ଡିଭିଜନ ଖଣ୍ଡପୀଠ କହିଛନ୍ତି, ତଦନ୍ତରୁ ଜଣାପଡ଼ିଛି ଯେ ଏନ୍‌କାଉଣ୍ଟର ପାଇଁ ଭ୍ୟାନ୍‌ରେ ଥିବା ୫ ପୁଲିସ କର୍ମୀ ଦାୟୀ। ଏହି ୫ ଜଣଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରାଯାଉ।

## ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଦୃଶ୍ୟର ଭିଡିଓ ଭାଇରାଲ

**ନୂଆଦିଲ୍ଲୀ, ୨୧।୧:** ରାଜସ୍ଥାନ ଚିତ୍ତୌଡ଼ଗଡ଼ର ଏକ ସରକାରୀ ସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଆପତ୍ତିଜନକ ଅବସ୍ଥାରେ ଧରାପଡ଼ିଛନ୍ତି। ଦୁହିଁଙ୍କ ଆପତ୍ତିଜନକ ଅବସ୍ଥାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବନ କରିଦିଆଯାଉଛି। ଚିତ୍ତୌଡ଼ଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେନ୍ଦ୍ର ଶର୍ମା କହିଛନ୍ତି, ' ଆମେ ଏକ ଇମେଲ ପାଇଥିଲୁ। ଏହି ଇମେଲରେ ଜଣେ ଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକଙ୍କୁ ସ୍କୁଲ କୋଠରି ଭିତରେ ଆପତ୍ତିଜନକ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ଏ ଦୃଶ୍ୟ ପ୍ରଧାନଶିକ୍ଷକଙ୍କ କୋଠରିରେ ଲୁକ୍କାୟିତ ଭାବେ ଖିଞ୍ଚା ଯାଇଥିଲା। ସ୍କୁଲରେ ୯ଜଣ ଶିକ୍ଷକ ଥିବା ବେଳେ ସେଥିମଧ୍ୟରୁ ୭ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଏହି ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ସମ୍ପର୍କ ଥିବା ନେଇ ସ୍କୁଲର ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସନ୍ଦେହ କରିଥିଲେ କିନ୍ତୁ କୌଣସି ପ୍ରକାର ପ୍ରମାଣ ନଥିଲା। ତେଣୁ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମିଳିତ ଭାବେ ଟଙ୍କା ଯୋଗାଡ଼ କରି ପ୍ରଧାନଶିକ୍ଷକ ଅରବିନ୍ଦ ନାଥଙ୍କ ଅଜଣାତରେ ତାଙ୍କ କୋଠରିରେ କ୍ୟାମେରା ଖଞ୍ଜି ଦେଇଥିଲେ। ଏହି କ୍ୟାମେରାରେ ଅରବିନ୍ଦ ନାଥ ଓ ଶିକ୍ଷୟିତ୍ରୀଙ୍କ ଆପତ୍ତିଜନକ ଦୃଶ୍ୟ କୈଦ ହୋଇଯାଇଥିଲା।

## ୨୨ରୁ ୩୧ ପର୍ଯ୍ୟନ୍ତ ଲାଲକିଲ୍ଲା ପରିଦର୍ଶନ ବନ୍ଦ

**ନୂଆଦିଲ୍ଲୀ ୨୦।୧:** ଜାତୀୟ ରାଜଧାନୀ ଦିଲ୍ଲୀର ପ୍ରଶିଦ୍ଧ ପର୍ଯ୍ୟଟନ ସ୍ଥଳ ଲାଲକିଲ୍ଲାକୁ ଜାନୁୟାରୀ ୨୨ରୁ ଦିଲ୍ଲୀ ପୋଲିସ ସାଧାରଣ ଲୋକଙ୍କ ପରିଦର୍ଶନ ନିମନ୍ତେ ବନ୍ଦ ଘୋଷଣା କରିଛି। ଏହି କଟକଣା ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ ଲାଲକିଲ୍ଲା ବୁଲିଯିବାକୁ କାହାରିକୁ ଅନୁମତି ମିଳିବ ନାହିଁ। ଅଞ୍ଚଳ କଡ଼ା ସୁରକ୍ଷା ବଳୟରେ ରଖାଯିବ ବୋଲି ଦିଲ୍ଲୀ ପୋଲିସ ପକ୍ଷରୁ କୁହାଯାଇଛି। ଏଣୁ ଏହି ସମୟରେ କେହି ଲାଲକିଲ୍ଲା ବୁଲିବାକୁ ଚାହୁଁଥିଲେ ତାଙ୍କୁ ଅନୁମତି ମିଳିବ ନାହିଁ ବୋଲି କୁହାଯାଇଛି। ଦିଲ୍ଲୀ ଉତ୍ତର ଜିଲ୍ଲା ଡିସିପି ରାଜା ବାଁଣ୍ଠିଆ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଗଣତନ୍ତ୍ର ଦିବସ ସମାରୋହ ପାଳନ ନିମନ୍ତେ ସୁରକ୍ଷା ଦୃଷ୍ଟିରୁ ଲାଲକିଲ୍ଲାକୁ ସାଧାରଣ ଲୋକଙ୍କ ପରିଦର୍ଶନ ବାରଣ କରାଯାଉଛି।

## ଫେବୃଆରୀ ୫ରେ ମହାକୁମ୍ଭରେ ସାମିଲ ହୋବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୧।୧:** ଉତ୍ତରପ୍ରଦେଶ ପ୍ରୟାଗରାଜରେ ଭବ୍ୟ ଦିବ୍ୟ ମହାକୁମ୍ଭ ମେଳା ଜାରି ରହିଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଆସନ୍ତା ଫେବୃଆରୀ ୫ ତାରିଖରେ କୁମ୍ଭମେଳାରେ ସାମିଲ ହୋଇପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରୟାଗରାଜ ମହାକୁମ୍ଭରେ ବୁଡ ପକାଇପାରନ୍ତି ପ୍ରଧାନମନ୍ତ୍ରୀ। ଏ ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ଆସନ୍ତା ଫେବୃଆରୀ ୫ ତାରିଖରେ ପ୍ରଧାନମନ୍ତ୍ରୀ ପ୍ରୟାଗରାଜ କୁମ୍ଭମେଳାରେ ସାମିଲ ହେବା ସହ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନାର ସମୀକ୍ଷା କରିପାରନ୍ତି। ଏହା ସହିତ ଏକାଧିକ କାର୍ଯ୍ୟକ୍ରମରେ ସାମିଲ ହେବାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ସଙ୍ଗମ କ୍ଷେତ୍ର ଓ ପାଖାପାଖି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉଛି। ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶରେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ- ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଫେବୃଆରୀ ୧ ତାରିଖରେ ସଙ୍ଗମ କ୍ଷେତ୍ରରେ ବୁଡ ପକାଇବାର ସମ୍ଭାବନା ରହିଛି। ଏହା ସହିତ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୧୦ ତାରିଖରେ ପ୍ରୟାଗରାଜ ଗସ୍ତ କରିବାର ସମ୍ଭାବନା ଅଛି।



## ସର୍ବସାଧାରଣଙ୍କ ପାଇଁ ଫେବୃଆରୀ ୨ରେ ଖୋଲିବ ରାଷ୍ଟ୍ରପତି ଭବନସ୍ଥିତ 'ଅମୃତ ଉଦ୍ୟାନ'

**ନୂଆଦିଲ୍ଲୀ, ୨୧।୧:** ଆସନ୍ତା ଫେବୃଆରୀ ୨ ତାରିଖରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିବ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର 'ଅମୃତ ଉଦ୍ୟାନ'। ଏହା ମାର୍ଚ୍ଚ ୩୦ ତାରିଖ ଯାଏଁ ଖୋଲା ରହିବ। ଏନେଇ ମଙ୍ଗଳବାର ରାଷ୍ଟ୍ରପତି ଭବନରୁ ଏକ ବିବୃତ୍ତି ପ୍ରକାଶ ପାଇଛି। ବିବୃତ୍ତି ଅନୁଯାୟୀ, ସପ୍ତାହର ୬ ଦିନ ଅମୃତ ଉଦ୍ୟାନ ଖୋଲା ରହିବାବେଳେ କେବଳ ସୋମବାର ଦିନ ଏହି ସୌନ୍ଦର୍ଯ୍ୟଭରା ଉଦ୍ୟାନ ବନ୍ଦ ରହିବ। ପର୍ଯ୍ୟଟକମାନେ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅମୃତ ଉଦ୍ୟାନ ପରିଦର୍ଶନ କରିପାରିବେ। ଉତ୍ତର ଆଭେନ୍ୟୁ ରୋଡ୍ ନିକଟରେ ଥିବା ରାଷ୍ଟ୍ରପତି ଭବନର ଗେଟ୍ ନମ୍ବର ୩୫ ରୁ ପର୍ଯ୍ୟଟକମାନେ ଉଦ୍ୟାନରେ ପ୍ରବେଶ କରିବେ। ଏହା ସହ ସମସ୍ତ ପର୍ଯ୍ୟଟକଙ୍କ ପାଇଁ କେନ୍ଦ୍ରୀୟ ସଚିବାଳୟ ମେଟ୍ରୋ ଷ୍ଟେସନରୁ ବସ୍ ସେବା ମଧ୍ୟ କରାଯାଇଛି। ଏହି ବସ୍ ଗୁଡ଼ିକ ସକାଳ ୯.୩୦ରୁ ଆରମ୍ଭ କରି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରତି ୩୦ ମିନିଟ ସମୟ ବ୍ୟବଧାନରେ ଚଳାଚଳ କରିବ।

ସେପଟେ, ଫେବୃଆରୀ ୫ ତାରିଖରେ ଦିଲ୍ଲୀ ବିଧାନସଭା ମତଦାନ ହେତୁ ଉଦ୍ୟାନ ବନ୍ଦ ରହିବ। ଏଥିସହ ଫେବୃଆରୀ ୨୦ ଏବଂ ୨୧ ରେ ରାଷ୍ଟ୍ରପତି ଭବନରେ ସମ୍ମିଳନୀ ଏବଂ ମାର୍ଚ୍ଚ ୧୪ ରେ ହୋଲି ପାଇଁ ଅମୃତ ଉଦ୍ୟାନ ବନ୍ଦ ରଖାଯିବା ନେଇ ବିବୃତ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି କିଛି ବିଶେଷବ୍ୟକ୍ତିଙ୍କ ପାଇଁ ମଧ୍ୟ କେତେକ ସ୍ୱତନ୍ତ୍ର ଦିନରେ ପରିଦର୍ଶନ କରିବା ବ୍ୟବସ୍ଥା କରାଯାଇଛି। ମାର୍ଚ୍ଚ ୨୬ରେ ସ୍ୱତନ୍ତ୍ର ଭାବେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଉଦ୍ୟାନ ଖୋଲା ରହିବାବେଳେ ମାର୍ଚ୍ଚ ୨୭ରେ ପ୍ରତିରକ୍ଷା, ପାରାମିଲିଟାରୀ ଏବଂ ପୋଲିସ୍ ଫୋର୍ସ କର୍ମଚାରୀମାନେ ଉଦ୍ୟାନ ବୁଲିବାର ସୁଯୋଗ ପାଇବେ। ସେହିପରି ମାର୍ଚ୍ଚ ୨୮ରେ ଏସଏଚଜି ମହିଳା ଏବଂ ଆଦିବାସୀ ମହିଳାଙ୍କ ପାଇଁ ଉଦ୍ୟାନ ଖୋଲା ରହିବ। ଏହା ବ୍ୟତୀତ ମାର୍ଚ୍ଚ ୨୯ରେ କେବଳ ବରିଷ୍ଠ ନାଗରିକମାନେ ଉଦ୍ୟାନ ପରିଦର୍ଶନ କରିବାର ସୁବିଧା ପାଇବେ। ଅମୃତ ଉଦ୍ୟାନକୁ ପ୍ରବେଶ କରିବା ପାଇଁ, ଆପଣ visit. rashtrapatibhavan.gov.inରେ ଯାଇ ଅନଲାଇନରେ ଟିକେଟ ବୁକ୍ କରିପାରିବେ କିମ୍ବା ସେଠାରେ ଥିବା କାଉଣ୍ଟରରୁ ମଧ୍ୟ ଟିକେଟ୍ ନେଇପାରିବେ।

# ତୁର୍କୀ ରିସୋର୍ଟରେ ଭୟାବହ ଅଗ୍ନିକାଣ୍ଡ, ୧୦ ମୃତ



**ଅଙ୍କାରା, ୨୧।୧:** ତୁର୍କୀର ଏକ ରିସୋର୍ଟରେ ଭୟାବହ ଅଗ୍ନିକାଣ୍ଡ। ଉତ୍ତର-ପଶ୍ଚିମ ତୁର୍କୀର ଏକ ସ୍କି ରିସୋର୍ଟ ହୋଟେଲରେ ନିଆଁ ଲାଗି ୧୦ ଜଣଙ୍କ ମୃତ୍ୟୁ ହୋଇଛି। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଏଥିରେ ପୋଡ଼ି ହୋଇ ଅନ୍ୟ ୩୨ ଜଣ ଗୁରୁତର ହୋଇଛନ୍ତି। ଦମକଳ ବାହିନୀ ବହୁ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଛି। ଅର୍ଦ୍ଧଦଗ୍ଧ ଅବସ୍ଥାରେ ୩୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତୁର୍କୀର ମନ୍ତ୍ରୀ ଅଲ୍ଲୀ ୟେରଲିକାୟା କହିଛନ୍ତି, ବୋଲୁ ପ୍ରଦେଶରେ ଥିବା ଏହି ରିସୋର୍ଟର ରେଷ୍ଟୁରାଣ୍ଟରେ ବିଳମ୍ବିତ ରାତିରେ ନିଆଁ ଲାଗିଥିଲା। ନିଆଁ ଲାଗିବା ପରେ ଲୋକମାନେ ଚିତ୍କାର କରିଥିଲେ। ଏହି ସମୟରେ ଦୁଇ ଜଣ ଭୟଭୀତ ହୋଇ ବିଲ୍ଡିଂରୁ ଡେଇଁ ପଡ଼ିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିବା ଗଭର୍ଣ୍ଣର ଅବଦୁଲଅଜିଜ୍ ଆୟଦିନ୍ କହିଛନ୍ତି।

ସେ କହିଛନ୍ତି ଯେ ହୋଟେଲରେ ୨୩୪ ଜଣ ଅତିଥି ଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବାବେଳେ ଏହାର ତଦନ୍ତ କରାଯାଉଛି। ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳକୁ ୩୦ ଦମକଳ ଗାଡ଼ି ସହ ୨୮ ଆମ୍ବୁଲାନ୍ସ ପଠାଯାଇଥିଲା। ଆମ୍ବୁଲାନ୍ସ ସହାୟତାରେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ବି ସେଠାରେ ଉଦ୍ଧାର କାର୍ଯ୍ୟ ଚାଲିଛି। ହୋଟେଲରେ ଫସି ରହିଥିବା ଲୋକଙ୍କୁ ବାହାରକୁ ବାହାର କରାଯାଉଛି। କିଛି ଲୋକଙ୍କୁ ପ୍ରଶାସନ ଉଦ୍ଧାର କରିସାରିଥିବା ବେଳେ ଆଉ କିଛି ଲୋକ ବିଲ୍ଡିଂ ଭିତରେ ଫସିରହିଛନ୍ତି।

# ଇସ୍ରାଏଲ ମହିଳା ବନ୍ଧକମାନଙ୍କୁ ହମାସ ଦେଇଥିଲା ଉପହାର ବ୍ୟାଗ



**ତେଲ ଅଭିବ, ୨୧।୧:** ଗାଜାରେ ଅସ୍ତ୍ରବିରତି ହେବା ପରେ ହମାସ ଇସ୍ରାଏଲର ତିନିଜଣ ମହିଳା ବନ୍ଧକ ରୋମି ଗୋନନ୍, ଡୋରେନ୍ ଷ୍ଟେନ୍ବ୍ରେଚର୍ ଏବଂ ଏମିଲି ଡମାରିଙ୍କୁ ମୁକ୍ତ କରିଛି। ଯେତେବେଳେ ପାଲେଷ୍ଟାଇନ ଗୋଷ୍ଠୀ ହମାସର ସଦସ୍ୟମାନେ ଏହି ତିନିଜଣ ମହିଳାଙ୍କୁ ଗାଜା ସହରରେ ରେଡ କ୍ରସକୁ ହସ୍ତାନ୍ତର କରୁଥିଲେ, ସେତେବେଳେ ସେମାନଙ୍କୁ ଏକ କାଗଜ ବ୍ୟାଗ ଉପହାର ଦିଆଯାଇଥିଲା। ହମାସର ସାମରିକ ୱିଙ୍ଗ କସାମ ବ୍ରିଗେଡ୍ସର ଲୋଗୋ ଥିବା କାଗଜ ବ୍ୟାଗକୁ 'ଉପହାର ବ୍ୟାଗ' କୁହାଯାଉଛି। ଯେତେବେଳେ ତିନିଜଣ ଇସ୍ରାଏଲ୍ ମହିଳା ଗାଜାରୁ ରେଡ୍ କ୍ରସ୍ କାରରେ ଚଢ଼ିଲେ, ସେମାନଙ୍କ ହାତରେ ଏହି ବ୍ୟାଗ ଦିଆ ଯାଇଥିଲା।

ଗାଜାରୁ ଫେରିଥିବା ରୋମି ଗୋନନଙ୍କ ପରିବାର ସିଏନଏକୁ କହିଛନ୍ତି ଯେ, ହମାସ ପକ୍ଷରୁ ମିଳିଥିବା 'ଉପହାର ବ୍ୟାଗ'ରେ ଏକ ସାର୍ଟିଫିକେଟ୍, ହାର ଏବଂ କିଛି ଫଟୋ ରହିଛି। ସେ ଏହା ମଧ୍ୟ କହିଛନ୍ତି ଯେ, ଅନୁସନ୍ଧାନ ପାଇଁ ଇସ୍ରାଏଲର ଆଭ୍ୟନ୍ତରୀଣ ସୁରକ୍ଷା ଏଜେନ୍ସି ସଚିନ୍ ବେଟ୍ ଏହି ଉପହାର ବ୍ୟାଗଗୁଡ଼ିକୁ ଜବତ କରିଛନ୍ତି। ଇସ୍ରାଏଲ୍ ଗଣମାଧ୍ୟମ ରିପୋର୍ଟ କରିଛି ଯେ, ଏହି ମହିଳାମାନେ ଗାଜାରେ ବିତାଇଥିବା ସମୟର ଫଟୋଗ୍ରାଫ ଉପହାର ବ୍ୟାଗରେ ରହିଛି।

ସିଏନ୍‌ଏନ୍ ରିପୋର୍ଟ କରିଛି , ୪୭୧ ଦିନ ବନ୍ଦୀ ହେବା ପରେ ଜଣେ ବନ୍ଧକଙ୍କୁ ଉପହାର ବ୍ୟାଗ ଦେବା ଅଜବ ଅଟେ। ଏହା କରିବା ପଛର କାରଣ ହେଉଛି ହମାସ ନିଜକୁ ଏକ ଅପରାଜିତ ତଥା ଶାସକ ଦଳ ଭାବରେ ଉପସ୍ଥାପନ କରିବାର ପ୍ରୟାସ କରୁଛି। ଇସ୍ରାଏଲର ଭୟଙ୍କର ଆକ୍ରମଣ ସତ୍ତ୍ୱେ ହମାସ ଦୃଢ଼ ଭାବରେ ଠିଆ ହୋଇଛି ବୋଲି ବାର୍ତ୍ତା ଦେଇଛି। ହମାସ ଏହାର ଲୋକମାନଙ୍କୁ ମଧ୍ୟ କହିଛି ଯେ ସେମାନେ ଏକ ବୈଧ ଶାସକ ଦଳ। ରାସ୍ତାରେ 'ବିଜୟ ଉତ୍ସବ' ପାଳନ କରି ହମାସ ସଦସ୍ୟମାନେ ମଧ୍ୟ ସମାନ ବାର୍ତ୍ତା ଦେଇଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ, ହମାସ ଦ୍ୱାରା ଇସ୍ରାଏଲ ବନ୍ଧକମାନଙ୍କୁ 'ଉପହାର ବ୍ୟାଗ' ଦେବା ହେଉଛି ସେମାନଙ୍କର ଏକ ପ୍ରଚାର ରଣନୀତି। ଏକ ଦାୟିତ୍ୱ ବାନ ସଂସ୍ଥା ଭାବେ ଏହାର ନିଜସ୍ୱ ନିୟମ ଅଛି ବୋଲି ହମାସ ଦର୍ଶାଇବାକୁ ଚାହୁଁଛି। ଏଥିରୁ ହମାସ ମଧ୍ୟ ଉପକୃତ ହୋଇଛି କାରଣ ଏହି ଘଟଣା ଇସ୍ରାଏଲରେ ଅସ୍ତ୍ରବିରତିକୁ ନେଇ ଏକ ବିତର୍କ ସୃଷ୍ଟି କରିଛି।

## ଆକାଶରେ ଦେଖାଯିବ ବିରଳ ଦୃଶ୍ୟ

# ଖାଲି ଆଖିକୁ ଦେଖାଯିବେ ୪ ଗ୍ରହ

**ନୂଆଦିଲ୍ଲୀ ୨୧।୧:** ଜାନୁୟାରୀ ୨୧ ମଙ୍ଗଳବାର ଆମ ସୌର ମଣ୍ଡଳରେ ଗ୍ରହଙ୍କ ପରେଡ ହେବାକୁ ଯାଉଛି। ଯାହାକୁ 'ପ୍ଲାନେଟ୍ରି ପରେଡ-୨୦୨୫' କୁହାଯାଉଛି। ଏଥିରେ ଏକ ସଙ୍ଗରେ ୬ ଗ୍ରହ ଶରଳ ରେଖାରେ ଦେଖାଯିବେ, ଯେଉଁଥିରେ ଶୁକ୍ର, ମଙ୍ଗଳ,ଗୁରୁ ଓ ଶନି ଗ୍ରହଙ୍କୁ ବିନା କୌଣସି ଉପକରଣ ସହାୟତାରେ ଖାଲି ଆଖିରେ ଦେଖାଯାଇ ପାରିବ। ତେବେ ଏହି ଗ୍ରହଙ୍କ ଧାଡିରେ ଥିବା ନେପଚ୍ୟୁନ ଓ ୟୁରାନ୍ସ ଗ୍ରହଙ୍କୁ ଦେଖିବା ପାଇଁ ଟେଲିସ୍କୋପର ଆବଶ୍ୟକତା ପଡିବ।



ଏହି ବିରଳ ମହାଜାଗତିକ ଦୃଶ୍ୟ ରାତି ୮ଟା ୩୦ ମିନିଟ ପରେ ଦେଖାଯିବ। ଗ୍ରହଙ୍କ ଏହି ପରେଡ ୨୧ ଜାନୁୟାରୀରୁ ଆରମ୍ଭ ହୋଇଯିବ। ଯେଉଁଥିରେ ପାଖାପାଖି ସବୁ ଗ୍ରହ ଆପଣଙ୍କୁ ଏକ ଶରଳ ରେଖାରେ ଦେଖାଯିବେ। ଏହିକ୍ରମରେ ଜାନୁୟାରୀ ୨୫ ତାରିଖ ଦିନ ଅଜବ ଦୃଶ୍ୟ ଦେଖିବାକୁ ମିଳିବ। ସୂଚନା ଅନୁସାରେ ଏହି ଖଗୋଳିୟ ଘଟଣାକୁ ଦେଖିବାକୁ ସବୁଠୁ ଭଲ ସମୟ ରାତି ୮ଟାରେ ୧୧ଟା ମଧ୍ୟରେ। ଏହି ସମୟରେ ଶୁକ୍ର,ମଙ୍ଗଳ,ଶନି, ଗୁରୁ, ନେପଚ୍ୟୁନ ଓ ୟୁରାନ୍ସ ଗୋଟିଏ ଧାଡିରେ ଦେଖାଯିବେ ଓ ରାତି ସାଢେ ୧୧ଟା ବେଳକୁ ଗ୍ରହ ଗୁଡିକ ଉଭେଇ ଯାଇଥିବେ।

ଜ୍ୟୋତିଶ ଶାସ୍ତ୍ର ଅନୁସାରେ ଜାନୁୟାରୀ ୨୧ରେ ଗ୍ରହ ଏପରି ଏକ ଶରଳରେଖାରେ ଆସିବା ରାଶି ଚକ୍ରର ୪ ରାଶିଙ୍କ ଲାଗି ବହୁତ ଶୁଭ ସାବ୍ୟସ୍ତ ହେବ। ଯେଉଁ ରାଶିଙ୍କ ଲାଗି ଗ୍ରହଙ୍କ ଏପରି ସ୍ଥିତି ଶୁଭକାରକ ସେଗୁଡିକ ହେଉଛି ମେଶ, ସିଂହ, କନ୍ୟା ଓ ତୁଳା। ଏହି ରାଶିର ଲୋକଙ୍କ ଯେଉଁ କାମ ଦୀର୍ଘ ସମୟରୁ ଅଟକି ରହିଥିଲା ତାହା ପୁରା ହୋଇଯିବ। ଯଦି କୌଣସି କଥାକୁ ନେଇ ସମସ୍ୟା ଥିଲା ସେହି ସମସ୍ୟା ଆପେ ଆପେ ଦୂର ହୋଇଯିବ।

# ଭୂମିକମ୍ପରେ ଥରିଲା ମେଘାଳୟ

**ରିକ୍ଟର ସ୍କେଲରେ ତୀବ୍ରତା ୪.୧**

**ଶିଲଙ୍ଗ, ୨୧।୧:** ଥରିଲା ମେଘାଳୟ।ଆଜି ପୁଣିଥରେ ମେଘାଳୟରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି।ଦିନ ୧୨ଟା ୩୪ ମିନିଟରେ ଏଠାରେ ୪.୧ ତୀବ୍ରତାର ଭୂମିକମ୍ପ ଆସିଥିଲା, ଯାହା ୧୦ କିଲୋମିଟର ଗଭୀରତାରେ ଥିଲା।ମେଘାଳୟର ଦକ୍ଷିଣ ପଶ୍ଚିମ ଖାସି ହିଲ୍ସ ଅଞ୍ଚଳରେ ଏହି ଝଟକା ଅନୁଭବ କରାଯାଇଛି।ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୧ ମପାଯାଇଛି।ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି।ଏହି ଭୂମିକମ୍ପ ଯୋଗୁ ଆସାମ ଓ ପଶ୍ଚିମବଙ୍ଗର କିଛି ଅଞ୍ଚଳରେ ମଧ୍ୟ କମ୍ପନ ଅନୁଭୂତ ହୋଇଥିଲା।ଭୂମିକମ୍ପ ହେବା ମାତ୍ରେ ଲୋକମାନେ ଭୟଭୀତ ହୋଇ ଘର ବାହାରକୁ ଚାଲି ଆସିଥିଲେ ।

ଇଡେନ୍ ଗାର୍ଡେନ୍‌ରେ ଶୃଙ୍ଖଳାର ପ୍ରଥମ ଲଢ଼େଇ

# ଆଜିଠୁ ଭାରତ-ଇଂଲଣ୍ଡ ଟ୍ୱେଣ୍ଟି-୨୦ ଶୃଙ୍ଖଳା



**କୋଲକାତା, ୨୧।୧:** ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫିରେ ଟେଷ୍ଟ କ୍ରିକେଟ୍‌ର ଅପୂର୍ବ ରୋମାଞ୍ଚ ପରେ ଭାରତୀୟ କ୍ରିକେଟ୍‌ପ୍ରେମୀ ଟିମ୍ ଇଣ୍ଡିଆକୁ ଟ୍ୱେଣ୍ଟି-୨୦ରେ ଲଢୁଥିବାର ଦେଖିବାକୁ ପାଇବେ। ନୂଆ ଅଧିନାୟକ, ଯୁବ ଖେଳାଳି ସମୃଦ୍ଧ ଦଳ ଏବଂ ନୂଆ ଉତ୍ସାହ ନେଇ ଭାରତୀୟ ଦଳ ଆସନ୍ତା ୨୨ ତାରିଖରୁ ଘରୋଇ ପରିବେଶରେ ଇଂଲଣ୍ଡ ସହ ଫଟାଫଟ୍ କ୍ରିକେଟ୍‌ର ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ମୁହାଁମୁହିଁ ହେବ। ପ୍ରଥମ ଲଢ଼େଇ ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଖେଳାଯିବ। ସେଥିପାଇଁ କୋଲକାତା ବେଶ୍ ଚଳଚଞ୍ଚଳ। ଇଡେନ୍ ଗାର୍ଡେନ୍ସର ଭିତର ଓ ବାହାର ପରିବେଶ ମଧ୍ୟ ବେଶ୍ ମନ୍ତ୍ରମୁଗ୍ଧକର। ଏହି ପ୍ରତୀକ୍ଷିତ ମ୍ୟାଚ୍ ଲାଗି ଶନିବାର ସଂଧ୍ୟାରେ ଉଭୟ ଦଳର ଖେଳାଳି ଏଠାରେ ପହଞ୍ଚି ସାରିଛନ୍ତି। ଯାହା ଫଳରେ ପୂରା କୋଲକାତା ସହର ଯେମିତି ଇଡେନ୍ ମୁହାଁ ହୋଇଛି ଏବଂ କ୍ରିକେଟ୍ ଜ୍ୱର ପ୍ରତିଟି ସ୍ଥାନୀୟ କ୍ରିକେଟ୍‌ପ୍ରେମୀଙ୍କୁ ଘାରିଛି। ଏହି ଶୃଙ୍ଖଳା ପାକିସ୍ତାନ ଓ ୟୁଏଇରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଖେଳାଯାଉଥିବାରୁ ଉଭୟ ଦଳ ମଧ୍ୟ ଏହାକୁ ବେଶ୍ ଗୁରୁତ୍ୱ ଦେଉଛନ୍ତି। ରବିବାର ସକାଳେ ବିଶ୍ରାମ ନେବା ପରେ ଇଂଲଣ୍ଡ ଖେଳାଳିମାନେ ଅପରାହ୍ଣରେ ଇଡେନ୍ ଗାର୍ଡେନ୍ସ ଆସି ହାଲ୍‌କା ଫୁଲ୍‌କା ଅଭ୍ୟାସ କରିଥିଲେ। ସଂଧ୍ୟାରେ ଭାରତୀୟ ଖେଳାଳି ମଧ୍ୟ ଅଭ୍ୟାସ ଆରମ୍ଭ କରିଥିଲେ। ତେବେ ଉଭୟ ଦଳ ତିନିଟି ଲେଖାଏଁ ଅଭ୍ୟାସ ଅଧିବେଶନରେ ଯୋଗଦେବେ ବୋଲି ବେଙ୍ଗଲ କ୍ରିକେଟ୍ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ମଧ୍ୟ ଉଭୟ ଦଳ ଦୁଇଟି ପର୍ଯ୍ୟାୟରେ ଅଭ୍ୟାସ କରିଥିବା ସୂଚନା ମିଳିଛି। କୋଲକାତାରେ ପ୍ରଥମ ଟ୍ୱେଣ୍ଟି-୨୦ ଖେଳିବା ପରେ ସେଠାରୁ ୨୩ ତାରିଖ ସକାଳେ ଦୁଇଟି ଯାକ ଦଳର ଖେଳାଳିମାନେ ଚେନ୍ନାଇ ଅଭିମୁଖେ ଯାତ୍ରା କରିବେ। ସେଠାରେ ୨୫ ତାରିଖରେ ଦ୍ୱିତୀୟ ଟ୍ୱେଣ୍ଟି-୨୦ ଖେଳାଯିବ। ଏହା ପରେ ୨୮ରେ ରାଜକୋଟ ଏବଂ ୩୧ରେ ପୁଣେରେ ପରବର୍ତ୍ତୀ ଦୁଇ ମ୍ୟାଚ୍ ଖେଳିବେ। ଶେଷରେ ମୁମ୍ବାଇରେ ଫେବ୍ରୁଆରି ୨ରେ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଖେଳି ଶୃଙ୍ଖଳା ଶେଷ କରିବେ। ଟ୍ୱେଣ୍ଟି-୨୦ ପରେ ଭାରତୀୟ ଦଳ ରୋହିତ ଶର୍ମାଙ୍କ ନେତୃତ୍ୱରେ ନାଗପୁର, କଟକ ଓ ଅହମଦାବାଦରେ ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିବ। ଇଂଲଣ୍ଡ ବିପକ୍ଷ ଏହି ଘରୋଇ ଶୃଙ୍ଖଳା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତର ଶେଷ ସୀମିତ ଓଭର ଶୃଙ୍ଖଳା ହେବ।

### ୩୫ ମାସ ପରେ ଇଡେନ୍‌ରେ ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦

ଆଗାମୀ ଭାରତ-ଇଂଲଣ୍ଡ ଟ୍ୱେଣ୍ଟି-୨୦ ମ୍ୟାଚ୍ ଇଡେନ୍ ଗାର୍ଡେନ୍ସରେ ନଭେମ୍ବର ୧୬, ୨୦୨୩ର ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ମୁକାବିଲା ପରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ହେବ। ପୁଣି ଫେବ୍ରୁଆରି ୨୦, ୨୦୨୨ର ଭାରତ-ୱେଷ୍ଟଇଣ୍ଡିଜ୍ ଲଢ଼େଇ ପରେ ପ୍ରଥମ ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ମ୍ୟାଚ୍ ହେବ। ୩୫ମାସ ପରେ ସହରରେ କୌଣସି ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳାଯାଉଥିବାରୁ ସହରବାସୀ ଏହାକୁ ନେଇ ବେଶ୍ ଉତ୍ସାହିତ ଓ ଉଲ୍ଲସିତ ଥିବା ବେଙ୍ଗଲ କ୍ରିକେଟ୍ ସଂଘ (ସିଏବି)ର ସଭାପତି ତଥା ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ବଡ଼ ଭାଇ ସ୍ନେହାଶିଷ ଗାଙ୍ଗୁଲି ମତ ରଖିଛନ୍ତି। ଏକ ସାକ୍ଷାତକାର ଅବସରରେ ସେ କହିଛନ୍ତି, ଶୀତୁଆ ପାଗ ହୋଇଥିବାରୁ ଏବଂ ପାର୍ବଣ ଋତୁ ଏବେ ଏବେ ଶେଷ ହୋଇଥିବାରୁ କ୍ରିକେଟ୍‌କୁ ମନଭରି ଉପଭୋଗ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଟିକେଟ୍ ବିକ୍ରିକୁ ପ୍ରବଳ ଜନସମର୍ଥନ ମିଳୁଛି। ମ୍ୟାଚ୍ ଦିନ ଷ୍ଟାଡିୟମ୍ ପୂରା ଭରିଯିବ ବୋଲି ଆମେ ଆଶା ରଖିଛୁ। ଏହି ମୁହୂର୍ତ୍ତକୁ ଆହୁରି ସ୍ମରଣୀୟ କରିବା ଲାଗି ଜାତୀୟ ୧୫ବର୍ଷରୁ କମ୍ ମହିଳା ପ୍ରତିଯୋଗିତାର ବିଜେତା ଏବଂ ଜାତୀୟ ବରିଷ୍ଠ ମହିଳା କ୍ରିକେଟ୍ ପ୍ରତିଯୋଗିତାର ଉପବିଜେତା ବେଙ୍ଗଲ ଦଳକୁ ସମ୍ବର୍ଦ୍ଧିତ କରିବାକୁ ସିଏବି ଯୋଜନା କରିଛି। ଏହି ଉତ୍ସବରେ ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ମିତାଲି ରାଜ୍ ଏବଂ ସୌରଭ ଗାଙ୍ଗୁଲି ଓ ଝୁଲଣ ଗୋସ୍ୱାମୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏହି ଉତ୍ସବ ସୋମବାର ସଂଧ୍ୟାରେ ଆୟୋଜିତ ହେବ।

### ପରିସଂଖ୍ୟାନରେ ଆଗୁଆ

ଟ୍ୱେଣ୍ଟି-୨୦ ପରିସଂଖ୍ୟାନରେ ଇଂଲଣ୍ଡଠାରୁ ଭାରତ ସାମାନ୍ୟ ଆଗରେ ରହିଛି। ଭାରତ ଓ ଇଂଲଣ୍ଡ ଆଜି ପର୍ଯ୍ୟନ୍ତ ୨୪ଟି ଟ୍ୱେଣ୍ଟି-୨୦ରେ ମୁହାଁମୁହିଁ ହୋଇଛନ୍ତି। ସେଥିମଧ୍ୟରୁ ଭାରତ ୧୩ଟି ଜିତିଥିଲା ବେଳେ ଇଂଲଣ୍ଡ ୧୧ଟିରେ ବିଜୟୀ ହୋଇଛି। ପୁଣି ଘରୋଇ ପରିବେଶରେ ଭାରତ ୬, ବିଦେଶରେ ୪ ଏବଂ ନିରପେକ୍ଷ ସ୍ଥାନରେ ୩ଟି ମ୍ୟାଚ୍ ଜିତିଛି। ଅନ୍ୟପକ୍ଷରେ ଇଂଲଣ୍ଡ ଘରୋଇ ପରିବେଶରେ ୫, ବିଦେଶରେ ୫ ଏବଂ ନିରପେକ୍ଷ ସ୍ଥାନରେ ଖେଳିଥିବା ଗୋଟିଏ ମ୍ୟାଚ୍‌ରେ ବିଜୟର ମିଠାମିଠା ସ୍ୱାଦ ଚାଖିଛି। ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମ୍ୟାଚ୍‌ରୁ ଭାରତ ତିନିଟି ଜିତିଥିଲା ବେଳେ ଇଂଲଣ୍ଡ ଦୁଇଟିରେ ବିଜୟୀ ହୋଇଛି। ଉଭୟ ଦଳ ମଧ୍ୟରେ ଶେଷ ମ୍ୟାଚ୍ ପ୍ରୋଭିଡେନ୍ସଠାରେ ଗତବର୍ଷ ଜୁନ୍ ୨୭ ତାରିଖରେ ଖେଳାଯାଇଥିଲା। ଏହାକୁ ଭାରତ ଅତି ସହଜରେ ୬୮ ରନ୍‌ରେ ଜିତି ନେଇଥିଲା। ପରେ ଯାଇ ବିଶ୍ୱବିଜେତା ମଧ୍ୟ ହୋଇଥିଲା। ଆଗାମୀ ଶୃଙ୍ଖଳାରେ ଭାରତ ଏହି ସଫଳତା ଦୋହରାଇବ ବୋଲି ପ୍ରଶଂସକ ଆଶା ରଖିଛନ୍ତି।

# ପନ୍ତ ଏଲ୍ଏସ୍‌ଜି ଅଧିନାୟକ




**ଲକ୍ଷ୍ନୌ, ୨୧।୧:** ଆଗାମୀ ଆଇପିଏଲ୍ ଲାଗି ଋଷଭ ପନ୍ତଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ (ଏଲ୍ଏସ୍‌ଜି) ଅଧିନାୟକ ନିଯୁକ୍ତ କରିଛି। ଦଳର ମୁଖ୍ୟ ମାଲିକ ସଂଜୀବ ଗୋଏଙ୍କା ସୋମବାର ଏହି ଘୋଷଣା କରିଛନ୍ତି। ଗତ ବର୍ଷ ହୋଇଥିବା ମେଗା ନିଲାମରେ ପନ୍ତଙ୍କୁ ଆଇପିଏଲ୍ ଇତିହାସରେ ସବୁଠୁ ଅଧିକ ଦର ୨୭ କୋଟି ଟଙ୍କାରେ ଏଲ୍ଏସ୍‌ଜି କିଣିଥିଲା। ଏଲ୍ଏସ୍‌ଜି ଇତିହାସରେ କେଏଲ୍ ରାହୁଲ, ନିକୋଲାସ ପୂରନ ଓ କ୍ରୁନାଲ ପାଣ୍ଡ୍ୟାଙ୍କ ପରେ ଏବେ ପନ୍ତ ଚତୁର୍ଥ ଅଧିନାୟକ ହୋଇଛନ୍ତି। ଏଲ୍ଏସ୍‌ଜି ନିଜର ପ୍ରଥମ ଦୁଇ ଋତୁ ୨୦୨୨, ୨୦୨୩ରେ ପ୍ଲେଅଫ୍ ଖେଳିଥିଲା। କିନ୍ତୁ ଗତ ସଂସ୍କରଣରେ ସପ୍ତମ ସ୍ଥାନରେ ରହିଥିଲା। ପନ୍ତ ପୂର୍ବରୁ ୨୦୨୧ରୁ ୨୦୨୪ (କେବଳ ୨୦୨୩ ବାଦ୍) ପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଇଥିଲେ। ଦିଲ୍ଲୀ ସହ ୯ ବର୍ଷ ରହିବା ପରେ ଗତ ଅକ୍ଟୋବର ୩୧ରେ ସେ ଦଳ ଛାଡ଼ିଥିଲେ।

ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଆୟୋଜକ ଦେଶକୁ ଝଟ୍‌କା

# ଟିମ୍ ଇଣ୍ଡିଆ ଜର୍ସିରୁ ପାକିସ୍ତାନ ନାଁ ଗାୟବ

**ନୂଆଦିଲ୍ଲୀ ୨୧।୧:** ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫। ଏଥର ଟୁର୍ଣ୍ଣାମେଣ୍ଟ ଖେଳାଯିବ 'ହାଇବ୍ରିଡ୍ ମଡେଲ୍'। ପାକିସ୍ତାନର ତିନୋଟି ସହର (ରାୱଲପିଣ୍ଡି, କରାଚୀ ଏବଂ ଲାହୋର) ଓ ଦୁବାଇରେ ଖେଳାଯିବ ଏହି ଟୁର୍ଣ୍ଣାମେଣ୍ଟ। ଟୁର୍ଣ୍ଣାମେଣ୍ଟ ୧୯ ଫେବୃଆରୀରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ନୂଆ ବିବାଦ ତେଜିଛି।




ଘଟଣାଟି ହେଉଛି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ପାକିସ୍ତାନ ଥାଇ ବି ଏଥର ଭାରତୀୟ କ୍ରିକେଟ ଦଳର ଜର୍ସିରେ ପାକ୍ ନାଁ ନାହିଁ। ତେବେ ଜର୍ସିରେ ପାକିସ୍ତାନ (ଆୟୋଜକ ଦେଶର ନାମ) ନଥିବାକୁ ନେଇ ଆପତ୍ତି ଉଠିଛି। ଭାରତ ଏହାର ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ଦୁବାଇରେ ଖେଳିବାକୁ ପ୍ରସ୍ତୁତ। ଯଦିଓ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟର ଆନୁଷ୍ଠାନିକ ଆୟୋଜକ ରହିଛି। ପିସିବିର ବହୁ ଜିଦ୍ ସତ୍ତ୍ୱେ, ବିସିସିଆଇ ଚାମ୍ପିଅନ୍ସ ଟ୍ରଫି ପାଇଁ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ମନା କରିବା ନେଇ ନିଜର ମତ ବଦଳାଇ ନଥିଲା। ଶେଷରେ, ପାକିସ୍ତାନ ବୋର୍ଡକୁ ଭାରତର ସର୍ତ୍ତାବଳୀରେ ରାଜି ହେବାକୁ ପଡିଥିଲା। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପାକିସ୍ତାନକୁ ଦଳ ପଠାଇବାକୁ ମନା କରିବା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (PCB) ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ହାଇବ୍ରିଡ୍-ମଡେଲ୍ ପାଇଁ ରାଜି ହୋଇଥିଲେ। କିନ୍ତୁ ଜର୍ସିରେ ହୋଷ୍ଟ ନାମ ନଥିବାରୁ ନୂଆ ବିବାଦ ମୁଣ୍ଡ ଟେକିଛି। ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବାକୁ ଆଉ ମାତ୍ର ଗୋଟିଏ ମାସ ବାକି ଅଛି। ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଏପର୍ଯ୍ୟନ୍ତ ତା'ର ଦଳ ଘୋଷଣା କରିନାହିଁ। ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ମାମଲାରେ ପିସିବିର ଜଣେ ଅଧିକାରୀ କହିଛନ୍ତି- ଟିମ୍ ଇଣ୍ଡିଆର ଜର୍ସିରେ ପାକିସ୍ତାନର ନାମ ନଛାପି ବିସିସିଆଇ 'କ୍ରିକେଟରେ ରାଜନୀତି' କରୁଛି। ପୂର୍ବରୁ, ଭାରତୀୟ ବୋର୍ଡ ଚାମ୍ପିଅନ୍ସ ଟ୍ରଫି ପାଇଁ ଅଧିନାୟକଙ୍କ ବୈଠକରେ ଅଧିନାୟକ ରୋହିତ ଶର୍ମାଙ୍କୁ ପାକିସ୍ତାନ ପଠାଇବାକୁ ମଧ୍ୟ ମନା କରିଦେଇଥିବା ଜଣାପଡ଼ିଛି। ସେ ଆହୁରି କହିଛନ୍ତି କି, ବିସିସିଆଇ ଯାହା କରୁଛି ତାହା ଖେଳ ପାଇଁ ଆଦୌ ଭଲ ନୁହେଁ। ଉଦଘାଟନୀ ସମାରୋହ ପାଇଁ ସେମାନଙ୍କର ଅଧିନାୟକଙ୍କୁ ପାକିସ୍ତାନ ପଠାଇବାକୁ ଚାହୁଁନାହାଁନ୍ତି, ଏବେ ଏପରି ରିପୋର୍ଟ ଆସିଛି ଯେ ସେମାନେ ନିଜ ଜର୍ସିରେ ଆୟୋଜକ ଦେଶ (ପାକିସ୍ତାନ)ର ନାମ ଛାପିବାକୁ ଚାହୁଁନାହାଁନ୍ତି। ଆମେ ବିଶ୍ୱାସ କରୁଛୁ ଯେ ICC ଏହାକୁ ହେବାକୁ ଦେବ ନାହିଁ ଏବଂ ପାକିସ୍ତାନକୁ ସମର୍ଥନ କରିବ।

# ଏଚ୍ଆଇଏଲ୍‌ରେ ସୁରମା ହକି କ୍ଲବ୍‌ର ଡବଲ ବିଜୟ

ପୁରୁଷ ଦଳ ବେଙ୍ଗଲ ଟାଇଗର୍ସକୁ ଓ ମହିଳା ଦଳ ଦିଲ୍ଲୀକୁ ହରାଇଲା

**ରାଉରକେଲା, ୨୧।୧:** ସୋମବାର ସୁରମା ହକି କ୍ଲବ୍ ଏଚ୍ଆଇଏଲ୍‌ରେ ଡବଲ ବିଜୟ ହାସଲ କରିଛି। ପୁରୁଷ ଦଳ ୨-୧ ଗୋଲରେ ବେଙ୍ଗଲ ଟାଇଗର୍ସକୁ ଏବଂ ମହିଳା ଦଳ ୫-୧ରେ ଦିଲ୍ଲୀ ଏସ୍‌ଜି ପିପର୍ସକୁ ହରାଇଥିଲା। ମହିଳା ଦଳ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ପୁରୁଷ ଦଳ ସିଜନରେ ୭ଟି ମ୍ୟାଚ୍ ଖେଳି ୧୧ ପଏଣ୍ଟ ପାଇ ଟେବୁଲରେ ଷଷ୍ଠ ସ୍ଥାନରେ ରହିଛି। ପୁରୁଷରେ ସୁରମା ଓ ବେଙ୍ଗଲ୍ ଟାଇଗର୍ସ ମଧ୍ୟରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ସୁରମା ୨ଟି ଗୋଲ୍ ଦେଇ ଅଗ୍ରଣୀ ଲାଭ କରିଥିଲା। ୨୧ ମିନିଟରେ ପ୍ରଭଜୋତ ସିଂ ଏବଂ ୨୮ ମିନିଟରେ ମନିନ୍ଦର ସିଂ ଗୋଲ୍ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରରେ ଟାଇଗର୍ସ ଗୋଲ୍ ଖାତା ଖୋଲିଥିଲା। ୩୯ ମିନିଟରେ ଯୁଗରାଜ ସିଂ ଗୋଲ୍ ଦେଇ ସ୍ଥିତି ୧-୨ କରିଥିଲେ। ଅନ୍ତିମ କ୍ୱାର୍ଟର ଖେଳ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ଶେଷରେ ଗୋଟିଏ ଗୋଲ୍‌ରେ ଅଗ୍ରଣୀ ସହ ସୁରମା ମ୍ୟାଚ୍ ଜିତି ନେଇଥିଲା। ଦିଲ୍ଲୀ ଏସ୍‌ଜି ପିପର୍ସ ବିପକ୍ଷରେ ସୁରମା ହକି କ୍ଲବ୍ ବଡ଼ ବିଜୟ ହାସଲ କରିଛି। ଦଳ ଖେଳକୁ ସଂପୂର୍ଣ୍ଣ ନିୟନ୍ତ୍ରଣରେ ରଖି ୫-୧ ଗୋଲରେ ବିଜୟୀ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ସୁରମା ୩ଟି ଗୋଲ୍ ଦେଇଥିଲା। ୬, ୯ ଓ ୧୦ ମିନିଟରେ ଗୋଲ୍ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଖେଳ ଗୋଲ ଶୂନ୍ୟ ରହିଥିଲା। ପୁଣି ୩୬ ମିନିଟରେ ସୁରମା ଆଉ ଏକ ଗୋଲ୍ ଦେଇ ୪-୦ରେ ଅଗ୍ରଣୀ ହୋଇଥିଲା। ୩୮ ମିନିଟରେ ଦିଲ୍ଲୀ ପ୍ରଥମ ଗୋଲ୍ ସ୍କୋର କରିଥିଲା। ପରବର୍ତ୍ତୀ ସମୟ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତଥାପି ସୁରମା ଶେଷ ମୁହୂର୍ତ୍ତରେ (୬୦ ମିନିଟ) ପଞ୍ଚମ ଗୋଲ୍ ଦେଇ ୫-୧ରେ ମ୍ୟାଚ୍ ଜିତି ନେଇଥିଲା। ଚଳିତ ମହିଳା ଏଚ୍ଆଇଏଲ୍‌ରେ ୪ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ସୁରମା ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ଦଖଲ କରିଛି। ଓଡ଼ିଶା ୱାରିୟର୍ସ ଗୋଟିଏ ସ୍ଥାନ ତଳକୁ ଖସି ଦ୍ୱିତୀୟ ଏବଂ ବେଙ୍ଗଲ ଟାଇଗର୍ସ ତୃତୀୟ ସ୍ଥାନରେ ରହିଛି।

**ସୁରମା ୫-୧ରେ ଜିତିଲା**





୧୯ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍

# ନ୍ୟୁଜିଲାଣ୍ଡକୁ ହରାଇଲା ନାଇଜେରିଆ



**କୁଚିଙ୍ଗ୍, ୨୧।୧:** ମାଲେସିଆରେ ଚାଲିଥିବା ୧୯ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆଜି ନାଇଜେରିଆ ବଡ଼ ବିପର୍ଯ୍ୟୟ ଘଟାଇଛି। ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ଦଳ ୨ରନ୍‌ରେ ଆଇସିସିର ପୂର୍ଣ୍ଣ ସଦସ୍ୟ ଦେଶ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା।ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍ ୧୩ ଓଭର ବିଶିଷ୍ଟ ଖେଳାଯାଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ନାଇଜେରିଆ ୬ ୱିକେଟ୍ ହରାଇ ୬୫ରନ୍ କରିଥିଲା। ଲିଲିଆନ ଉଡେହ ୧୮, ଲକି ପିଟି ୧୯ରନ୍ କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୬ ୱିକେଟ୍ ବିନିମୟରେ ୬୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ୧୨ ଓଭର ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୫/୫୭ରନ୍ ସଂଗ୍ରହ କରି ସାରିଥିଲା। ଅନ୍ତିମ ଓଭରରେ ବିଜୟ ପାଇଁ ୯ରନ୍ ଆବଶ୍ୟକ କରୁଥିଲା। ନାଇଜେରିଆ ପକ୍ଷରୁ ଉଡେହ ଏହି ଓଭର ବୋଲିଂ କରିଥିଲେ ଏବଂ ୬ରନ୍ ଦେଇ ଗୋଟିଏ ୱିକେଟ୍ ନେବା ସହ ଦଳକୁ ଐତିହାସିକ ବିଜୟ ଭେଟି ଦେଇଥିଲେ। ସେ ୩ଓଭରରେ ମାତ୍ର ୮ରନ୍ ବ୍ୟୟ କରି ଗୋଟିଏ ୱିକେଟ୍ ନେଇଥିଲେ।

ଅନ୍ୟ ଗ୍ରୁପ୍-ଡି' ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨ ୱିକେଟ୍‌ରେ ବାଂଲାଦେଶକୁ, ସ୍କଟଲାଣ୍ଡ ୧ ୱିକେଟ୍‌ରେ ନେପାଳକୁ ହରାଇ ଥିବାବେଳେ ଗ୍ରୁପ୍-ବି'ରେ ୟୁଏସ୍ଏ ୯ ୱିକେଟ୍‌ରେ ଆୟର୍ଲାଣ୍ଡକୁ, ଇଂଲଣ୍ଡ ୬ ୱିକେଟ୍‌ରେ ପାକିସ୍ତାନକୁ ଏବଂ ଗ୍ରୁପ୍-ସି'ରେ ଦକ୍ଷିଣ ଆଫ୍ରିକା ୧୦ ୱିକେଟ୍‌ରେ ସାମୁଆକୁ ପରାଜିତ କରିଥିଲା।




## ଭାରତ ବିପକ୍ଷ ପ୍ରଥମ ଟି-୨୦ ପାଇଁ ଦଳ ଘୋଷଣା କଲା ଇଂଲଣ୍ଡ

**ମୁମ୍ବାଇ, ୨୧।୧:** ଭାରତ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ଇଂଲଣ୍ଡ ତା'ର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ବେନ୍ ଡକେଟ୍ ଓ ଫିଲ୍ ସଲ୍ଟ ଇନିଂସ୍ ଆରମ୍ଭ କରିବେ। ଅଧିନାୟକ ଜୋସ ବଟଲରଙ୍କୁ ତୃତୀୟ ସ୍ଥାନରେ ଦେଖିବାକୁ ମିଳିବ। ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଦଳକୁ ଫେରିଛନ୍ତି। ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶରେ ବ୍ୟାଟିଂ ବିଭାଗ ବହୁତ ଶକ୍ତିଶାଳୀ ଦେଖାଯାଉଛି। ୬ ଜଣ ବ୍ୟାଟ୍ସମ୍ୟାନ୍ ହେଉଛନ୍ତି ଟି-୨୦ ବିଶେଷଜ୍ଞ ଖେଳାଳି। ସପ୍ତମ ସ୍ଥାନରେ ଖେଳୁଥିବା ଅଲରାଉଣ୍ଡର ଜେମି ଓଭରଟନ୍ ବ୍ୟାଟିଂରେ ଚମତ୍କାର ଫର୍ମରେ ଅଛନ୍ତି। ଇଂଲଣ୍ଡ ନିଜର ଭାରତ ଗସ୍ତରେ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ ଖେଳିବ। ଭାରତ-ଇଂଲଣ୍ଡ ସିରିଜର ପ୍ରଥମ ଟି-୨୦ ମ୍ୟାଚ ଆସନ୍ତା କାଲି ଅର୍ଥାତ୍ ଜାନୁଆରି ୨୨ରେ କୋଲକାତାର ଇଡେନ ଗାର୍ଡେନ୍ସଠାରେ ଖେଳାଯିବ। **ଇଂଲଣ୍ଡ ଦଳ:** ବେନ ଡକେଟ,ଫିଲ ସଲ୍ଟ, ଜସ ବଟଲର (ଅଧିନାୟକ) ହ୍ୟାରୀ ବ୍ରୁକ୍, ଲିଆମ ଲିଭିଙ୍ଗଷ୍ଟୋନ, ଜାକବ ବେଥେଲ, ଜେମି ଓଭରଟନ, ଗସ୍ ଆଟକିନସନ, ଜୋଫ୍ରା ଆର୍ଚର, ଆଦିଲ ରସିଦ ଓ ମାର୍କ ଉଡ୍।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଦୃଢ଼ ହେବ...

ବଦଳରେ ରାଜ୍ୟରେ ୫+୩+୩+୪ ବ୍ୟବସ୍ଥା ଲାଗୁ କରାଯିବ। ପ୍ରି-ସ୍କୁଲ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ପିଲାମାନଙ୍କ ପାଇଁ ଶିଶୁ ବାଟିକା ଖୋଲାଯିବ। ଶିଶୁ ବାଟିକାରେ ପିଲାଙ୍କ ଉପରେ ବିନା କୌଣସି ଚାପରେ ସେମାନଙ୍କ ମୌଳିକ ଓ ସଂଖ୍ୟା ଜ୍ଞାନ ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଆଗାମୀ ବର୍ଷମାନଙ୍କରେ ବ୍ୟାପକ ଭିତ୍ତିଭୂମି ସୃଷ୍ଟି କରାଯିବ। ଶିକ୍ଷକ ନିଯୁକ୍ତି, ପାଠ୍ୟ ପୁସ୍ତିକା ପ୍ରସ୍ତୁତି ଓ ଅନ୍ୟାନ୍ୟ ପାଠ୍ୟ ଉପକରଣ ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ନୂଆ ଶିକ୍ଷା ନୀତିରେ ଶିକ୍ଷା ଭିତ୍ତିଭୂମି, ଖେଳ ମାଧ୍ୟମରେ ଶିକ୍ଷା, ମୌଳିକ ଶିକ୍ଷା, ବାହ୍ୟ ଜ୍ଞାନର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷାରେ ଟେକ୍ନୋଲୋଜିର ପ୍ରୟୋଗକୁ ବ୍ୟାପକ କରାଯିବ। ଟେକ୍ନୋଲୋଜି ଜରିଆରେ ଶିକ୍ଷା ପ୍ରଦାନ ଆମ ଶିକ୍ଷା ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ହେବ। ଏକ ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯେଉଁ ଲକ୍ଷ୍ୟ ରହିଛି, ତାକୁ ସାକାର କରିବା ଦିଗରେ ନୂଆ ଶିକ୍ଷା ନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଛାତ୍ର ଓ ଯୁବ ସମାଜକୁ ଏକ ଆଧୁନିକ ଓ ସଶକ୍ତ ଭାରତ ଗଠନ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିପାରିବ। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ବିକଶିତ କରାଯାଉଛି। ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ଜନଜାତି ଛାତ୍ରଛାତ୍ରୀମାନଙ୍କ ଡ୍ରପଆଉଟ୍ ହାର କମାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଆଜିର ଶିକ୍ଷାର୍ଥୀମାନେ ଆଗାମୀ କାଲିର ଭବିଷ୍ୟତ ହୋଇଥିବାରୁ ସେମାନେ ଯେପରି ଜଣେ ଜଣେ କର୍ମଯୋଗୀ ହୋଇ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଯୋଗଦାନ ରଖିବେ, ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଏନଇପି ନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି ଯେ ନୂତନ ଶିକ୍ଷାନୀତି ଲାଗୁ ହେବା ପରେ ମଧ୍ୟ ଦଶମ ଓ ଦ୍ୱାଦଶ ପରୀକ୍ଷା ବନ୍ଦ ହେବନାହିଁ। ପୂର୍ବରୁ ୧୦+୨ ଢାଞ୍ଚାରେ ପାଠପଢ଼ା ହେଉଥିଲା। ଏବେ ପାଠ୍ୟକ୍ରମ ଢାଞ୍ଚାରେ ପରିବର୍ତ୍ତନ ହୋଇଛି।

କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ନୂଆ ଶିକ୍ଷା ନୀତିରେ ମାତୃଭାଷା ସହ ବହୁ ଭାଷୀ ଶିକ୍ଷାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ରାଜ୍ୟର ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ, ବିଶିଷ୍ଟ ଶିକ୍ଷାବିତ ମଞ୍ଜୁଲ୍ ଭାର୍ଗବ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଅଧିକାରୀ ଓ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।

### ଏନ୍ଇପି ଅନୁଯାୟୀ...

ସଂସ୍କୃତି ସହ ବିଜ୍ଞାନ ଓ ଗଣିତର ଉପଯୁକ୍ତ ସମଷ୍ଟି ବୋଲି କେନ୍ଦ୍ର ମନ୍ତ୍ରୀ କହିବା ସହ ଓଡ଼ିଆ ଜାତିରେ ମୂଳଭୂତ ତତ୍ତ୍ୱ ରହିଥିବା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (ଏନସିଏଫ) ଉନ୍ମୋଚିତ ହୋଇସାରିଛି । ଆଗାମୀ ଦିନରେ ଏହା ଓଡ଼ିଶାର ରାଜ୍ୟ ପାଠ୍ୟକ୍ରମ ଢାଞ୍ଚାର ଆଧାର ଭାବେ କାର୍ଯ୍ୟ କରିବ। ସେହିପରି ପାଠ୍ୟ ଖସଡ଼ାରେ ଓଡିଆ ସଂସ୍କୃତି ଏବଂ ଐତିହ୍ୟ ସହ ଓଡ଼ିଆ ମାତୃଭାଷା, ବୀରଗାଥା, ନୌବାଣିଜ୍ୟ ଓ ସ୍ଥପତି, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ କାହଣୀ, ବିଜ୍ଞାନରେ ପଠାଣୀ ସାମନ୍ତଙ୍କ ଉଦାହରଣ, ଓଡ଼ିଆ ଜାତିର ସମୃଦ୍ଧମୟ ନୌବାଣିଜ୍ୟ ପରମ୍ପରା ଆଦି ସ୍ଥାନ ପାଇବ। ଧର୍ମ ନିରପେକ୍ଷତା ଉପରେ ଶିକ୍ଷାଦାନ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ପର୍ଯ୍ୟବସିତ ହେବା ଦରକାର। ଏନ୍ଇପି ଗୁଣାତ୍ମକ, ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଉତ୍ତରଦାୟୀ ଭଳି ୫ଟି ସ୍ତମ୍ଭର ପ୍ରତିନିଧିତ୍ୱ କରୁଛି। ଏହି ପ୍ରକାର ଶିକ୍ଷା ମାଧ୍ୟମରେ ରାଜ୍ୟରେ ଆମେ ଏକ ନୂଆ ବାତାବରଣ ସୃଷ୍ଟି କରାଯାଇପାରିବ। ପରୀକ୍ଷା ପ୍ରକ୍ରିୟାକୁ ସରଳ କରିବା, ମୂଲ୍ୟାୟନକୁ ପାରଦର୍ଶୀ କରିବା, ଶିକ୍ଷଣ ଫଳାଫଳକୁ ପ୍ରାଥମିକତା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ପ୍ରବାସୀ ଓଡ଼ିଆଙ୍କୁ...

କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ରାଜ୍ୟର ସମସ୍ତ ମହିଳାଙ୍କୁ ସୁଭଦ୍ରା ସହାୟତା ମିଳିବ। ଏହି କ୍ରମରେ ବାଦ୍ ପଡିଥିବା ହିତାଧିକାରୀଙ୍କ ପାଇଁ ଜିଲ୍ଲାୱାରୀ ରିଭ୍ୟୁ ହୋଇଥିଲା। ଯେଉଁଥିରେ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଏହାବ୍ୟତୀତ ରାଜ୍ୟ ବାହାରେ ରହୁଥିବା ମହିଳାଙ୍କ ସୁଭଦ୍ରା ସହାୟତା ମିଳିବା ଉଚିତ୍। ଏଥିପାଇଁ ସେମାନେ ଆବେଦନ କରିବା ଉଚିତ୍ । ଯଦି ସେମାନେ ଆବେଦନି କରିବେ। ତେବେ ସେମାନଙ୍କୁ ଟଙ୍କା ମିଳିବ। ଶେଷ ହିତାଧିକାରୀଙ୍କ ପାଖରେ ସୁଭଦ୍ରା ପହଞ୍ଚିବାକୁ ଟାର୍ଗେଟ ରଖିଛୁ । ଜାନୁଆରୀ ଶେଷ ସୁଦ୍ଧା ସୁଭଦ୍ରା ଟଙ୍କା ମିଳିବ। ଚତୁର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ଲୋକଙ୍କୁ ଟଙ୍କା ମିଳିବ।

ସୂଚନାଯୋଗ୍ୟ ଯେ, ନଭେମ୍ବର ୨୪ରେ ସୁନ୍ଦରଗଡ଼ରେ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଇଥିଲେ ମୁଖ୍ୟମନ୍ତ୍ରୀ। ସିଧାସଳଖ ୨୦ ଲକ୍ଷରୁ ଅଧିକ ମହିଳାଙ୍କ ଖାତାକୁ ଯାଇଥିଲା ସୁଭଦ୍ରା ଟଙ୍କା। ଏହି ଅବସରରେ ପୂର୍ବ ସରକାରକୁ ଟାର୍ଗେଟ୍ କରି କହିଥିଲେ, ଖାଲି ମିଶନ ଶକ୍ତି ଗଠନ କରି ପ୍ରଚାର କରୁଥିଲେ, ମହିଳାଙ୍କୁ ଆମେ ସ୍ୱାବଲମ୍ବୀ କରିବୁ। ଏବେ ବି ଅନେକ ମହିଳା ଆବେଦନ କରି ସହାୟତା ଅପେକ୍ଷାରେ ଅଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ଆଉ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦେଇ କୋଟିଏ ହିତାଧିକାରୀଙ୍କୁ ସାମିଲ କରିବାକୁ ସ୍ଥିର କରିଛି ବିଭାଗ। ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଯାଇଛି। ୩ଟି ପର୍ଯ୍ୟାୟରେ ମୋଟ୍ ୮୦ ଲକ୍ଷ ୩୫ ହଜାର ମହିଳାଙ୍କୁ ସୁଭଦ୍ରା ସହାୟତା ରାଶି ମିଳିସାରିଲାଣି। ଡିସେମ୍ବରରେ ଚତୁର୍ଥ ପର୍ଯ୍ୟାୟରେ ଆଉ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦେଇ କୋଟିଏ ହିତାଧିକାରୀଙ୍କୁ ସାମିଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

### ବନ୍ୟା ଓ ଭୂସ୍ଖଳନରେ ...

ପଡ଼ିବା ସହ ଅନେକ ଗଛ ମଧ୍ୟ ଉପୁଡ଼ି ପଡ଼ିଥିଲା। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ପେଟୁଙ୍ଗକ୍ରିୟୋନୋ ଗ୍ରାମରୁ ୧୭ଟିଯାକ ମୃତଦେହ ଉଦ୍ଧାର କରିଛନ୍ତି। ସେହିପରି ସେମାନେ ନିଖୋଜ ଗ୍ରାମବାସୀଙ୍କ ତଲାସ ଅଭିଯାନ ଜାରି ରଖିଛନ୍ତି। ତେବେ ଏହି ବିପର୍ଯ୍ୟୟରୁ ୧୧ ଜଣ ଗ୍ରାମବାସୀ କୌଣସି ପ୍ରକାରେ ବର୍ତ୍ତିଯାଇଥିବା କାଟୁରସାସି କହିଛନ୍ତି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ବିଭିନ୍ନ ଗଣମାଧ୍ୟମରେ ପୁଲିସ୍, ଯବାନ ଓ ଉଦ୍ଧାରକାରୀ ଦଳ ମାଟି କାଦୁଅ ଭର୍ତ୍ତି ଅଞ୍ଚଳରେ ଏକ୍ସକାଭେଟର୍ ସହାୟତାରେ ନିଖୋଜମାନଙ୍କ ସନ୍ଧାନ ଚଳାଇଥିବା ଦେଖିବାକୁ ମିଳିଛି। ସେହିପରି ଉଦ୍ଧାର କରାଯାଇଥିବା ଲୋକମାନଙ୍କୁ ବାଉଁଶରେ ତିଆରି ଷ୍ଟ୍ରେଚର୍‌ରେ ଆମ୍ବୁଲାନ୍ସ କିମ୍ବା ଅନ୍ୟାନ୍ୟ ଗାଡ଼ି ନିକଟକୁ ନିଆଯାଉଥିବା କେତେକ ଗଣମାଧ୍ୟମ ପକ୍ଷରୁ ସୋଶାଲ୍ ମିଡିଆରେ ଅପଲୋଡ୍ ହୋଇଥିବା ଫଟୋରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ହେଉଥିବା ମୌସୁମୀ ବର୍ଷା ଯୋଗୁଁ ଅଧିକାଂଶ ସମୟରେ ଇଣ୍ଡୋନେସିଆବାସୀଙ୍କୁ ବନ୍ୟା ଓ ଭୂସ୍ଖଳନ କରି ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଗତ ବର୍ଷ ଡିସେମ୍ବରରେ ପଶ୍ଚିମ ଜାଭା ପ୍ରଦେଶରେ ବନ୍ୟା ଓ ଭୀଷଣ ବେଗରେ ପବନ ବହିବା ଫଳରେ ସେଠାକାର ସୁକାବୁମି ଜିଲ୍ଲାରେ ୧୨ ଜଣ ଲୋକ ପ୍ରାଣ ହରାଇଥିଲେ।

### ହତ୍ୟାକାରୀଙ୍କୁ...

ଅଫିସ ସମ୍ମୁଖରେ ବାଣୀବିହାରରେ ଏକ ପାନ ଦୋକାନ କରିଥିବା ସୌମ୍ୟରଞ୍ଜନଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ଅଶୋକ ଓ ମନୋଜ ଫେରାର ହୋଇଯାଇଥିଲେ। ସୌମ୍ୟରଞ୍ଜନଙ୍କୁ ତୁରନ୍ତ ନିକଟସ୍ଥ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଅଗଷ୍ଟ ୩୧ ତାରିଖରେ ସୌମ୍ୟରଞ୍ଜନଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏନେଇ ସୌମ୍ୟରଞ୍ଜନଙ୍କ ସାନଭାଇ ସାଗରଙ୍କ ଅଭିଯୋଗ କ୍ରମେ ସହିଦ ନଗର ପୁଲିସ୍ ହତ୍ୟା ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଦୁଇ ଅଭିଯୁକ୍ତଙ୍କ ଘର ପଥରବନ୍ଧ ଓ ଧୀରିକୁଟି ବୋଲି ଜଣାପଡ଼ିବା ପରେ ପୁଲିସ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ପାଖାପାଖି ଅଢ଼େଇ ବର୍ଷ ଭିତରେ କେସର ତଦନ୍ତ କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ୩୯ଟି ଦସ୍ତାବିଜ୍ ଓ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲ୍ଲା ଦୌରାଜଜ୍ କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ବାପା ଆଗରେ ପୁଅକୁ ୩୩ ଥର ଛୁରା ମାଡ଼ କରି ହତ୍ୟା କରାଯାଇଥିଲା। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି କୋର୍ଟ ତ୍ୱରିତ ରାୟ ଦେଇଛନ୍ତି। ତତ୍କାଳୀନ ଆଇଆଇସି ହିମାଂଶୁ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ସାକ୍ଷୀ ସୁରକ୍ଷା ଓ କୋର୍ଟରେ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଦୋଷୀଙ୍କୁ ଦଣ୍ଡବିଧାନ ହୋଇଥିବା ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା କହିଛନ୍ତି।

### ନାଲିଆଖି ଦେଖାଇ...

କିଛି କର୍ମଚାରୀ କହୁଥିଲେ ଏମାନେ ଆଗକୁ ଓଡ଼ିଶାବାସୀଙ୍କୁ କିଭଳି ରାଜସ୍ୱ ସେବା ପ୍ରଦାନ କରିବେ, ତାହା ଏବେଠାରୁ ଜଣାପଡ଼ିଗଲାଣି। ଇତିମଧ୍ୟରେ ଏହି ତାଲିମପ୍ରାପ୍ତ ବାବୁମାନେ ନିଜ ନିଜର ତାଲିମ ଶେଷ କରି କର୍ମକ୍ଷେତ୍ରକୁ ବାହୁଡ଼ିଗଲେଣି। ହେଲେ କୌଣସି କାରଣରୁ କଥାଟି ଏବେ କଟକରୁ ଆସି ରାଜଧାନୀରେ ପହଞ୍ଚିବା ପରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ବିଶ୍ୱସ୍ତ ସୂତ୍ରର ମିଳିଥିବା ଏହି ସୂଚନାନୁଯାୟୀ, ନୂଆ ଚାକିରି ପାଇଥିବା ଓଏଏସ୍ ବାବୁମାନେ ତାଲିମ ପ୍ରତି ଆଗ୍ରହୀ ହେବା ସହିତ ସେମାନଙ୍କ ମଧ୍ୟରୁ କିଛି ଠିକ୍ ଭାବେ ପଢ଼ାପଢ଼ି କରୁଥିବା ବେଳେ ଅଧିକାଂଶ ସମୟରେ କିନ୍ତୁ ଆଇଏଏସ୍ ତାଲିମଧାରୀମାନେ ମୋବାଇଲ୍‌ରେ ବ୍ୟସ୍ତ ରହିବା ସହିତ ବୁଲାବୁଲିରେ ମନ ଦେଉଛନ୍ତି। ସମସ୍ତେ ସବୁକିଛି ଦେଖୁଥିଲେ ବି ଆଗାମୀ ଦିନକୁ ଦୃଷ୍ଟିରେ ରଖି ନିରବ ରହିବାକୁ ବାଧ୍ୟ ହେଉଛନ୍ତି।

### ନିପାତ ହେଲେ...

ହୋଇଛି। ସର୍ଚ୍ଚ ଅପରେସନରେ ଏକେ-୪୭, ଏସଏଲ୍ଆର୍, ଇନ୍‌ସାସ୍ ଜବତ କରାଯାଇଛି। ବହୁ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ନୂଆପଡ଼ା ଜିଲ୍ଲା ସୀମାଠାରୁ ୫ କିମି ଦୂରରେ ଥିବା ଛତିଶଗଡ଼ର କୁଲରିଘାଟ ରିଜର୍ଭ ଫରେଷ୍ଟରେ ଗତ ୧୯ ତାରିଖ ରାତିରୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏକ ବଡ଼ ଧରଣର ମାଓବିରୋଧୀ ଅଭିଯାନ ଚାଲିଛି। ମାଓବାଦୀମାନେ ଆଡ୍ଡା ଜମାଇଥିବା ନେଇ ଗୁଇନ୍ଦା ସୂଚନା ପାଇବା ପରେ ଓଡ଼ିଶା ପୁଲିସର ଏସଓଜି, ଛତିଶଗଡ଼ର ଇ-୩୦ ଫୋର୍ସ ଓ ସିଆରପିଏଫ ପକ୍ଷରୁ ମିଳିତ ଅପରେସନ ଆରମ୍ଭ ହୋଇଥିଲା। ଗତକାଲି ଏନକାଉଣ୍ଟରରେ ଦୁଇ ମହିଳା ମାଓବାଦୀଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରୁ ମଧ୍ୟ ସୁରକ୍ଷାକର୍ମୀମାନେ ବ୍ୟାପକ ମାତ୍ରାରେ ଏସଏଲଆର, ଆଇଇଡି ଓ ବହୁ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ତେବେ ଆଜି ଭୋର ସମୟରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ବଡ଼ ଧରଣର ଗୁଳି ବିନିମୟ ହେବା ଫଳରେ ଏଥିରେ ୧୪ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମୃତାହତଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଏହି ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଧାନ୍ତ ମାଓନେତା ଜୟରାମ ରେଡ୍ଡୀ ଓରଫ୍ ଚଲାପତି ବି ନିହତ ହୋଇଛି। ଚଲାପତି ମୁଣ୍ଡରେ ୧ କୋଟିର ପୁରସ୍କାର ଥିଲା। ଏହି ଅଭିଯାନରେ ଏସ୍ଓଜି ଯବାନଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ଯବାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ଭତ୍ତା ୮ହଜାରରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

**ବରଗଡ଼ରେ ଯୁବତୀଙ୍କୁ ବଳାତ୍କାର ମାମଲା**

# ପୁଲିସ୍ ପଞ୍ଝାରେ ମୁଖ୍ୟ ଅଭିଯୁକ୍ତ

ବରଗଡ଼,୨୧।୧(ସଂଚାର ବ୍ୟୁରୋ): ବରଗଡ ଧନୁଯାତ୍ରା ଦେଖିବାକୁ ଆସି କେତେକ ଦୁର୍ବୃତ୍ତଙ୍କ ପାଶବିକ ଅତ୍ୟାଚାରର ଶିକାର ହୋଇଥିବା ଜନୈକା ଯୁବତୀଙ୍କୁ ଜଙ୍ଗଲରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ବରଗଡ଼ ପୁଲିସ୍‌କୁ ବିଗତ ଦିନରେ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଛି। ତେବେ ଆଜି ପୁଲିସ୍




ନିଜର ପାରିବାପଣିଆ ପ୍ରମାଣିତ କରି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ରାକେଶ ଡନସେନାକୁ ପୁଲିସ୍ ଟିଟିଲାଗଡ଼ ରେଳ ଷ୍ଟେସନରୁ ଗିରଫ କରିଥିବା ନେଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଆଜି ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ଦାବିରେ ଆଜି ବରଗଡ଼ ବନ୍ଦ ଡାକରା ଦିଆଯାଇଥିବା ବେଳେ ପୁଲିସ୍‌ର ଏପରି ସଫଳତା ସ୍ଥାନୀୟ ଲୋକଙ୍କୁ ଆଶ୍ୱସ୍ତ କରିଛି। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ପୀଡ଼ିତା ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସିଥିଲେ। କିନ୍ତୁ ସେ ଆଉ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ। କିନ୍ତୁ ତାହା ସୁଇଚ୍ ଅଫ୍ ଥିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ପାଇନଥିଲେ। ଅନ୍ୟପଟେ କିଛି ସମୟ ପରେ ପୀଡ଼ିତାଙ୍କ ନମ୍ବରରୁ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ କେହି ଫୋନ କରି ଯୁବତୀ ଜଣକ କୁର୍ଲା ଜଙ୍ଗଲରେ ପଡ଼ିଥିବା ସୂଚନା ଦେଇଥିଲେ। ଏହାପରେ ପରିବାର ଲୋକେ ଯୁବତୀଙ୍କୁ କୁର୍ଲା ଜଙ୍ଗଲ ଭିତରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ତେବେ ଗତକାଲି ଏହି ମାମଲାରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ପୀଡ଼ିତା ବଳାତ୍କାରର ଶିକାର ହୋଇନଥିବା ସ୍ପଷ୍ଟ କରିଥିଲେ।

**ଓଡ଼ିଆ ଭାଷାରେ ଇଗ୍ନୋ ପୁସ୍ତିକା ଉନ୍ମୋଚିତ**

# ମାତୃଭାଷାର ଉନ୍ନତିରେ ସମାଜର ପ୍ରଗତି: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ଓଡ଼ିଶା ଏକ ଜ୍ଞାନ ଆଧାରିତ ସମାଜ ଓ ଭାଷା ଆମ ପ୍ରଗତିର ସବୁଠୁ ବଡ଼ ସହାୟକ। ଭାଷାର ଉନ୍ନତିରେ ହିଁ ସମାଜର ପ୍ରଗତି ସମ୍ଭବପର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଠାରେ ଆଜି ଏଆଇସିଟିଇ ସହଯୋଗରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ଏମବିଏ ଅଧ୍ୟୟନ ପୁସ୍ତିକା ଓଡ଼ିଆ ଭାଷାରେ ଉନ୍ମୋଚନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଆଜିର ପଦକ୍ଷେପ ଦ୍ୱାରା ଓଡ଼ିଶାର ଉଚ୍ଚ ଶିକ୍ଷା ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ଏକ ସାଧୁ ଉଦ୍ୟମ। ଭାରତରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷାର ଅଗ୍ରଗତିରେ ଏଆଇସିଟିଇର ଭୂମିକା ଅତୁଳନୀୟ। ଉଭୟ ଇଗ୍ନୋ ଓ ଏଆଇସିଟିଇ ଦେଶ ତଥା ଦେଶ ବାହାରେ ବିଭିନ୍ନ ଶିକ୍ଷାର୍ଥୀଙ୍କୁ ସୁଲଭ ମୂଲ୍ୟରେ ଶିକ୍ଷଣ ସୁଯୋଗ ପ୍ରଦାନ କରି ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛନ୍ତି। ଏଆଇସିଟିଇ ଆଜି ତାହାର ସମସ୍ତ ବୈଷୟିକ ଶିକ୍ଷାଦାନକୁ ଭାରତୀୟ ଭାଷା ସହ ଯୋଡ଼ିପାରିଛି। ଆଜି ଏହି ଦୁଇ ଅନୁଷ୍ଠାନ ମିଳିତ ଭାବରେ ଓଡ଼ିଆ ଭାଷାରେ ଏମବିଏ କୋର୍ସର ପାଠ୍ୟପୁସ୍ତକ ପ୍ରସ୍ତୁତ କରି ସାମଗ୍ରିକ ଶିକ୍ଷା ଦିଗରେ ନିଜର ସମର୍ପଣ ଭାବନାକୁ ପ୍ରମାଣିତ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିବା ସହ ଇଗ୍ନୋ ଓ ଏଆଇସିଟିଇକୁ ଧନ୍ୟବାଦ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ମୌଳିକ ଚିନ୍ତାଧାରାକୁ ବଢେଇବା ପାଇଁ ହେଲେ ଆମକୁ ମାତୃଭାଷା ଆଧାରିତ ଶିକ୍ଷା ପ୍ରଦାନ କରିବାକୁ ହେବ। ଓଡିଆ ଏକ ପ୍ରାଚୀନ ଭାଷା ଯାହାର ସମୃଦ୍ଧ ଇତିହାସ ଓ ଐତିହ୍ୟ ରହିଛି। ଗତ ୨୦୧୪ରୁ ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଆସିଛି। ଏହି ଭାଷାର ଶିକ୍ଷାକୁ ଗଭୀର କରିବା ପାଇଁ ରାଜ୍ୟ ସରକାର ପ୍ରୟାସ

- ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଅଗ୍ରଗତିରେ ଏଆଇସିଟିଇର ଭୂମିକା ଅତୁଳନୀୟ
- ଓଡ଼ିଆ ଭାଷା ଓ ଶିକ୍ଷାର ଉନ୍ନତିକୁ ପ୍ରାଥମିକତା




## ଶ୍ରୀମନ୍ଦିର ଚାରିପଟେ ଲାଗିଲା ପୋଷ୍ଟର




ପୁରୀ,୨୧।୧(ସଂଚାର ବ୍ୟୁରୋ): ନିକଟରେ ଏକାଧିକ ବାର ଶ୍ରୀମନ୍ଦିର ଭିତରର ଦୃଶ୍ୟ ସୋସାଲ୍ ମିଡିଆରେ ଭାଇରାଲ୍ ହେବା ପରେ ଆଜି ପୁରୀ ପୁଲିସ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମୋବାଇଲ୍ ଭିତରକୁ ନେବା ନିଷେଧ ବୋଲି ଦର୍ଶାଇ ପୁଲିସ୍ ମନ୍ଦିର ଚାରିପଟେ ପୋଷ୍ଟର ମାରିଛି। ଏପରିକି ମନ୍ଦିର ପରିସରରେ ମୋବାଇଲ ଫୋନ୍ର ବ୍ୟବହାରକୁ ମଧ୍ୟ ନିଷେଧ କରାଯାଇଛି। ଏହି ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦଣ୍ଡିତ କରାଯିବା ନେଇ ମଧ୍ୟ ପୋଷ୍ଟରରେ ଉଲ୍ଲେଖ ରହିଛି। ଅପରପକ୍ଷରେ ପୁରୀ ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି। ପୁରୀ ପୁଲିସ ଘଟଣାର ତଦନ୍ତ କରୁଥିବା ପୁରୀ ଏସପି ସୂଚନା ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସେହିପରି ଗତକାଲି ଶ୍ରୀମନ୍ଦିର ନିକଟରେ ଜଣେ ବ୍ୟକ୍ତି ଡ୍ରୋନ ଉଡାଉଥିବା ବେଳେ ତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି। ଏଥିସହ ତାଙ୍କଠାରୁ ଉକ୍ତ ଡ୍ରୋନ୍‌କୁ ମଧ୍ୟ ଜବତ କରାଯାଇଛି। ମନ୍ଦିର ଭିତରେ ମୋବାଇଲ କିମ୍ବା କ୍ୟାମେରା ବ୍ୟବହାର ନ କରିବା ଲାଗି ଶ୍ରଦ୍ଧାଳୁଙ୍କୁ ନିଜେ ଏସ୍‌ପି ମଧ୍ୟ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଗତ ୧୯ ତାରିଖରେ ଶ୍ରୀମନ୍ଦିରର ଗର୍ଭଗୃହର ସମ୍ବେଦନଶୀଳ ଭିଡିଓ ସୋଶାଲ୍ ମିଡିଆରେ ପ୍ରଘଟ ହୋଇଥିବା ଦେଖିବାକୁ ମିଳିଥିଲା। ବୃନ୍ଦାବନର ବାଙ୍କ ବିହାରୀ ଅନନ୍ତ ନାମକ ଜନୈକ ବ୍ୟକ୍ତି ତାଙ୍କ ଇନଷ୍ଟାଗ୍ରାମ ଓ ଫେସବୁକ୍ ଆକାଉଣ୍ଟରେ ଶ୍ରୀମନ୍ଦିର ଗର୍ଭଗୃହର ଭିଡ଼ିଓ ଭାଇରାଲ୍ କରିଥିଲେ। ଭାଇରାଲ ଭିଡିଓରେ ରତ୍ନ ସିଂହାସନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅବସ୍ଥାନ ମଧ୍ୟ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଥିଲା, ଯାହାକୁ ନେଇ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

## ହଂସପାଳରେ ବହୁପ୍ରତୀକ୍ଷୀତ ଫ୍ଲାଏଓଭର ଲୋକାର୍ପିତ

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉପକଣ୍ଠସ୍ଥିତ ହଂସପାଳଠାରେ ଆଜି ବହୁପ୍ରତୀକ୍ଷିତ ଫ୍ଲାଇଓଭର୍ ଉଦଘାଟିତ ହୋଇଛି। ଏଥିସହ ଖୁବଶୀଘ୍ର କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ୍ କାର୍ଯ୍ୟକାରୀ ହେବ। ଆଜି ଫ୍ଲାଇଓଭର୍ ଉଦ୍‌ଘାଟନ



ଉତ୍ସବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଫ୍ଲାଇଓଭର୍ ଉଦ୍‌ଘାଟନ ପରେ ଭୁବନେଶ୍ୱର-କଟକ ଟ୍ରାଫିକ ଯନ୍ତ୍ରଣା ଦୂର ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଫ୍ଲାଇଓଭର୍ କାମ ୧୮ ମାସରେ ଶେଷ କରିବା ସକାଶେ ପ୍ରକଳ୍ପ ସମୟରେ ଚୁକ୍ତି ହୋଇଥିଲେ ହେଁ ଏହାକୁ ପୂରଣ ହେବା ସକାଶେ ୫ ବର୍ଷ ସମୟ ଲାଗିଛି। ପୂର୍ବରୁ ଏହି ସ୍ଥାନରେ କଟକରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀଙ୍କ ପାଇଁ ଫ୍ଲାଇଓଭର୍ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ଭୁବନେଶ୍ୱରରୁ କଟକ ଯାଉଥିବା ଯାତ୍ରୀମାନଙ୍କୁ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ଏବେ ଫ୍ଲାଇଓଭର୍‌ଟି ଶତପ୍ରତିଶତ କାର୍ଯ୍ୟକ୍ଷମ ହୋଇଥିବାରୁ ଉଭୟ ସହରର ଯାତ୍ରୀମାନେ ଉପକୃତ ହୋଇପାରିବେ। ସୂଚନାଯୋଗ୍ୟ ଯେ ଏହି ଓଭରବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହେବାରୁ ଦୁଇ ଥର ଠିକା ସଂସ୍ଥାକୁ ପରିବର୍ତ୍ତନ କରାଯାଇଛି। ତା'ଛଡ଼ା ଏଥିପାଇଁ ରାଜନେତାଙ୍କ ମଧ୍ୟରେ ଦୋଷ ଲଦାଲଦି ମଧ୍ୟ ହୋଇଛି। ଏହା ସତ୍ତ୍ୱେ ଏହି ଫ୍ଲାଇଓଭର୍‌ର ନିର୍ମାଣ କାର୍ଯ୍ୟ ଶେଷହେବା ସକାଶେ ଧାର୍ଯ୍ୟ ସମୟଠାରୁ ଅଧିକ ସାଢ଼େ ୩ ବର୍ଷ ସମୟ ଲାଗିଛି। ତେବେ ଏଥିପାଇଁ ପୂର୍ବ ସରକାର ଓ ସମ୍ପୃକ୍ତ ଠିକାଦାରଙ୍କୁ ଦାୟୀ କରିଛନ୍ତି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ। ଅନ୍ୟପକ୍ଷରେ ୨୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଫ୍ଲାଇଓଭର ହଂସପାଳରେ ହେଉଥିବା ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ କରିବ ବୋଲି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଅଧିକାରୀ ଆଶା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତର ବିଜେପି ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ଏନ୍‌ଏଚ୍‌ଆଇଏର ବରିଷ୍ଠ ଅଧକାରୀଙ୍କ ସମେତ ଅନେକ ଜନସାଧାରଣ ଉପସ୍ଥିତ ଥିଲେ ।

## ୧୫୪୨ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ଙ୍କୁ ମିଳିବ ୭୭.୮୦ କୋଟି ସହାୟତା

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ରାଜ୍ୟରେ ଚାଷୀ ଓ ଅନ୍ୟାନ୍ୟ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ସମବାୟ ମାଧ୍ୟମରେ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଏବଂ ବୃହତ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପ୍ସ) ଗଠନ କରଯାଇଛି। ଇତିମଧ୍ୟରେ ରାଜ୍ୟରେ ୧୫୪୨ଟି ନୂଆ ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଗଠନ କରାଯାଇଥିବା ବେଳେ ଆଜି ସେମାନଙ୍କ ସକାଶେ ସହାୟତା ଘୋଷଣା କରାଯାଇଛି। ଏହି ନବଗଠିତ ସଂସ୍ଥାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ, ପ୍ରତ୍ୟେକ ନବଗଠିତ ପ୍ୟାକ୍ସ କିମ୍ବା ଲ୍ୟାମ୍ପ୍ସକୁ କାର୍ଯ୍ୟକ୍ଷମ ହେବା ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ମୂଳଧନ ବା ସିଡ୍ ମନି ଦିଆଯିବ।

## ବିଶିଷ୍ଟ ଶିକ୍ଷାବିତ ଚିନ୍ତାମଣି ଗୁରୁଜୀଙ୍କ ଶ୍ରାଦ୍ଧୋତ୍ସବ



କେନ୍ଦ୍ରାପଡ଼ା,୨୧।୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଲାଇ ପଞ୍ଚାୟତସ୍ଥିତ ମଧୁସାଗର ବିଦ୍ୟାପୀଠର ପ୍ରତିଷ୍ଠାତା ବିଶିଷ୍ଟ ଗାନ୍ଧିବାଦୀ ଶିକ୍ଷାବିତ ଚିନ୍ତାମଣି ଗୁରୁଜୀଙ୍କ ୩୮ତମ ଶ୍ରାଦ୍ଧୋତ୍ସବ ଆଜି ସ୍ଥାନୀୟ ମଧୁସାଗର ବିଦ୍ୟାପୀଠ ପରିସରରେ ମଧୁସାଗର ଟ୍ରଷ୍ଟ ବୋର୍ଡ ପକ୍ଷରୁ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା, ଯେଉଁଥିରେ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସତ୍ୟବ୍ରତ ରାଉତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ଓ ମଧୁସାଗର ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତୁଳସୀ ମଞ୍ଜୁରୀ ମନ୍ତ୍ରୀ ତଥା ଗୁରୁଜୀଙ୍କ କନ୍ୟା ଏବଂ ଜାମାତା ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁରେଶ ଚନ୍ଦ୍ର ମନ୍ତ୍ରୀଙ୍କ ସମେତ ମାର୍ଶାଘାଇ ତହସିଲଦାର, ମଣ୍ଡଳ ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ ଉମାକାନ୍ତ ଦାସ, ସତ୍ୟାନନ୍ଦ ପରିଡ଼ା, ସତ୍ୟପ୍ରିୟ ପରିଡ଼ା ଉପସ୍ଥିତ ଥିଲେ। ମଧୁସାଗର ବିଦ୍ୟାପୀଠର ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ମନ୍ତ୍ରୀ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକମାନେ ଗୁରୁଜୀଙ୍କ ସ୍ମୃତି ଚାରଣ ସହ ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

**ବ୍ଲକିଂ, ଚେକିଂର ନେତୃତ୍ୱ ନେବେ ଥାନାଧିକାରୀ**

# ବାବୁପଣିଆ ଛାଡ଼ନ୍ତୁ ଆଇଆଇସି

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ଥାନା ଆଇଆଇସିମାନେ ସବୁ ଅପରାଧିକ ଘଟଣାର ସ୍ପଟରେ ପହଁଚିବେ। ରାତିରେ ହେଉଥିବା ପେଟ୍ରୋଲିଂ, ଚେକିଂ ଓ ବ୍ଲକିଂର ନେତୃତ୍ୱ ନେବେ ଆଇଆଇସି। ଟ୍ୱିନ୍ ସିଟିରେ ବଢୁଥିବା ଅପରାଧକୁ ଦୃଷ୍ଟିରେ ରଖି ପୋଲିସ କମିଶନର ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି। କଟକ-ଭୁବନେଶ୍ୱରରେ ବଢୁଥିବା କ୍ରାଇଣ କମିଶନରେଟ୍ ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ଅପରାଧ ନିୟନ୍ତ୍ରଣ ରୋକିବାରେ ପୋଲିସ ବିଳଫ ହେଉଥିବା ଅଭିଯୋଗ ମଧ୍ୟ ହେଉଛି । ଏହାରି ଭିତରେ ମଙ୍ଗଳବାର ପୋଲିସ କମିଶନର ଦେବଦତ୍ତ ସିଂହ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାସ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରିଛନ୍ତି । ଟ୍ୱିନ୍ ସିଟିରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଏବଂ ଅପରାଧର ଟ୍ରେଣ୍ଡ ଉପରେ ଏହି ବୈଠକରେ ସମୀକ୍ଷା କରିଛନ୍ତି । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହେବା ସହ ଲୋକାଲ୍ ପୋଲିସକୁ ଅଧିକ କ୍ରିୟାଶିଳ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। । ଟ୍ୱିନ୍ ସିଟିରେ ଅପରାଧ ନିୟନ୍ତ୍ରଣ କରିବା ପାଇଁ ସବୁ ଆଇଆଇସିଙ୍କୁ ନିଜ ନିଜ ଏରିଆରେ ପାଟ୍ରୋଲିଂ, ବ୍ଲକିଂ ଏବଂ ଚେକିଂକୁ କଡ଼ାକଡ଼ି କରିବା ପାଇଁ କୁହାଯାଇଛି । ସମସ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ନିଜେ ଆଇଆଇସି ପୁଲିସିଂର ନେତୃତ୍ୱ ନେବା ଦରକାର। ଆରଇଏସଏସ୍ ଏବଂ ପିସିଆର ଟିମ୍‌ଙ୍କ ବ୍ୟତୀତ ସ୍ଥାନୀୟ ପୋଲିସ କୌଣସି ଘଟଣା ଘଟିଲେ ତତ୍କାଳୀନ ଆକ୍ସନ ନେବା ଦରକାର ବୋଲି କୁହାଯାଇଛି। ତଦାରଖ ଏବଂ ଅନୁସନ୍ଧାନକୁ ପ୍ରଭାବୀ କରିବା ପାଇଁ ସମ୍ଭାବ୍ୟ ଘଟଣାଗୁଡ଼ିକୁ ତୁରନ୍ତ ରିପୋର୍ଟ କରିବା ପାଇଁ କୁହାଯାଇଛି । ମହିଳାଙ୍କ ବିରୁଦ୍ଧରେ ଯେକୌଣସି ଅପରାଧ, ସେ ଛୋଟ ହେଉ ବା ବଡ଼, ଅବିଳମ୍ବରେ ତତ୍ପରତା ସହିତ ପଦକ୍ଷେପ ନିଆଯିବା ଦରକାର ବୋଲି ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ମହିଳାଙ୍କ ବିରୋଧରେ ଅପରାଧ, ଛୋଟ ହେଉ ବଡ, ଗୁରୁତ୍ତର ସହ ପୋଲିସ ଗ୍ରହଣ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ କୌଣସି ରାଗିଂ ଘଟଣା ସାମନାକୁ ଆସିଲେ ବିଳମ୍ବ ନକରି ଏହା ଉପରେ ପଦକ୍ଷେପ ନିଆଯିବା ପାଇଁ କୁହାଯାଇଛି । ଏହାସହ ନିଶା କାରବାର ବିରୋଧରେ ଅଭିଯାନକୁ ଆହୁରି ଅଧିକ କରିବା ପାଇଁ କୁହାଯାଇଛି । ଅତିରିକ୍ତ ସିପି ଉମାଶଙ୍କର ଦାସ ହାଜିରାକୁ ନିୟମିତ ମନିଟର କରିବା ସହ ବେଲରେ ଯାଇଥିବା ଅଭିଯୁକ୍ତଙ୍କୁ ଟ୍ରାକ କରିବାକୁ ପରାମର୍ଶ ଦେଇଥିଲେ।



ଜରୁରୀ ବୈଠକ ଡକାଇଲେ କମିଶନର

## 'ବିକଶିତ ଓଡ଼ିଶା' ଗଠନରେ ସଶକ୍ତ ଯୁବନେତୃତ୍ୱର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ୨୦୨୩-୨୪ବର୍ଷ ନିମନ୍ତେ ୨୦ଜଣଙ୍କୁ ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୧୨ଜଣ ସ୍ୱେଚ୍ଛାସେବୀ, ୩ଜଣ କାର୍ଯ୍ୟକ୍ରମ ଅଧିକାରୀ, ତିନୋଟି ଏନ. ଏସ. ଏସ ୟୁନିଟ ଏବଂ ରକ୍ତଦାନ ଓ ବୃକ୍ଷରୋପଣ କାର୍ଯ୍ୟରେ ଶ୍ରେଷ୍ଠତା ପ୍ରଦାନ କରିଥିବା ଦୁଇଟି ଏନ. ଏସ. ଏସ ୟୁନିଟକୁ ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରଦାନ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ସେ କହିଥିଲେ ଯେ, ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ଓଡ଼ିଶାର ଯୁବପିଢ଼ିଙ୍କୁ ନିଶ୍ଚିତ ଭାବରେ ପ୍ରେରଣା ଯୋଗାଇବ। ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଅସ୍ମିତାକୁ ବିଶ୍ୱ ମଞ୍ଚରେ ଏକ ଅନନ୍ୟ ସ୍ଥାନ ପ୍ରଦାନ କରିବା ନିମନ୍ତେ ଯୁବପିଢ଼ିମାନେ ସଦାସର୍ବଦା ଚେଷ୍ଟିତ ରହିବା ଉଚିତ। ଏଥିସହ ବିକଶିତ ଓଡ଼ିଶା ଓ ଆମ ସ୍ୱପ୍ନର ଓଡ଼ିଶା ନିର୍ମାଣ କରିବାରେ ମଧ୍ୟ ସଶକ୍ତ ଯୁବନେତୃତ୍ୱର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ସାହାଯ୍ୟ, ସହଯୋଗ ଓ ସେବା ମନୋଭାବ ସହ ସମାଜସେବା କରିବା ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଓଡ଼ିଶାର ଯୁବପିଢ଼ି ନିଜର ଯୋଗଦାନ ଦେବା ସହ ସଶକ୍ତ ସମାଜ ନିର୍ମାଣ ଦିଗରେ ମଧ୍ୟ ଯୁବପିଢ଼ି ନିଜର ନିରନ୍ତର ପ୍ରୟାସ ଜାରି ରଖନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ।

**କଣାସରେ ହଇଜା ବ୍ୟାପିବା ଘଟଣା**

# ଶ୍ରୀଜଗନ୍ନାଥ ମେଡିକାଲ୍ କଲେଜକୁ ତଦନ୍ତ ଦାୟିତ୍ୱ

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର କଣାସ ବ୍ଲକରେ ହଇଜା ବ୍ୟାପିବା ଫଳରେ ଏଥିରେ ଏକାଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏହା ଗତ ୧୨ ତାରିଖରେ ସାମ୍ନାକୁ ଆସିଥିଲା। ଜାଗୁଲେଇପଦର ଗ୍ରାମରୁ ଆରମ୍ଭ ହୋଇ ଏହି ରୋଗ କ୍ରମଶଃ ଦୟାନଦୀ କୂଳବର୍ତ୍ତୀ ନୂଆଗାଁ, ଗୋପୀନାଥପୁର, ପାଇକମରା, କଳାପଦର, ନଈକୂଳପାଟଣା, ନୂଆଦୋକନ୍ଦା ଆଦି ଗାଁକୁ ବ୍ୟାପିଥିଲା। ଅଦ୍ୟାବଧି ଏହି ରୋଗରେ ୮୩ ଜଣ ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟମାନଙ୍କୁ ସଠିକ୍ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଏହି ଘଟଣାର ତଦନ୍ତ ପାଇଁ ପୁରୀର ଶ୍ରୀଜଗନ୍ନାଥ ମେଡିକାଲ୍ କଲେଜକୁ ଦାୟିତ୍ୱ ଦିଆଯାଇଛି। ଘଟଣାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରିବା ସକାଶେ କଲେଜକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜ୍ୟ ୟୁନିଟର ଆଇଡିଏସ୍‌ପି ଦଳ ଜନସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ପରିସ୍ଥିତି ବିଶ୍ଳେଷଣ ଓ ପ୍ରକୋପ ମୂଲ୍ୟାୟନ ପାଇଁ ପ୍ରଭାବିତ ଗ୍ରାମଗୁଡ଼ିକରେ ଦୁଇ ଥର ପହଞ୍ଚିଛନ୍ତି। ସେମାନେ ଲ୍ୟାବ୍ ପରୀକ୍ଷା ଦ୍ୱାରା କାରକ ଚିହ୍ନଟ ସକାଶେ ରେକ୍ଟାଲ ସ୍ୱାବ୍ ଓ ପାଣି ନମୁନା ସଂଗ୍ରହ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗକୁ ଚିହ୍ନଟ କରି ସଂକ୍ରମଣ ରୋକିବା ସକାଶେ ଏହି ଦଳ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛି। ତିନି ଜଣ ସଦସ୍ୟ ବିଶିଷ୍ଟ ୧୨ଟି ଦଳ ଘର ଘର ବୁଲି ସର୍ଭେ କରିବା ସହ ଛୋଟମୋଟ ରୋଗର ଚିକିତ୍ସା କରିବା ସହ ଜନସାଧାରଣଙ୍କୁ ଓଆର୍‌ଏସ୍, ହାଲୋଜେନ୍ ଟାବଲେଟ୍ ଓ କଣ୍ଟାକ୍ଟ ଡୋଜ୍ ଦେଉଛନ୍ତି। ଜାଗୁଲେଇପଦର ଓ ନୂଆଗାଁରେ ଦୁଇଟି ଆମ୍ବୁଲାନ୍ସ ଏବଂ ବିଶେଷଜ୍ଞମାନଙ୍କୁ କଣାସରେ ଚିକିତ୍ସା ସହାୟତା ପାଇଁ ମୁତୟନ କରାଯାଇଛି। ଜାଗୁଲେଇପଦର, ନୁଆଁ ଗାଁର ଚିକିତ୍ସା ଶିବିର ଏବଂ ଗଡିସଗଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ରୋଗୀମାନଙ୍କୁ ଦିନରାତି ସେବା ପ୍ରଦାନ କରୁଛନ୍ତି। ରୋଗୀ ଓ ତାଙ୍କ ସଂସ୍ପର୍ଶରେ ଥିବା ଲୋକଙ୍କୁ ପ୍ରତିରୋଧକ ରୂପେ ଡକ୍ସିସାଇକ୍ଲିନ୍ ଦିଆଯାଉଛି। ଜଳ ଓ ରେକ୍ଟାଲ ସ୍ୱାବ୍ ବିଶ୍ଳେଷଣ ପାଇଁ ଲ୍ୟାବକୁ ପଠାଯାଇଛି, ୮୮ଟି ନଳକୂପକୁ କ୍ଲୋରିନେଟ୍ କରାଯାଇଛି, ଅବଶିଷ୍ଟ କୂପଗୁଡ଼ିକୁ ୪୮ ଘଣ୍ଟା ମଧ୍ୟରେ କ୍ଲୋରିନେଟ୍ କରାଯିବ। ପାନୀୟ ଜଳ ଯୋଗାଣ କରୁଥିବା ପାଣି ଟ୍ୟାଙ୍କର୍ ସଂଖ୍ୟାକୁ ୧୮ରୁ ୨୬କୁ ବୃଦ୍ଧି କରାଯାଇଛି। ଦୟାନଦୀର ସୁପର କ୍ଲୋରିନେସନ୍ କରାଗଲା ପରେ ନରାଜ ବ୍ୟାରେଜ୍ ଉନ୍ମୁକ୍ତ କରାଯାଇଥିଲା। ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି ଓ ସ୍ୱେଚ୍ଛାସେବୀ ସଂସ୍ଥାମାନେ ନଦୀକୂଳ ସଫା, ମୃତଦେହ ହଟାଇବା ଏବଂ ଅଳିଆଆବର୍ଜନାର ପରିଚାଳନା କରୁଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ମହାମାରୀକୁ ନିୟନ୍ତ୍ରଣ କରିବା ଓ ପ୍ରଭାବିତ ଲୋକଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସମୁଚିତ ପଦକ୍ଷେପ ନିଆଯାଉଛି।

**ବଢ଼ିଲା ଏସ୍‌ଏନ୍‌ପି ଶସ୍ୟ ପରିବହନ ଖର୍ଚ୍ଚ**

# ବାର୍ଷିକ ୮.୬୫ କୋଟିର ଅତିରିକ୍ତ ବୋଝ

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ପରିପୁରକ ପୁଷ୍ଟି କାର୍ଯ୍ୟକ୍ରମରେ (ଏସ୍‌ଏନ୍‌ପି) ଚାଉଳ ଓ ଗହମ ପରି ଶସ୍ୟ ପରିବହନ ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ସର୍ବାଧିକ ମୂଲ୍ୟ ୭୫ରୁ ୧୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଫଳରେ ଏ ବାବଦରେ ରାଜ୍ୟ ରାଜକୋଷ ଉପରେ ୮.୬୫ କୋଟିର ଅତିରିକ୍ତ ବୋଝ ପଡ଼ିବ। ଏସ୍‌ଏନ୍‌ପିରେ ଗରମ ରନ୍ଧା ଖାଦ୍ୟ ପାଇଁ ଅଙ୍ଗନବାଡି କେନ୍ଦ୍ରମାନଙ୍କୁ ଚାଉଳ ଯୋଗାଇ ଦିଆଯାଉଛି। ଏଥିସହ ଘରକୁ ରାସନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଗହମ ପ୍ରଦାନ କରାଯାଇଆସୁଛି। ଏହି ଚାଉଳ ଓ ଗହମ ପରିବହନ ପାଇଁ ପରିବହନ ଏଜେଣ୍ଟମାନଙ୍କୁ ନିୟୋଜିତ କରାଯାଇଥିବା ବେଳେ ଗତ ୨୦୧୧ଠାରୁ ଏହି ମୂଲ୍ୟ ବଢ଼ିନଥିଲା। ତେଣୁ ବର୍ଦ୍ଧିତ ଖର୍ଚ୍ଚ ଓ ଅନ୍ୟାନ୍ୟ ଦରଦାମ୍‌ର ମୁକାବିଲା ପାଇଁ ରାଜ୍ୟ ସରକାର ପରିବହନ ମୂଲ୍ୟ ବୃଦ୍ଧି କରିଛନ୍ତି। ତେବେ ଏହି ବର୍ଦ୍ଧିତ ମୂଲ୍ୟ କେବଳ ନୂତନ ଭାବେ ନିୟୋଜିତ ହେବାକୁ ଥିବା ଏଜେଣ୍ଟଙ୍କ ପାଇଁ ଲାଗୁ ହେବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସେହିପରି ଆଗାମୀ ଦିନରେ ନୂଆ ଏଜେଣ୍ଟମାନଙ୍କୁ ନିଯୁକ୍ତି ଦିଆଯିବା ସମୟରେ ଟେଣ୍ଡର ପ୍ରକ୍ରିୟା ଜରିଆରେ ଏହାର ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ କରାଯିବ ବୋଲି ଜଣାପଡ଼ିଛି।

## ଟ୍ରକ ଧକ୍କାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ

ବଣାଇ,୨୧।୧(ସଂଚାର ବ୍ୟୁରୋ): ସୁନ୍ଦରଗଡ ଜିଲ୍ଲା ଲହୁଣୀପଡ଼ା ଥାନା ରାଜମୁଣ୍ଡା ବାଇପାସ ଠାରେ ମଙ୍ଗଳବାର ଅପରାହ୍ନ ସମୟରେ ଏକ ଟ୍ରକ ଧକ୍କା ରେ ସ୍କୁଟିରେ ବସିଥିବା ତିନି ଜଣ ଆରୋହି ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ସୂଚନାରୁ ପ୍ରକାଶ ଯେ ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଳିପୋଷ ଗ୍ରାମର ସୁଧୀର ଠାକୁର (୨୮)ଏବଂ ତାଙ୍କ ର ଝିଆରୀ ଜାନକୀ ଠାକୁର (୧୩) ଓ କରିସ୍ମା ଠାକୁର (୯) ନିଜ ଗ୍ରାମରୁ ସ୍କୁଟି ଓଡି ୧୪-ପି-୯୯୨୪ ଯୋଗେ ଲହୁଣୀପଡା ଆସି ଥିଲେ ଏବଂ ବଣାଇ ଦେଇ ଘରକୁ ଫେରିବା ବେଳେ ରାଜାମୁଣ୍ଡା ବାଇପାସ ରାସ୍ତାର ଗୋଲ ଛକି ଅତିକ୍ରମ କରୁଥିବା ବେଳେ ୧୪୩ ନମ୍ବର ଜାତୀୟ ରାଜପଥର ରାଉରକେଲାରୁ ବାରକୋଟ ପଟେ ଯାଉଥିବା ଏକ ଟ୍ରକ ଓଡ଼ି – ୦୯-ପି-୮୪୭୮ ଟିପ୍ପର ଟି ପଛ ପଟୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ରେ ବସି ଥିବା ତିନି ଜଣ ଯାକ ତଳେ ପଡି ଯାଇଥିଲେ ଓ ଗାଡିର ପଛ ଚକରେ ଚାପି ହେଇଯାଇଥିଲେ। ଏ ଥିରେ ସୁଧୀର ଠାକୁର ଓ ଜାନକୀ ଠାକୁର ଙ୍କ ଗୋଡ଼ ଉପରେ ଚକ ଚଡି ଯାଇଥିଲା।

## ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଘର, ପିଲା ହୀନସ୍ତା

ଭଦ୍ରକ,୨୧।୧(ସଂଚାର ବ୍ୟୁରୋ): ନିଜସ୍ୱ ଗୃହ ଅଭାବରୁ ଅଙ୍ଗନବାଡ଼ି କେନ୍ଦ୍ରଟି ଏକ ଭଡ଼ା ଘରେ ଚାଲିଛି। ପିଲାମାନେ ଯେଉଁ ଘରେ ପାଠ ପଢୁଛନ୍ତି ସେଠାରେ ଭଲରେ ବସି ପଢିବା, ବସିବା, ରନ୍ଧା ଖାଦ୍ୟ ଖାଇବା ଆଦିର ଆଦୌ ସୁବିଧା ନାହିଁ। ପିଲାମାନେ ପଢୁଥିବା ଆଜବେଷ୍ଟସ ଘରେ ମଧ୍ୟ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଗରବରେ କୁନି ପିଲାମାନେ ହନ୍ତସନ୍ତ ହେଉଛନ୍ତି। ତା'ଛଡ଼ା କୁନି କୁନି ପିଲାଙ୍କ ପାଇଁ ଝାଡ଼ା ପରିସ୍ରାର ମଧ୍ୟ ସୁବିଧା ନାହିଁ। ସରକାର କୁନି କୁନି ପିଲାଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବା ପାଇଁ ଆରମ୍ଭ କରିଛନ୍ତି ମହିଳା ଓ ଶିଶୁ ସମନ୍ୱୟ ବିକାଶ କେନ୍ଦ୍ର, ଯାହାର ନାଁ ଅଙ୍ଗନବାଡ଼ି କେନ୍ଦ୍ର। କିନ୍ତୁ ଅଧିକାଂଶ ଅଙ୍ଗନବାଡ଼ିରେ ନିଜସ୍ୱ ଘର ନଥିବାରୁ କୁନି କୁନି ପିଲାଙ୍କ ପାଠପଢାରେ ଯାବତୀୟ ବାଧା ସୃଷ୍ଟି ହେଉଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଅଧିକାଂଶ ଅଙ୍ଗନବାଡ଼ି କେନ୍ଦ୍ରରେ ଏବେ ଏମିତି ଅବସ୍ଥା। କେଉଁଠି ଭଡ଼ା ଘରେ ତ ଆଉ କେଉଁଠି ବାରଣ୍ଡାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ମହିଳା ଓ ଶିଶୁ ସମନ୍ୱୟ ବିକାଶ କେନ୍ଦ୍ର ଚାନ୍ଦବାଲି-୧ ଏବଂ ଚାନ୍ଦବାଲି-୨



ଦୁଇଟି କାର୍ଯ୍ୟାଳୟ ରହିଛି। ସେଠାରେ ଦୁଇ ଦୁଇଟି ବିଭାଗୀୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଚାନ୍ଦବାଲିଠାରେ ଥିବା ଚାନ୍ଦବାଲି -୧ କାର୍ଯ୍ୟାଳୟରେ ୨୨୦ ଅଙ୍ଗନବାଡ଼ି କେନ୍ଦ୍ରର ଆବଶ୍ୟକ ରହିଥିବା ବେଳେ ୧୩୭ଟି କେନ୍ଦ୍ରର ନିଜସ୍ୱ ଗୃହ ରହିଛି। କିନ୍ତୁ ଆଉ ୩ଟି ଗୃହ ତିଆରି ସରିଥିଲେ ମଧ୍ୟ ଅଦ୍ୟାବଧି ହସ୍ତାନ୍ତର ହୋଇନାହିଁ। ଏହାଛଡ଼ା ଅବଶିଷ୍ଟ ୮୦ଟିରୁ ୩୩ଟି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ମତୋଷ୍ଠିତ ଚାନ୍ଦବାଲି-୨ ରେ ଯେଉଁ କାର୍ଯ୍ୟାଳୟ ରହିଛି, ସେଥିରେ ମୋଟ ୨୦୮ଟି ଅଙ୍ଗନବାଡ଼ି ଗୃହର ଆବଶ୍ୟକତା ଥିବା ବେଳେ ମାତ୍ର ୧୩୮ଟି ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଓ ସେଠାରେ ପିଲାମାନେ ପାଠ ପଢୁଛନ୍ତି। ଆଉ ଅବଶିଷ୍ଟ ୭୦ଟିରୁ ୨୨ଟି ଗୃହ ଆରମ୍ଭ ହେଉଛି ଓ ୪୮ଟି ଅଙ୍ଗନବାଡ଼ି ଗୃହ ଅଭାବରୁ ସେଠାକାର କୁନି କୁନି ପିଲାମାନେ କେଉଁଠି ଗଛ ମୂଳେ ତ ଆଉ କେଉଁଠି ବାରଣ୍ଡା ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଏମିତି ଚାନ୍ଦବାଲି ବ୍ଲକରେ ମୋଟ୍ ୪୨୮ ଟି ମହିଳା ଓ ଶିଶୁ ସମନ୍ୱୟ ବିକାଶ କେନ୍ଦ୍ରର ଗୃହ ଆବଶ୍ୟକତା ଥିବାବେଳେ ୧୫୦ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ତେଣୁ ସେଠାରେ ଯେଉଁଠି କୁନି କୁନି ପିଲାଙ୍କ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ୱାଂଶଡା ପଞ୍ଚାୟତ ତେନ୍ତୁଳି ଆଡିଆ ୯ ନମ୍ବର ଏବଂ ୧୦ ନମ୍ବର ୱାର୍ଡ ହରିଜନ ସାହିର ଲୋକେ ଅଭିଯୋଗ କରିଛନ୍ତି।। ଅଙ୍ଗନବାଡ଼ି ଗୃହ ଅଭାବରୁ ଏଠାକାର କେନ୍ଦ୍ରଟି ଏକ ଭଡ଼ା ଘରେ ଚାଲିଛି। ନାନାଦି ସମସ୍ୟା କାରଣରୁ ପିଲାମାନେ ଠିକ୍ ଭାବେ ପାଠ ପଢ଼ିପାରୁନାହାନ୍ତି। କୌଣସି ପ୍ରକାର ବ୍ୟବସ୍ଥା ନ ଥିବାରୁ ଅଙ୍ଗନବାଡ଼ି କର୍ମୀମାନେ ପାଠ ପଢାଇବାକୁ ଅମଙ୍ଗ ହେଉଛନ୍ତି। କେତେକ କ୍ଷେତ୍ରରେ ନିଜ ପିଲାଙ୍କୁ ଏପରି ସ୍ଥାନକୁ ପାଠ ପଢ଼ିବା ସକାଶେ ପଠାଇବାକୁ ଅଭିଭାବକମାନେ ମଧ୍ୟ ରାଜି ହେଉନାହାନ୍ତି। ତେଣୁ ସେମାନେ ନିଜସ୍ୱ ଗୃହ ପାଇଁ ଦାବି କରୁଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଗତ ଦୁଇ ସପ୍ତାହ ଧରି ଘରୋଇ ବଜାରରେ ସୁନାର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ଦେଖିବାକୁ ମିଳିପାରେ। ଏପରିକି ଚଳିତବର୍ଷ ଦୀପାବଳି ସୁଦ୍ଧା ଘରୋଇ ବଜାରରେ ସୁନା ମୂଲ୍ୟ ୧ ଲକ୍ଷ ଟଙ୍କା ଛୁଇଁଯାଇପାରେ। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୪ ହଜାର ୫୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୧ ହଜାର ୨୩୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୪, ୫୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୧, ୨୩୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୪,୫୦୦ ଟଙ୍କା ଓ ୮୧, ୨୩୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୪,୬୫୦ ଟଙ୍କା ଓ ୮୧, ୩୮୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୪,୫୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୧, ୨୩୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୪,୫୦୦ ଟଙ୍କା ଓ ୮୧,୨୩୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୬,୦୦୦ ହଜାର ଟଙ୍କା ହୋଇଛି।

# ଲଞ୍ଚ ହେଲା କାୱାସାକି ନିଞ୍ଜା ୫୦୦



**ନୂଆଦିଲ୍ଲୀ, ୨୧।୧:** ବିଭିନ୍ନ ଡିଜାଇନର ବାଇକ ଧରିବା ପାଇଁ ବାଇକ ପ୍ରେମୀମାନେ ଖୁବ୍ ପସନ୍ଦ କରନ୍ତି। ଗାଡ଼ିର ମାଇଲେଜ୍ ଭଲ ଥିଲେ ବାଇକ୍ ପ୍ରେମୀଙ୍କ ଖୁସି କହିଲେ ନସରେ। ଖାସ୍ କରି ଏଭଳି ବାଇକ ପ୍ରେମୀଙ୍କ ପାଇଁ ଏବେ ମାର୍କେଟରେ ଲଞ୍ଚ ହୋଇଛି କାୱାସାକି ନିଞ୍ଜା ୫୦୦। ଭାରତୀୟ ଗ୍ରାହକଙ୍କ ପାଇଁ କାୱାସାକି ନିଞ୍ଜା ୫୦୦ ଲଞ୍ଚ କରାଯାଇଛି। ଏହାକୁ ଭାରତରେ ଏକ ନୂଆ ପେଣ୍ଟ ସ୍କିମ୍ ସହିତ ଲଞ୍ଚ କରାଯାଇଛି। ଅନ୍ୟପଟେ ଏଥିରେ କୌଣସି ମେକାନିକାଲ ଚେଞ୍ଜ କରାଯାଇ ନାହିଁ। ଭାରତରେ ଏହାର ଏକ୍ସ-ସୋରୁମ୍ ଦାମ୍ ୫.୨୯ ଲକ୍ଷ ଟଙ୍କା ରଖାଯାଇଛି। ତେବେ ଆସନ୍ତୁ ଜାଣିବା ନୂଆ କାୱାସାକି ନିଞ୍ଜା ୫୦୦ ଖାସ୍ ଫିଚର ବିଷୟରେ। କାୱାସାକି ନିଞ୍ଜା ୫୦୦ରେ ଡିଜାଇନ୍ ଅନ୍ୟ ସମସ୍ତ କାୱାସାକି ଠାରୁ ଭିନ୍ନ। ଏହାକୁ ଏକ ଖାସ୍ ସୁପର-ସ୍ପୋର୍ଟସ୍ ମୋଟରସାଇକେଲ୍ ହିସାବରେ ଡିଜାଇନ୍ କରାଯାଇଛି। ଏଥିରେ ନୂଆ ଏଲଇଡି ହେଡଲାଇଟ୍ ଏବଂ ଟେଲ୍ ଲାଇଟ୍ ଯୋଡ଼ାଯାଇଛି। ଏହି ବାଇକ୍‌ରେ ଇଣ୍ଡିକେଟର ପାଇଁ ହ୍ୟାଲୋଜେନ୍ ବ୍ୟବହାର କରାଯାଇଛି। କାୱାସାକି ନିଞ୍ଜା ୫୦୦ରେ ୪୫୧ସିସିରେ ଲିକ୍ୱିଡ୍ କୁଲ୍ଡ, ପ୍ୟାରାଲାଲ୍ ଟ୍ୱିନ୍ ଇଞ୍ଜିନ୍ ଦିଆଯାଇଛି। ଏହାର ଇଞ୍ଜିନ ୪୫ ପିଏସ ପାୱାର ଏବଂ ୪୨.୬ ଏନଏମ ଟର୍କ ଜେନେରେଟ୍ କରିପାରିବ। ଏହି ବାଇକ୍‌ରେ ନନ୍-ଆଡଜଷ୍ଟେବଲ୍ ଫ୍ରଣ୍ଟ୍ ସସ୍ପେନସନ୍ ସହିତ ଏକ ହାଇ ଟେନ୍ସିଲ ଷ୍ଟିଲ୍ ଫ୍ରେମ୍ ବ୍ୟବହାର କରାଯାଇଛି। ହ୍ୟାଣ୍ଡେଲିଂ ବିଷୟରେ କହିବାକୁ ଗଲେ, ଏହାର ହ୍ୟାଣ୍ଡେଲିଂକୁ ବହୁତ ସ୍ମୁଥ୍ ରଖାଯାଇଛି। ଏହାର ଓଜନ ୧୭୧ କିଲୋଗ୍ରାମ ରହିଛି, ଯାହା ୫୦୦ ସିସି ବାଇକ୍ ପାଇଁ ଉପଯୁକ୍ତ ନୁହେଁ ବୋଲି କୁହାଯାଏ। ଏହାର ଓଜନ କମ୍ ହେବାର କାରଣ ଏଥିରେ ବ୍ୟବହାର କରାଯାଇଥିବା ମ୍ୟାଟେରିଆଲ, ଯାହା ବହୁତ ହାଲୁକା। ଏହାର ଓଜନ ହାଲୁକା ହୋଇଥିବାରୁ ଏହାର ସ୍ପିଡ୍ ବଢ଼ାଇବାରେ ସମୟ ଲାଗେ ନାହିଁ। କାୱାସାକି ନିଞ୍ଜା ୫୦୦ ସ୍ପୋର୍ଟି ହେବା ସହିତ ଏଥିରେ ଏକ ଆରାମଦାୟକ ରାଇଡିଙ୍ଗ୍ ପଜିସନ୍ ରହିଛି। ଏଥିରେ ହାଇ ସେଟ୍ କ୍ଲିପ୍-ଅନ୍ ଏବଂ ରିଅର୍-ସେଟ୍ ଫୁଟପେଗ୍ ଭଳି ଫିଚର୍ସ ଯୋଡ଼ାଯାଇଛି। ଏସବୁ ବ୍ୟତୀତ ଏହି ବାଇକ୍‌ରେ ସ୍ଲିପ୍ ଏବଂ ଆସିଷ୍ଟ କ୍ଲଚ୍, ଡୁଆଲ୍ ଚ୍ୟାନେଲ୍ ଏବିଏସ ଏବଂ ନାଭିଗେସନ୍ ବିନା ରଙ୍ଗୀନ ଏଲସିଡି ସ୍କ୍ରିନ୍ ଭଳି ଚମତ୍କାର ଫିଚର ଦିଆଯାଇଛି। ତେବେ ଭାରତରେ କାୱାସାକି ନିଞ୍ଜା ୫୦୦ ଏପ୍ରିଲିଆ ଆରଏସ ୪୫୭କୁ କଡ଼ା ଟକ୍କର ଦେବ। ଭାରତୀୟ ବଜାରରେ ଏପ୍ରିଲିୟା ଆରଏସ ୪୫୭ର ଏକ୍ସ-ସୋରୁମ୍ ଦାମ୍ ୪.୨୦ ଲକ୍ଷ ଟଙ୍କା ରହିଛି।

## ସେୟାର ବଜାରରେ ହାହାକାର
# ନିବେଶକ ହରାଇଲେ ୫ ଲକ୍ଷ କୋଟି



ନୂଆଦିଲ୍ଲୀ,୨୧।୧: ଭାରତୀୟ ସେୟାର ବଜାରରେ ଝଡ଼। ମଙ୍ଗଳବାର କାରବାର ଆରମ୍ଭ ହେବାମାତ୍ରେ ହେଲା କ୍ରାସ୍। ନିବେଶକ ହରାଇଲେ ୫ ଲକ୍ଷ କୋଟି। ବିଏସ୍‌ଇ ସେନସେକ୍ସ ୮୪୮ ପଏଣ୍ଟରୁ ଅଧିକ ହ୍ରାସ ପାଇ ୭୬,୨୨୪.୭୯ ପଏଣ୍ଟର ଇନଟ୍ରା ଡେ ଲୋ'ରେ ଆସିଯାଇଛି। ସେଭଳି ନିଫ୍ଟିର ସ୍ଥିତି ଆହୁରି ଶୋଚନୀୟ। ପୁଣି ତଳମୁହାଁ ଭାରତୀୟ ସେୟାର ମାର୍କେଟ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶପଥ ନେବା ପରେ ଭାରତୀୟ ସେୟାର ବଜାର କ୍ରାସ୍। ସେନସେକ୍ସ ଓ ନିଫ୍ଟି ୧% ରୁ ଅଧିକ ହ୍ରାସ ପାଇଛି। ବିଏସ୍‌ଇ ସେନସେକ୍ସ ୮୪୮.୬୫ ପଏଣ୍ଟ ଅର୍ଥାତ ୧.୧ % ହ୍ରାସ ପାଇ ୭୬,୨୨୪.୭୯ ପଏଣ୍ଟକୁ ଆସିଯାଇଛି। ସେଭଳି ନିଫ୍ଟି ୨୧୭.୦୫ ବା ୦.୯୨ % ହ୍ରାସ ପାଇ ୨୩,୧୨୭.୭୦ ଟ୍ରେଡ୍ କରୁଛି।। ବିଏସ୍‌ଇ ଲିଷ୍ଟେଡ୍ କମ୍ପାନୀର ମୋଟ ମାର୍କେଟ ଭ୍ୟାଲୁ ଗୋଟିଏ ଝଟକାରେ ପ୍ରାୟ ୫ ଲକ୍ଷ କୋଟିରୁ କମ୍ ହୋଇଛି। ସବୁଠାରୁ ଅଧିକ ହ୍ରାସ ରିୟଲ୍ଟି ଓ କଞ୍ଜୁମର ସେୟାରରେ ଦେଖିବାକୁ ମିଳିଛି। ଟ୍ରମ୍ପ ଶପଥ ନେବା ପରେ ବ୍ରିକ୍ସ ଦେଶ ଗୁଡିକ ଉପରେ ଟାରିଫ୍ ଲଗାଇବାର ଧମକ ଦେଇଛନ୍ତି। ଏହି ସବୁ ଦେଶ ଗୁଡିକ ଭିତରେ ଅଛି ବ୍ରାଜିଲ, ଚୀନ୍, ଋଷ, ସାଉଥ୍ ଆଫ୍ରିକା ଓ ଭାରତ। ଟ୍ରମ୍ପ ଏହି ଦେଶ ଗୁଡିକ ଉପରେ ୧୦୦% ଟାରିଫ୍ ଲଗାଇବାର ଲକ୍ଷ୍ୟ ରଖିଛନ୍ତି ଯାହାଫଳରେ ଅନ୍ତର୍ଜାତୀୟ ବଜାରରେ ଏହାର ପ୍ରଭାବ ପଡ଼ିଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୨ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୦ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଖୁବ୍ ଶୀଘ୍ର ଭାରତରେ ଆୟୋନିକ ୯ ଇ-ଏସୟୁଭି ଲଞ୍ଚ

ନୂଆଦିଲ୍ଲୀ, ୨୧।୧: ସାଉଥ୍ କୋରିଆ ମେକର କିଆ, ଭାରତୀୟ ବଜାରରେ ନିଜର ନୂଆ ନୂଆ ଗାଡ଼ି ସାମ୍ନାକୁ ଆଣୁଛି। ଭାରତ ମୋବିଲିଟି ୨୦୨୫ ଅଧୀନରେ ଆୟୋଜିତ ଅଟୋ ଏକ୍ସପୋ ୨୦୨୫ ରେ ପ୍ରିମିୟମ୍ ଇ-ଏସୟୁଭି ହୁଣ୍ଡାଇ ଆୟୋନିକ ୯କୁ ସାମ୍ନାକୁ ଆଣିଛି। ଏଥିରେ କେଉଁ ପ୍ରକାରର ଫିଚର୍ସ ଦିଆଯାଇଛି? ଏହା ପାୱାରଫୁଲ ବ୍ୟାଟେରୀ ଏବଂ ରେଞ୍ଜ ମଧ୍ୟ ଅଫର କରିଥାଏ। ଏହା କେବେ ଭାରତରେ ଆନୁଷ୍ଠାନିକ ଭାବରେ ପରିଚିତ ହୋଇପାରିବ ? ଏହି ବିଷୟରେ ଆପଣଙ୍କୁ କହିବୁ। ଏହି ପ୍ରିମିୟମ ଇଲେକ୍ଟ୍ରିକ୍ ଏସୟୁଭି ଭାବରେ ହୁଣ୍ଡାଇ ଆୟୋନିକ ୯କୁ ଅନେକ ଦେଶରେ ସେଲ୍ ପାଇଁ ଉପଲବ୍ଧ କରାଯିବ। ଭାରତରେ ଆୟୋଜିତ ଅଟୋ ଏକ୍ସପୋ ୨୦୨୫ ରେ କମ୍ପାନୀ ଏହାକୁ ପ୍ରଦର୍ଶନ କରିଛି। ଏହି ଇଲେକ୍ଟ୍ରିକ୍ ଏସୟୁଭି ରେ ଅନେକ ପାୱାରଫୁଲ୍ ଫିଚର୍ସ ଅଫର କରାଯାଇଛି। ଏଥିରେ ତିନୋଟି ରୋ ସିଷ୍ଟମ ସହିତ ଏଲଇଡି ସିଗ୍ନେଚର ଲାଇଟସ, ୧୯, ୨୦ ଏବଂ ୨୧ ଇଞ୍ଚ ଆଲଇ ହୁଇଲର ଅପ୍ସନ୍, ପାନାରୋମିକ୍ ସନରୁଫ୍, ସେକେଣ୍ଡ ରୋରେ ପାଇଲଟ୍ ସିଷ୍ଟମ୍, ୬୨୦ ଲିଟରର କ୍ଷମତା ବୁଟ୍ ସ୍ପେସ୍, ୧୦୦ ୱାଟ୍ ହାଇ ଆଉଟପିଟ୍ ୟୁଏସବି ଟାଇପ ସି ପୋର୍ଟ, ୧୨.୩ ଇଞ୍ଚ ଡିଜିଟାଲ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୧୨.୩ ଇଞ୍ଚ ଇନଫୋଟେଣ୍ଟମେଣ୍ଟ ସିଷ୍ଟମ୍, ଆମ୍ବିଏଣ୍ଟ ଲାଇଟ୍ସ, ହୁଣ୍ଡାଇ କାର୍ ପ୍ଲେ, ଡିଜିଟାଲ ସାଇଡ୍ ମିରର, ରେମୋର୍ଟ ସ୍ମାର୍ଟ ପାର୍କିଂ ଆସିଷ୍ଟ-୨, ହାଇୱେ ଡ୍ରାଇଭିଂ ଆସିଷ୍ଟ-୨, ଡୁଆଲ୍ ଟୋନ୍ ଇଣ୍ଟେରିୟର, ଫ୍ଲାସ୍ ଡୋର୍ ହ୍ୟାଣ୍ଡଲ, ଏବିଏସ୍, ଇବିଡି, ଏୟାରବ୍ୟାଗ୍, ଫ୍ରଣ୍ଟ ଏବଂ ରିୟରରେ ପାର୍କିଂ ସେନ୍ସର, ଆଇସୋଫିକ୍ସ ଚାଇଲ୍ଡ ଆଙ୍କେରେଜ୍, ରୁଫ୍ ରେଲ୍, ୩୬୦ ଡିଗ୍ରୀ କ୍ୟାମେରା, ଇଲେକ୍ଟ୍ରିକାଲି ଆଡଜେଷ୍ଟେବଲ୍ ସିଷ୍ଟମ, ମସାଜ୍ ଫଙ୍କସନ୍ ସିଷ୍ଟମ ଭଳି ଫିଚର୍ସ ଦିଆଯାଇଛି। ହୁଣ୍ଡାଇର ଆୟୋନିକ ୯ ପ୍ରିମିୟମ ଇଲେକ୍ଟ୍ରିକ୍ ଏସୟୁଭି ରେ ୧୧୦.୩ କେଡବ୍ଲ୍ୟୁର ପାୱାରଫୁଲ୍ ବ୍ୟାଟେରୀ ଦିଆଯାଇଛି। ଏହାକୁ ଫୁଲ ଚାର୍ଜ କରିବା ପରେ ୬୨୦ କିଲୋମିଟର ପର୍ଯ୍ୟନ୍ତ ଡବ୍ଲ୍ୟୁଏଲଟିପି ରେଞ୍ଜ ମିଳିପାରିବ। ଏସୟୁଭି ର ଫାଷ୍ଟ ଚାର୍ଜରେ ୨୦ ମିନିଟରେ ୧୦ ରୁ ୮୦% ଚାର୍ଜ ହୋଇପାରିବ।

ଭାରତରେ ଚାଲିଥିବା ଅଟୋ ଏକ୍ସପୋ ୨୦୨୫ ରେ କେବଳ ଏହି ଇଲେକ୍ଟ୍ରିକ୍ ଏସୟୁଭି କମ୍ପାନୀ ଦ୍ୱାରା ପରିଚିତ ହୋଇଛି। କିନ୍ତୁ ଏହାର ଲଞ୍ଚ ସମ୍ପର୍କରେ କିଛି ଇନଫରମେସନ୍ ଦିଆଯାଇ ନାହିଁ। ଆଶା କରାଯାଏ ଯେ ୨୦୨୫ ଶେଷ ସୁଦ୍ଧା ହୁଣ୍ଡାଇର ନୂଆ ଇଲେକ୍ଟ୍ରିକ୍ ଏସୟୁଭି କୁ ଭାରତରେ ଲଞ୍ଚ କରାଯାଇପାରିବ। ଲଞ୍ଚ ସମୟରେ ଏହାର ଆଶା କରାଯାଉଥିବା ଏକ୍ସ-ସୋରୁମ୍ ପ୍ରାଇସ୍ ୧.୩୦ କୋଟି ଟଙ୍କା ହୋଇପାରେ।




## ଆଜିଠୁ ଫୁଲ୍ ପଇସା ଅସୁଲ ସେଲ୍

ମୁମ୍ବାଇ,୨୧।୧: ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ଅଫର 'ଫୁଲ୍ ପଇସା ଅସୁଲ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବର୍ତ୍ତମାନର ଏହି ଦରଦାମ ବୃଦ୍ଧି (ମେହେଙ୍ଗାଇକା ମିଟର) ସମୟରେ ଗ୍ରାହକଙ୍କୁ କିଛି ପରିମାଣର ରିହାତି ମିଳିବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟକୁ ଏହି ଅଫର ବିଶେଷ ଭାବେ ସୁଲଭ କରିଥାଏ। ଏହି ଅଫର ୨୦୨୫ ଜାନୁୟାରୀ ୨୨ରୁ ୨୬ ପର୍ଯ୍ୟନ୍ତ ସମସ୍ତ ସ୍ମାର୍ଟ ବଜାରରେ ଉପଲବ୍ଧ ରହିଛି। ଏହି ୫ ଦିନିଆ ସେଲରେ ଗ୍ରାହକ ଆକର୍ଷଣୀୟ ରିହାତି ପାଇପାରିବେ। ରିଲାଏନ୍ସ ସ୍ମାର୍ଟ ବଜାରର ସମସ୍ତ ଷ୍ଟୋରରେ ଗ୍ରାହକ ୫କେଜି ଚାଉଳ ଏବଂ ୩ ଲିଟର ଖାଇବା ତେଲ ମାତ୍ର ୭୯୯ ଟଙ୍କାରେ କ୍ରୟ କରିପାରିବେ।

# ୭୦ ଘଣ୍ଟା କାର୍ଯ୍ୟସପ୍ତାହ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଲେ ନାରାୟଣ ମୂର୍ତ୍ତି

**ନୂଆଦିଲ୍ଲୀ, ୨୧।୧:** ୭୦ ଘଣ୍ଟା କାର୍ଯ୍ୟସପ୍ତାହ ମନ୍ତବ୍ୟକୁ ନେଇ ଇନଫୋସିସ୍ ସହ-ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ବିବାଦ ଭିତରକୁ ପଶି ଆସିଥିବା ବେଳେ ସୋମବାର ସେ ତାହାକୁ ନେଇ ନିଜର ମନ୍ତବ୍ୟ ସଂପର୍କରେ ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ କେହି ଏହାକୁ ଅନ୍ୟମାନଙ୍କ ଉପରେ ବଳପୂର୍ବକ ଲାଗୁ କରିପାରିବେ ନାହିଁ। ଏହା ଏକ ବ୍ୟକ୍ତିଗତ ପସନ୍ଦ। ଗତ ବର୍ଷ ଯୁବ ଭାରତୀୟମାନେ ସପ୍ତାହରେ ୭୦ ଘଣ୍ଟା କାମ କରିବା ଉଚିତ ବୋଲି ମତ ଦେଇ ସୋସିଆଲ ମିଡିଆରେ ଏକ ପ୍ରବଳ ବିତର୍କର ବିଷୟବସ୍ତୁ ସୃଷ୍ଟି କରିଥିଲେ ନାରାୟଣ ମୂର୍ତ୍ତି। ନିକଟରେ ତାଙ୍କର ଏକ ଭାଷଣରେ ସେ ସ୍ପଷ୍ଟୀକରଣ ଦେଇ ଏହା ନିଜସ୍ୱ ପସନ୍ଦ ବୋଲି ସେ କହିଛନ୍ତି। ସେ କହିଛନ୍ତି, "ଏପରି କେହି ନାହାନ୍ତି କି କିଏ କହିପାରିବେ ନାହିଁ ଯେ ତୁମେ ଏହା କରିବା ଉଚିତ କି ତୁମେ ଏହା କରିବା ଉଚିତ୍ ନୁହେଁ।" ସେ ଇନଫୋସିସ୍ ନିର୍ମାଣ ସମୟରେ ତାଙ୍କ କାର୍ଯ୍ୟାଳୟରେ ବିତାଇଥିବା ସମୟ ବିଷୟରେ କହିଥିଲେ। ସେ କହିଛନ୍ତି ଯେ, "ମୁଁ ସକାଳ ୬.୨୦ରେ କାର୍ଯ୍ୟାଳୟକୁ ଯାଉଥିଲି ଏବଂ ରାତି ୮.୩୦ରେ ବାହାରକୁ ଯାଉଥିଲି। ମୁଁ ଏହା ୪୦ ବର୍ଷ ଧରି କରିଆସୁଛି। ଏହା ଏକ ସତ୍ୟ। ତେଣୁ କେହି କହିପାରିବେ ନାହିଁ ଯେ ଏହା ଭୁଲ।" ସେ ଉଲ୍ଲେଖ କରିଛନ୍ତି ଯେ ଏହା ବ୍ୟକ୍ତିଗତ ପସନ୍ଦ, ସାର୍ବଜନୀନ ବିତର୍କ ପାଇଁ ନୁହେଁ।



# ଭାରତରୁ ବ୍ରିଟେନ ୬୪.୮୨ ଲକ୍ଷ କୋଟି ଡଲାର ଲୁଟିଛି: ଅକ୍ସଫାମ୍



**ନୂଆଦିଲ୍ଲୀ, ୨୧।୧:** ବ୍ରିଟିସମାନେ ଭାରତରେ ଶାସନ କରିବା ସମୟରେ ଆମ ଦେଶରୁ ୬୪.୮୨ ଟ୍ରିଲିଅନ ଡଲାର(ବର୍ତ୍ତମାନ ମୂଲ୍ୟରେ ଏହା ପ୍ରାୟ ୫୫୭୪୫୨୦୦୦ କୋଟି ଟଙ୍କା) ସଂପତ୍ତି ନେଇଯାଇଛନ୍ତି। ୧୭୬୫ରୁ ୧୯୦୦ ମସିହା ମଧ୍ୟରେ ଏହି ଅର୍ଥ ସେମାନେ ନେଇଥିବା ଅକ୍ସଫାମ ଇଣ୍ଟରନ୍ୟାସନାଲର 'ଟେକର୍ସ, ନଟ୍ ମେକର୍ସ' ରିପୋର୍ଟରେ କୁହାଯାଇଛି। ଏଥିରୁ ୩୩.୮ ଟ୍ରିଲିଅନ ଡଲାର ବ୍ରିଟେନର ୧୦% ଧନୀ ଲୋକମାନେ ନେଇଛନ୍ତି। ଡାଭୋସଠାରେ ବିଶ୍ୱ ଅର୍ଥନୈତିକ ଫୋରମ ବୈଠକରେ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି। ଆର୍ଥିକ ବ୍ୟବସ୍ଥା ଏବଂ ଆର୍ଥିକ ବୈଷମ୍ୟ ଉପରେ ଉପନିବେଶବାଦର ପ୍ରଭାବ ସଂପର୍କରେ ଏଥିରେ ଉଲ୍ଲେଖ ରହିଛି। କେବଳ ୧୦% ଧନୀ ନୁହନ୍ତି, ଉପରକୁ ଉଠୁଥିବା ବ୍ରିଟେନର ବ୍ୟକ୍ତିମାନେ ମଧ୍ୟ ଏହି ସଂପତ୍ତିର ୩୨% ହାତେଇଛନ୍ତି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ୧୭୫୦ରୁ ୧୯୦୦ ମସିହା ମଧ୍ୟରେ ବିଶ୍ୱ ଶିଳ୍ପ ଉତ୍ପାଦନରେ ଭାରତର

# ଟ୍ରମ୍ପ ନୀତିକୁ ନେଇ ଆଶଙ୍କାରେ ବିଶ୍ୱ: ଜିତିବା ପରେ ଟଙ୍କା ଦୁର୍ବଳ

**ନୂଆଦିଲ୍ଲୀ,୨୧।୧:** ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଦ୍ୱିତୀୟ ଥର ଦାୟିତ୍ୱ ଗ୍ରହଣ କରିବା ପରେ ଟ୍ରମ୍ପ କିଭଳି ନୀତି ଘୋଷଣା କରିବେ ଏବେ ତାହା ଉପରେ ସମସ୍ତଙ୍କ ନଜର। କେଉଁ ଦେଶ ଗୁଡିକ ଉପରେ ଟାରିଫ ବଢ଼ିବ ସେ ନେଇ ଏବେ କିଛି ସ୍ପଷ୍ଟ ସୂଚନା ମିଳିନି। ଟ୍ରମ୍ପ ନୀତିକୁ ନେଇ ବିଶ୍ୱ ଆଶଙ୍କାରେ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ତାଙ୍କର ଉଦ୍ୟମ କିଭଳି ରହୁଛି ତାହା ମଧ୍ୟ ବର୍ତ୍ତମାନ ବିଶ୍ୱ ବଜାର ଲାଗି ବେଶ ଗୁରୁତ୍ୱବହନ କରୁଛି। ଦେଶର ବିଶିଷ୍ଟ ଉଦ୍ୟୋଗପତି ତଥା ଆଦିତ୍ୟ ବିରଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ଟ୍ରମ୍ପ ଫ୍ୟାକ୍ଟରକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ୨୦୨୫ରେ ଟ୍ରମ୍ପଙ୍କ ଉଦ୍ୟମ ବିଶ୍ୱ ସ୍ତରରେ ଭୂରାଜନୈତିକ ଏବଂ ବିଶ୍ୱ ଅର୍ଥନୀତିକୁ ନୂଆ ଆକାର ଦେବ ବୋଲି କହିଛନ୍ତି। ଏପଟେ ବିଶେଷଜ୍ଞ କହିଛନ୍ତି, ଟ୍ରମ୍ପ କ୍ଷମତାକୁ ଫେରିବା ପରେ ଟଙ୍କା ଉପରେ ସବୁଠାରୁ ବଡ ପ୍ରଭାବ ପଡିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇଛି।

ତେବେ ବିଶେଷଜ୍ଞ କହିଛନ୍ତି ଯେ, ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଲାଗି ଭାରତ ପ୍ରସ୍ତୁତ ରହିଛି। ଏବେ ଦେଶ ନିଜ ନୀତି ଉପରେ କାମ କରୁଛି। ଏକ ଆଲେଖ୍ୟରେ ବିର୍ଲା ଯୁକ୍ତରାଷ୍ଟ୍ର ଆମେରିକାର ଦୀର୍ଘସ୍ଥାୟୀ ମହତ୍ୱ ଉପରେ ଜୋର ଦେଇଛନ୍ତି। ଭାରତ ବାହାରେ ଏହାକୁ ସବୁଠାରୁ ବଡ ବଜାର ବୋଲି ସେ କହିଛନ୍ତି। ବିର୍ଲା ଗ୍ରୁପ ଆମେରିକାରେ ୧୫ ବିଲିୟନ ଡଲାର ନିବେଶ କରିଛି। କେବଳ ନୂଆ ପ୍ରକଳ୍ପ ଗୁଡିକରେ କମ୍ପାନି ୪ ବିଲିୟନ ଡଲାର ଖର୍ଚ୍ଚ ଯୋଜନା ରଖିଛି। ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଦୃଢ଼ୀକରଣ ଦିଗରେ ଟ୍ରମ୍ପ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବେ ବୋଲି କହିଛନ୍ତି ଶ୍ରୀ ବିର୍ଲା। ଆମେରିକା ଅର୍ଥନୀତି ଆଗାମୀ ଦିନରେ ମଧ୍ୟ ଉନ୍ନତ ସ୍ଥିତିରେ ରହିବ। ସେହିଭଳି ଭାରତ ଏକ ଅଭିବୃଦ୍ଧିଶୀଳ ମହାଶକ୍ତି ଭାବେ ଉଭା ହେଉଥିବା ସେ କହିଛନ୍ତି। ବିଶ୍ୱର ଏକ ଚତୁର୍ଥାଂଶ ଆଇଫୋନ ଶୀଘ୍ର ନିର୍ମାଣ କରିବ। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ରିସର୍ଚ୍ଚ ମୁତାବକ, ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁ ଟଙ୍କା ଉପରେ



ପଡିଥିବା ପ୍ରଭାବ ସ୍ୱଳ୍ପ ସମୟ ଲାଗି ରହିପାରେ। ଯଦି ଏଭଳି କୌଣସି ବିଶେଷ ଘଟଣା ଘଟେ ତେବେ ଏହାର ପ୍ରଭାବ ଟଙ୍କା ଉପରେ ରହିଥାଏ। ଆଗାମୀ ଦିନ ଗୁଡିକରେ ଟଙ୍କା ପୁଣି ଥରେ ଟ୍ରାକକୁ ଫେରିବ। ସେହିଭଳି ଗ୍ଲୋବାଲ ଟ୍ରେଡ ଇନିସିଏଟିଭ ଏକ ରିପୋର୍ଟ ଜାରି କରି କହିଛି ଯେ, ଟଙ୍କା ଦୁର୍ବଳ ହେବା ଯୋଗୁ ଆମଦାନି ବିଲ୍ ବଢ଼ିବ। ଏଥିଯୋଗୁ ଅଶୋଧିତ ତେଲ, କୋଇଲା, ଇଲେକଟ୍ରୋନିକ୍ସ, ମେଶିନାରୀ, ପ୍ଲାଷ୍ଟିକ ଏବଂ କେମିକାଲ୍ସ ଏବଂ ଖାଇବା ତେଲ ଭଳି ସାମଗ୍ରୀ ଲାଗି ଭାରତକୁ ଅଧିକ ଖର୍ଚ୍ଚ କରିବାକୁ ପଡିବ। ସେହିଭଳି ଆମଦାନି ଉପରେ ନିର୍ଭର କରୁଥିବା ଶିଳ୍ପ ଗୁଡିକର ଖର୍ଚ୍ଚ ମଧ୍ୟ ବଢ଼ିଯିବ। ବଜାର ବିଶେଷଜ୍ଞ ନିମିଶ ଶାହା କହିଛନ୍ତି, ଟଙ୍କା ଦୁର୍ବଳ ହେବା ଯୋଗୁ ରପ୍ତାନି କରୁଥିବା କମ୍ପାନି ଗୁଡିକ ଉପରେ ଏହାର ଭଲ ପ୍ରଭାବ ପଡିବ। ଏହି କମ୍ପାନିଗୁଡିକ ଡଲାରରେ ଆୟ କରୁଥିବାରୁ ଲାଭବାନ ହେବେ। ସରକାର ଗତ କିଛି ବର୍ଷ ହେବ ଆମଦାନି କମ୍ କରିବା ଲାଗି ଉଦ୍ୟମ ଜାରି କରିଛନ୍ତି। ତେବେ ଟଙ୍କା ଦୁର୍ବଳ ହେବା ଯୋଗୁ ଆମଦାନି ବିଲ୍ ଉପରେ କିଭଳି ପ୍ରଭାବ ରହୁଛି ସେ ନେଇ ମଧ୍ୟ ଘରୋଇ ବଜାର ଚିନ୍ତିତ ରହିଛି। କାରଣ ମୁଦ୍ରାସ୍ଫୀତି ଚାପ ଏଥିଯୋଗୁ ବଢ଼ିବାର ଢେର ସମ୍ଭାବନା ରହିଛି। ପିଏଲ୍ କ୍ୟାପିଟାଲର ଆଡଭାଇଜର ବିକ୍ରମ ଫାସଟ କହିଛନ୍ତି, ଇସ୍ପାତ ଭଳି କ୍ଷେତ୍ରରେ ଆମେରିକାକୁ ହେଉଥିବା ରପ୍ତାନି ଉପରେ ଟାରିଫ ବୃଦ୍ଧି ହୋଇପାରେ। ଏବେ ଚୀନ ପ୍ଲସ ନୀତି ଉପରେ ଆମେରିକାର ଧ୍ୟାନ ରହିଛି। ଆମେରିକା କମ୍ପାନିଗୁଡିକ ଭାରତୀୟ କମ୍ପାନି ଗୁଡିକ ଦ୍ୱାରା ସେମାନଙ୍କ ଚାହିଦା ପୂରଣ କରିପାରନ୍ତି। ତେବେ ଏହା ସେତେବେଳେ ସମ୍ଭବ ହେବ ଯେବେ ଟ୍ରମ୍ପ ଚୀନ ଉପରେ ଅଧିକ ଟିକସ ଲଗାଇବେ।

ରିପୋର୍ଟ ମୁତାବକ, ଭାରତ ଆମେରିକାର ସବୁଠାରୁ ବଡ ବାଣିଜ୍ୟିକ ସହଯୋଗୀ। ୨ ଦେଶ ମଧ୍ୟରେ ଦ୍ୱିପାକ୍ଷୀକ କାରବାର ୧୯୦ ବିଲିୟନ ଡଲାର ସ୍ତରରେ ରହିଛି। ଆର୍ଥିକ ବର୍ଷ ୨୦୧୯-୨୦ରୁ ୨୦୨୩-୨୪ ଯାଏ ଆମେରିକାକୁ ଭାରତର ରପ୍ତାନି ୪୬% ବୃଦ୍ଧି ହୋଇ ୭୭.୫ ବିଲିୟନ ଡଲାର ଛୁଇଁଛି। ଆମେରିକାରୁ ଆମଦାନି

## ବିଶ୍ୱସ୍ତରୀୟ ଇଭି ଉତ୍କର୍ଷ କେନ୍ଦ୍ର ହେବ ଭାରତ

ନୂଆଦିଲ୍ଲୀ,୨୧।୧: ବର୍ତ୍ତମାନର ପରିବେଶ ଓ ବଜାର ଚାହିଦାକୁ ଆଖିଆଗରେ ରଖି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍(ଏମ୍‌ଏସ୍‌ଆଇଏଲ) ମଧ ଇଲେକ୍‌ଟ୍ରିକ୍ ଭେଇକଲ ବା ଇଭି ଉତ୍ପାଦନରେ ମନୋନିବେଶ କରିଛି। ଏପରିକି ଭାରତକୁ ଇଭି ଉତ୍ପାଦନର ଏକ ବିଶ୍ୱସ୍ତରୀୟ ହବ୍ ବା ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ପାଇଁ ବ୍ରାଣ୍ଡ ପ୍ରୟାସ ଆରମ୍ଭ କରିଛି ବୋଲି ଏମ୍‌ଏସ୍‌ଆଇଏଲର ଏସ୍‌ଇଓ (ବିକ୍ରି ଏବଂ ବିପଣନ) ପାର୍ଥୋ ବାନାର୍ଜୀ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଏମ୍‌ଏସ୍‌ଆଇଏଲର ପ୍ରଥମ ବ୍ୟାଟେରି ଇଲେକ୍‌ଟ୍ରିକ୍ ଭେଇକଲ ବା ବି-ଇଭି ଏସ୍‌ୟୁଭି 'ଇ ଭିଟାରା'ର ଅନାବରଣ ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ-୨୦୨୫ରେ ହୋଇଯାଇଛି। ଏଥିରେ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ବ୍ୟାପକ ପ୍ରିମିୟମ ସୁବିଧା ଏବଂ 'ଇ ଫର୍ ମି' ଇକୋ ସଲ୍ୟୁଶନ୍ସର ଫିଚର ଏହି ଯାନର ଚାହିଦା ଓ ଡିଜାଇନ୍‌କୁ ଆକର୍ଷିତ କରାଇଛି। ସେହିଭଳି ଅଲ ନ୍ୟୁ ହାର୍ଟଟେକ୍ଟ-ଇ ପ୍ଲାଟ୍‌ଫର୍ମରେ ନିର୍ମିତ ଏହି ମଡେଲ (ଇ ଭିଟାରା)କୁ ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ଉତ୍କୃଷ୍ଟ ପରିସୀମା ପ୍ରଦାନ କରିଥାଏ, ଯେଉଁଥିରେ ଅତୁଳନୀୟ ଆରାମ ଏବଂ ସୁରକ୍ଷା ସୁବିଧା ଅନ୍ତର୍ଭୁକ୍ତ ରହିଛି। ଏପରିକି ନିରାପତ୍ତା ଓ ଜ୍ଞାନକୌଶଳ ଦୃଷ୍ଟିରୁ ଏଥିରେ ୭ଟି ଏୟାର ବ୍ୟାଗ୍ ଏବଂ ୨ସ୍ତରୀୟ ଏଡିଏଏସ୍ (ଆଡ୍‌ଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ) ସାମିଲ ରହିଛି। ସେହିପରି ଦେଶବ୍ୟାପୀ ନେକ୍ସା ଡିଲରଶିପ୍ ମାଧ୍ୟମରେ ଏହି ମଡେଲକୁ ପର୍ଯ୍ୟାୟକ୍ରମେ ରୋଲ୍‌ଆଉଟ ସହ ପ୍ରଦର୍ଶିତ କରାଯିବ। ଏପରିକି ବ୍ରାଣ୍ଡର ସମର୍ପଣ ଭାବକୁ ଦୋହରାଇ ଇ ଭିଟାରା ଜାପାନ ଏବଂ ୟୁରୋପ ଭଳି ବଜାର ସମେତ ୧୦୦ରୁ ଅଧିକ ଦେଶକୁ ମଧ ରପ୍ତାନି କରାଯିବ ବୋଲି ବାନାର୍ଜୀ ପ୍ରକାଶ କରିଛନ୍ତି।

## ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଗଣଧାରଣା ସ୍ଥଗିତ



ଖପ୍ରାଖୋଲ,୨୧।୧ (ସଂଚାର ବ୍ୟୁରୋ) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦିର୍ଘ ୫୭ ଦିନ ଅହୋରାତ୍ର ଅହୋ ଦିବସ ଧରି ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଗଣଧାରଣାରେ ବସିଥିଲେ। ଗତକାଲି ସୋମବାର ଦିନ ମୁଖ୍ୟ ପରାମର୍ଶଦାତା ଓ କୋର କମିଟିର ଅନୁମୋଦନ କ୍ରମେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିଥିବା ଗଣ ଧାରଣାକୁ ସାମୁହିକ ଭାବରେ ସ୍ଥଗିତ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା । ଆଗାମୀ ଦିନରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଗନ୍ଧମାର୍ଦ୍ଦନ ପାହାଡ଼ ତଥା ପ୍ରାକୃତିକ ପରିବେଶରେ ଖଣିଖୋଲାର କୌଣସି ନିଷ୍ପତ୍ତି ନେଲେ ଘୋର ଆନ୍ଦୋଳନ କରାଯିବ ଆଉ ପରିସ୍ଥିତି ଭୟାଭୟ ହେବ ବୋଲି ଲିଖିତ ଆକାରରେ ଖପ୍ରାଖୋଲ ତହସିଲଦାରଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସଭ୍ୟମାନେ ଜଣାଇଛନ୍ତି । ଏ ନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାରଙ୍କୁ ଖପ୍ରାଖୋଲ ବିଡିଓଙ୍କୁ ଦାବୀପତ୍ର ଦେଇ ଧାରଣା ସ୍ଥଗିତ ରଖିଥିବା ଜଣାପଡ଼ିଛି ।

### ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦରକୁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ

# ମରିବୁ ପଛେ ଭିଟାମାଟି ଛାଡ଼ିବୁନି

କାକଟପୁର/ଅସ୍ତରଙ୍ଗ,୨୧।୧ (ସଂଚାର ବ୍ୟୁରୋ) : ପୁରୀ ଜିଲ୍ଲା ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦରକୁ ନେଇ ବିରୋଧ ସ୍ୱର ତୀବ୍ର ହେବାରେ ଲାଗିଛି। ପ୍ରସ୍ତାବିତ ବନ୍ଦରକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏଠାରେ ବନ୍ଦର ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକେ ଭିଟାମାଟି ହରାଇବେ ଏବଂ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ମରିବୁ ପଛେ ନିଜ ଭିଟାମାଟି ଛାଡ଼ିବୁ ନାହିଁ କି ଏଠାରେ କୌଣସି ପରିସ୍ଥିତିରେ ବନ୍ଦର ପ୍ରତିଷ୍ଠା ହେବାକୁ ଦେବୁ ନାହିଁ ବୋଲି ରୋକଠୋକ ଶୁଣାଇଛନ୍ତି ଅଞ୍ଚଳବାସୀ। ପୂର୍ବରୁ ସେପ୍ଟେମ୍ବର ୧୩ରେ ଜନଶୁଣାଣି ହୋଇଥିବା ବେଳେ ମଙ୍ଗଳବାର ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ପୀରଜାହାନିଆ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ବନ୍ଦର ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। କିନ୍ତୁ ସ୍ଥାନୀୟ ଅଞ୍ଚଳବାସୀ ତଥା ବିସ୍ଥାପିତ ଅଞ୍ଚଳର ଶତାଧିକ ପୁରୁଷ, ମହିଳା ସମେତ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ବନ୍ଦରକୁ ବିରୋଧ କରି କଣମଣ ଛକ ଠାରୁ ପୀରଜାହାନିଆ ପର୍ଯ୍ୟନ୍ତ ପ୍ଲାକ କାର୍ଡ ଧରି ବିଶାଳ ପଦଯାତ୍ରା ମାଧ୍ୟମରେ ରାଲି କରି ସଭାସ୍ଥଳରେ ପହଂଚିଥିଲେ।

ସୂଚନା ମୁତାବକ, ଅସ୍ତରଙ୍ଗ ଠାରେ ମଲ୍ଟି ୟୁଜର ଗ୍ରୀନଫିଲ୍ଡ ବନ୍ଦର ସ୍ଥାପନ ନିମନ୍ତେ ଓଡିଶା ସରକାର ଏବଂ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଲିଜ ସୂତ୍ରରେ ମୋଟ ୩୮୯୯. ୯୮୭ଏକର ଜମିରେ ବନ୍ଦର ସ୍ଥାପନ କରାଯିବ। ସମୁଦାୟ ପ୍ରକଳ୍ପର ମୂଲ୍ୟ ୭୪୧୭କୋଟି ରହିଛି। ଏ ନେଇ ମଙ୍ଗଳବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପୀରଜାହାନିଆ ପଡିଆରେ ପ୍ରଶାସନ ପକ୍ଷରୁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ଶରତ ଚନ୍ଦ୍ର ମହାପାତ୍ର, ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡଃ ସୋହନ ଗିରି, ଉପନିର୍ଦ୍ଦେଶକ ସୌମେନ୍ଦ୍ରନାଥ ମହାନ୍ତି, ସହାୟକ ପରିବେଶ ବୈଜ୍ଞାନିକ ସୋମ୍ୟରଞ୍ଜନ ମଲ୍ଲିକ, ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ କୈବଲ୍ୟ କୁମାର କର, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ଅତିରିକ୍ତ ଏସ୍ପି ବିଷ୍ଣୁପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ଜନ ଶୁଣାଣିରେ ପାଖାପାଖି ୩୦ଜଣ ବ୍ୟକ୍ତି ବିଶେଷ ନିଜର ମତ ସାବ୍ୟସ୍ତ କରିଥିଲେ। । ଏହି ଜନଶୁଣାଣି ଦିନ ୧୧ରୁ ଆରମ୍ଭ ହୋଇଥିବା ବେଳେ ବିସ୍ଥାପିତଙ୍କ ଦ୍ୱାରା ତୀବ୍ର ବିରୋଧ କରାଯାଇଥିଲା। ଏଥିରେ ୧୨ଟି ଗ୍ରାମର ଅଧିବାସୀ ତଥା ବିସ୍ଥାପିତ ହେବାକୁ ଥିବା ଲୋକେ ଏକତ୍ର ହୋଇ ବନ୍ଦର ବିରୋଧରେ ମତ ରଖିଥିଲେ। ଏଥିସହ ସ୍ଥାନୀୟ ଲୋକେ ନିଜ ପରିବାର ପ୍ରତିପୋଷଣ ପାଇଁ ଧାନ, ପାନ ଓ ମୀନ ଉପରେ ନିର୍ଭର କରି ଚଳନ୍ତି। ଏଠାରେ ବନ୍ଦର ହେଲେ ଭିଟାମାଟି ହରାଇବୁ। ତେଣୁ ଜୀବନ ପଛେ ଚାଲିଯିବ କିନ୍ତୁ ନିଜ ଭିଟାମାଟି ଛାଡ଼ିବୁ ନାହିଁ। ଏଥିଲାଗି ଜୀବନ ଶେଷ ରକ୍ତ ବିନ୍ଦୁ ଥିବା ଯାଏ ଲଢ଼ିବୁ ସେମାନେ କହିଥିଲେ।








## ବର୍ଦ୍ଧିତ ଭତ୍ତା ବାଣ୍ଟିଲେ ବିଧାୟକ ଓ ସାଂସଦ

ଡେଲାଙ୍ଗ, ୨୧।୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ସ୍ଥିତ ବିଜୁପଟ୍ଟନାୟକ ସମ୍ମିଳନୀ କକ୍ଷରେ ସୋମବାର ଦିନ ବର୍ଦ୍ଧିତ ଭତ୍ତା ୮୦ ବର୍ଷରୁ ଅଧିକ ବୟସ୍କ ଓ ୮୦ ପ୍ରତିଶତ ରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବାଣ୍ଟିଛନ୍ତି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ସାଂସଦ ଡ଼କ୍ଟର ସମ୍ବିତ୍ ପାତ୍ର। ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି ପ୍ରତିଶ୍ରୁତି ଦେଇଥିଲା ଆମ ସରକାରକୁ ଆସିବା ମାତ୍ରକେ ୩ହଜାର ୫୦୦ ଟଙ୍କା ସାମାଜିକ ଭତ୍ତା ଟଙ୍କା ବୃଦ୍ଧି କରାଯିବ। ଏବେ ସରକାରକୁ ଆସିବାପରେ ଆଜି ସାମାଜିକ ସୁରକ୍ଷା ଯୋଜନାରେ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ଆଜି ଡେଲାଙ୍ଗ ବ୍ଲକ୍ ରେ ୨୧ଟି ପଞ୍ଚାୟତର ସମୁଦାୟ ୨ହଜାର ୪ସହ ୪ ଜଣଙ୍କ ମଧ୍ୟରୁ ୨ସହ ୧୦ ଜଣଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଷା ନିସଙ୍କ, ବିଡ଼ିଓ କ୍ଷିତିଶ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ ସମେତ ଡେଲାଙ୍ଗ ବ୍ଲକ୍ ର ବିଭିନ୍ନ ଗ୍ରାମ ପଞ୍ଚାୟତ ର ସରପଞ୍ଚ, ସମିତିସଭ୍ୟ /ସଭ୍ୟା,ପିଇଓ ,ଜିଆରଏସ୍ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ସେହିପରି ବକେୟା ରହିଥିବା ହିତାଧିକାରୀ ମାନେ ନିଜ ନିଜ ଗ୍ରାମ ପଞ୍ଚାୟତ ରୁ ବାର୍ଦ୍ଧକ୍ୟ ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ନେଇପାରିବେ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତପନ କୁମାର ଦାଶ ସୂଚନା ଦେଇଛନ୍ତି । ପୂର୍ବରୁ ୧୨୦୦ ଟଙ୍କା ପାଉଥିବା ବେଳେ ଏବେ ୩୫୦୦ ଟଙ୍କା ୮୦ ବର୍ଷରୁ ଅଧିକ ବୟସ୍କ ହିତାଧିକାରୀ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ହିତାଧିକାରୀ ଭତା ଟଙ୍କା ପାଇ ଖୁସି ଅନୁଭବ କରିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ତିନି ଜଣ ଦିବ୍ୟାଙ୍ଗ ପ୍ରଦୀପ୍ତ କୁମାର ବାରିକ, ଲଲାଟ କିଶୋର ସ୍ୱାଇଁ, ସନ୍ତୋଷ ସ୍ୱାଇଁଙ୍କୁ ୩ଟି ଇ -ଅଟୋ ପ୍ରଦାନ କରିଥିଲେ। ଶେଷରେ ବ୍ଲକ ଉପାଧ୍ୟକ୍ଷ ଦୁର୍ବାସା ନିଷଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ମାନ୍ୟତା ପ୍ରଦାନ ଦାବିରେ ପଦଯାତ୍ରା

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର
- ଏକାଠି ହେଲେ ୧୧ ପଞ୍ଚାୟତର ଲୋକେ




କଳାହାଣ୍ଡି,୨୧।୧ (ସଂଚାର ବ୍ୟୁରୋ) : କଳାହାଣ୍ଡି ଜିଲ୍ଲାର ଦଣ୍ଡପାଟ ଅଞ୍ଚଳ ବେହେରାକୁ ସ୍ୱତନ୍ତ୍ର ଦଣ୍ଡପାଟ ବ୍ଲକ ଘୋଷଣା ଦାବିରେ ମଙ୍ଗଳବାର ଦିନ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ୧୧ଟି ପଞ୍ଚାୟତବାସୀ ଧର୍ମଗଡ଼ ଉପଜିଲ୍ଲାପାଳ ମାଧ୍ୟମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଦେଇଛନ୍ତି। ଗୋଡଭଞ୍ଜା ଗୋଲେଇ ଛକରୁ ଧର୍ମଗଡ଼ ସହର ଯାଏଁ ଏକ ବିରାଟ ରାଲି ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। କ୍ରିୟାନୁଷ୍ଠାନ କମିଟି ଉପଜିଲ୍ଲାପାଳ ଧୀମାନ ଚକମାଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ।

ଏହି ଦାବୀପତ୍ର ପ୍ରଦାନ ବେଳେ ୧୧ଟି ପଞ୍ଚାୟତ ତଥା ଦଣ୍ଡପାଟ ଅନ୍ତର୍ଗତ କୋକସରା ବ୍ଲକ ଅଧୀନ-ଗୋତମୁଣ୍ଡା, ପୋଡ଼ାଗୁଡା, ଡାଲଗୁମା, ମୁଷାପାଲି, ଡହଗାଁ, ଖୁଣ୍ଟିଆ ଥିବାବେଳେ ଧର୍ମଗଡ଼ବ୍ଲକ ଅନ୍ତର୍ଗତ ବେହେରା, ଟେଣ୍ଟାପାଲି, ଜୟନ୍ତପୁର, ଛଞ୍ଚାଣବାହେଲି, ଧର୍ମାଁରପୁର ଆଦି ରହିଅଛି। ଏହି ପଦଯାତ୍ରାରେ ବହୁ ସଂଖ୍ୟାରେ ମହିଳାମାନେ ମଧ୍ୟ ସାମିଲ ହୋଇଥିବା ଦେଖା ଯାଇଥିଲା। ଭୌଗଳିକ ଦୃଷ୍ଟିକୋଣରୁ ବେହେରା ଗ୍ରାମ ଅଞ୍ଚଳର ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବା ବେଳେ ଏଠାରେ ବ୍ଲକ ଗଠନ ନିମିତ୍ତ ସବୁ ପ୍ରକାର ଭିତ୍ତିଭୂମି ରହିଛି। ଏହି ଗ୍ରାମକୁ ଅଞ୍ଚଳର ବ୍ୟବସାୟିକ ପେଣ୍ଠ ସ୍ଥଳୀ ମଧ୍ୟ କୁହାଯାଏ। ୧୧ ଗୋଟି ପଞ୍ଚାୟତ ବ୍ୟତୀତ ପଡୋଶୀ ଜିଲ୍ଲା ନବରଙ୍ଗପୁରର ଝରିଗାଁ ବ୍ଲକର ଅର୍ଦ୍ଧାଧିକ ଗ୍ରାମ ତଥା ପଡୋଶୀ ରାଜ୍ୟ ଛତିଶଗଡର ସୀମାବର୍ତ୍ତୀ ଅଞ୍ଚଳର ହଜାର ହଜାର ଲୋକ ସବୁକ୍ଷେତ୍ରରେ ବେହେରା ଉପରେ ପ୍ରାୟ ନିର୍ଭର କରିଥାନ୍ତି। ଏଠାରେ ଥିବା ସ୍କୁଲ କଲେଜ, ଡାକ୍ତରଖାନା,ଫରେଷ୍ଟ ଅଫିସ, ଆର ଆଇ ଅଫିସ,ପେଟ୍ରୋଲ ଟ୍ୟାଙ୍କ, ଗ୍ୟାସ ପଏଣ୍ଟ ଇତ୍ୟାଦି ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି । ମୂଳ ଧର୍ମଗଡ ବ୍ଲକ ଏହି ଅଞ୍ଚଳ ଠାରୁ ୨୦ ରୁ ୨୫ କିମି ଦୂରତା ଥିବା ହେତୁ ଲୋକଙ୍କ ଆବଶ୍ୟକତା ବେହେରା ପୂରଣ କରିଥାଏ। ସେ ଦୃଷ୍ଟିରୁ ବେହେରା ଲୋକଙ୍କ ମନରେ ଅଘୋଷିତ ବ୍ଲକ ହୋଇ ରହି ଯାଇଛି। ଏଣୁ ବେହେରାକୁ ଦଣ୍ଡପାଟ ବ୍ଲକ ଘୋଷଣା କରାଯିବାକୁ ୧୧ଗୋଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ସମେତ ବୁଦ୍ଧିଜୀବୀ ଓ ସାଧାରଣଲୋକ ଏକାଠି ହୋଇଛନ୍ତି।

## ବିନା ସୂଚନା ଫଳକରେ ଚାଲିଛି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସ୍ୱାସ୍ଥ୍ୟକେନ୍ଦ୍ର କାମ

କଳିଙ୍ଗନଗର,୨୧।୧ (ସଂଚାର ବ୍ୟୁରୋ) : ସରକାରୀ କାମ ଗୁଡିକୁ ଯାଜପୁର ଜିଲ୍ଲା ଦାନଗଦି ବ୍ଲକରେ ଅଧିକାଂଶ ଠିକାଦାର ବିନା ସୂଚନା ଫଳକରେ ଓ ନିମ୍ନ ମାନର କରିବାର ଏବେ ବହୁତ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଦେଖିବାକୁ ମିଳୁଛି, ଏପରି ଏକ କାମ ଦାନଗଦି ବ୍ଲକ ଅନ୍ତର୍ଗତ ରଣାଗୁଣ୍ଡି ପଞ୍ଚାୟତର ବାରଖାଇ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ହେଉଥିବା ଦେଖିବାକୁ ମିଳିଛି, ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମାଣାଧୀନ ନୂଆ ସ୍ୱାସ୍ଥ୍ୟ କେନ୍ଦ୍ର କୋଠାଘରରେ କିଛି ସୂଚନା ଫଳକ ଲଗାଯାଇନାହିଁ, ଫିଲିଙ୍ଗରେ ତଳେ ମାଟି ଦେଇ ଉପରେ ଅଳ୍ପ ବାଲି ଦେଇ ନିମ୍ନ ମାନର କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି, ଏହି ବିଲଡିଙ୍ଗ କାମରେ ନିମ୍ନ ମାନର ସିମେଣ୍ଟ ଓ ଚିପ୍ସ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି, ତେଣୁ ଏକ କୋଟିରୁ ଉର୍ଦ୍ଧ ଟଙ୍କା ର କାମ ହାତେଇ ଥିବା ଠିକାଦାର ପଲ୍ଲୀ ଅଞ୍ଚଳ ହୋଇଥିବାରୁ ମନମୁଖୀ କାମ କରୁଥିବା ଅଭିଯୋଗ ଗ୍ରାମବାସୀ କରିଛନ୍ତି, ସେହିପରି ଜିଲ୍ଲା ଖଣିଜ ପାଣ୍ଠିରୁ ବ୍ଲକରେ ଥିବା ବିଭିନ୍ନ ପଞ୍ଚାୟତରେ ନିର୍ମାଣ ଚାଲୁଥିବା ସମସ୍ତ ବିଦ୍ୟାଳୟ ଗୃହ କାମ ଗୁଡିକ ନିମ୍ନ ମାନର ହେଉଥିବା ବହୁତ ପଞ୍ଚାୟତରୁ ଅଭିଯୋଗ ହେଉଛି, ଯେପରିକି ଗତ କିଛି ମାସ ପୂର୍ବରୁ ନୟା ବଗପାଟିଆ ବିଦ୍ୟାଳୟରେ ୧୦ ଲକ୍ଷ ଟଙ୍କାର କାମ ନିମ୍ନ ମାନର ହୋଉଥିବା ଯୋଗୁଁ ଜଣେ ଛାତ୍ରର ମୃତ୍ୟୁ ହୋଇଯାଇଛି,ଦାନଗଦି ବ୍ଲକରେ ହେଉଥିବା କାମ ଗୁଡିକ ନିମ୍ନ ମାନର ହେଉଛି କାରଣ ପ୍ରଶାସନିକ ଅଫିସର ଓ ଠିକାଦାର ସିଂହ ଭାଗ ଟଙ୍କା ଖାଇ ନିମ୍ନ ମାନର କାମ କରୁଛନ୍ତି ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

### ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପୋଷ୍ଟର ଲାଗିବା ଘଟଣା

## ଦୃଢ଼ ନିନ୍ଦାକଲା ବ୍ରହ୍ମପୁର ପ୍ରେସ୍ କ୍ଲବ୍



ବ୍ରହ୍ମପୁର,୨୧।୧ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟରେ ସାମ୍ବାଦିକଙ୍କୁ ପ୍ରବେଶ ନିଷେଧ ନେଇ ଏକ ପୋଷ୍ଟର ସୋମବାର କାର୍ଯ୍ୟାଳୟରେ ବିଭିନ୍ନ ସ୍ଥାନରେ ଲଗାଯାଇଥିଲା। ଯାହାକୁ ନେଇ ସାମ୍ବାଦିକ ମହଲରେ ଉଦବେଗ ପ୍ରକାଶ ପାଇଛି। ସାନଖେମୁଣ୍ଡି ବିଡ଼ିଓଙ୍କ ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଛି ବ୍ରହ୍ମପୁର ପ୍ରେସ କ୍ଲବ । ଆଜି କ୍ଲବ ପକ୍ଷରୁ ସମସ୍ତ ବ୍ରହ୍ମପୁର ସାମ୍ବାଦିକ ଏକତ୍ରିତ ହୋଇ ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତୁରନ୍ତ ଉକ୍ତ ପୋଷ୍ଟରକୁ ସାନଖେମୁଣ୍ଡି ବ୍ଲକ ପରିସରରୁ ହଟାଇବାକୁ ଦାବି କରି ଏକ ଦାବି ପତ୍ର ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ବ୍ଲକ କାର୍ଯ୍ୟାଳୟରେ ଲୋକେ କିଭଳି ସୁବିଧା ପାଉଛନ୍ତି ଓ କଣ ସବୁ ଅସୁବିଧା ରହୁଛି ଏବଂ ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତିକୁ ଲୋକଙ୍କ ସାମ୍ନାକୁ ଆଣିବା ନିମନ୍ତେ ଗଣମାଧ୍ୟମ କାମ କରୁଥିବା ବେଳେ ବିଡ଼ିଓ ନିଜର ଦୋଷ ଲୁଚାଇବାକୁ ଏଭଳି ପୋଷ୍ଟର ମାରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ସାମ୍ବାଦିକ ମାନେ । ତୁରନ୍ତ ପୋଷ୍ଟର ହଟାଇ ସାମ୍ବାଦିକଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସାମ୍ବାଦିକ ମାନେ ଦାବି କରିଛନ୍ତି । ସାମ୍ବାଦିକ ମାନଙ୍କ ଅଭିଯୋଗ ପରେ କାର୍ଯ୍ୟାଳୟ ପରିସରରୁ ପୋଷ୍ଟର ବାହାର କରାଯାଇଥିବା ବେଳେ ଏ ସମ୍ପର୍କରେ ବିଡିଓ ଜାଣିନଥିବା ଏକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ସବୁ ଜାଣି ବିଡିଓ ନ ଜାଣିବାର ଅଭିନୟ କରି ସାମ୍ବାଦିକ ମାନଙ୍କୁ ନିନ୍ଦିତ କରିଛନ୍ତି ବୋଲି ସାନଖେମୁଣ୍ଡି ପ୍ରେସ୍ କ୍ଲବ୍ ସଦସ୍ୟ ଅଭିଯୋଗ କରିଛନ୍ତି।

## ବନେଇକଳା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ




ଯୋଡ଼ା, ୨୧।୧ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଞ୍ଚଳ ଅନ୍ତର୍ଗତ ବନେଇକଳା ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ସୁବର୍ଣ୍ଣ ଜୟନ୍ତୀ ଉଦଯାପିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାଟିର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେଶିକ୍ଷାବିତ ଡାକ୍ତର ବିକ୍ରମ ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଶ୍ରୀଯୁକ୍ତ ଶୀତଳ କୁମାର ସ୍ୱାଇଁ, ସମ୍ପାଦକ ଦିଲ୍ଲୀପ କୁମାର ନାଏକ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଯଯାତି କେଶରୀ ବେହେରା ଯୋଗ ଦେଇଥିଲେ। ସର୍ବ ପ୍ରଥମେ ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।

ମୁଖ୍ୟ ଅତିଥି ସୁବର୍ଣ୍ଣ ଜୟନ୍ତୀ ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ସର୍ବଦା ବିଦ୍ୟାଳୟ ସହିତ ଜଡିତ ରହି ବିଦ୍ୟାଳୟର ବିକାଶ ତଥା ଶୈକ୍ଷିକ ଉନ୍ନତି ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହିପରି ଆଗାମୀ ବର୍ଷ ରେ ହୀରକ ଜୟନ୍ତୀ ପାଳନ କରି ବିଦ୍ୟାଳୟକୁ ଆହୁରି ଆଗକୁ ନେବା ପାଇଁ ନିବେଦନ କରିଥିଲେ। ମୁଖ୍ୟ ବକ୍ତା ତାଙ୍କର ଅଭିଭାଷଣରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀକୁ ମହା ସମାରୋହରେ ପାଳିତ କରିଥିବାରୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ଏହିପରି ଅଧିକ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇ ଏ ଅଞ୍ଚଳ ତଥା ବିଦ୍ୟାଳୟକୁ ବିକାଶ ଦିଗରେ ଆଗକୁ ନେବା ପାଇଁ ସମସ୍ତଙ୍କ ସହଯୋଗ ସର୍ବଦା ରହିବା ପାଇଁ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉଦଯାପିତ ଦିବସରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରିବା ସହିତ ଆଜି ଦିନରେ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା କରାଯାଇଥିବା ମ୍ୟୁଜିକ ଚେୟାରର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ୨୮ରେ ହେବ ତୁଣ୍ଡା ଗ୍ରାମବାସୀଙ୍କ ସହ ଉତ୍କଳ କମ୍ପାନୀର ଆଲୋଚନା

ରାୟଗଡା,୨୧।୧ (ସଂଚାର ବ୍ୟୁରୋ) : ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ କୋଡିପାରି ଗ୍ରାମ ପଞ୍ଚାୟତ ଅଞ୍ଚଳର ତୁଣ୍ଡା ଗାଁରେ ଉତ୍କଳ କମ୍ପାନୀ ଦ୍ୱାରା ଉତ୍ପନ୍ନ ସମସ୍ୟାଗୁଡ଼ିକ ନିମନ୍ତେ ଏକ ସାମୁହିକ ଆଲୋଚନା ୨୮ ତାରିଖରେ ହେବାକୁ ଯାଉଛି। ଗ୍ରାମବାସୀଙ୍କ ମୌଳିକ ଅଧିକାର, ରୋଜଗାର, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସୁବିଧା ନିମନ୍ତେ ଗତ କିଛି ସମୟ ଧରି ତିବ୍ର ଆନ୍ଦୋଳନ ହେଉଥିବା ପରେ, ଏହି ଆଲୋଚନାର ଆୟୋଜନ ହେବାକୁ ଥିବା ମଧ୍ୟର ଗ୍ରାମବାସୀ ଏବଂ କମ୍ପାନୀ ପକ୍ଷରୁ ଏକ ପ୍ରସ୍ତାବ ମାନ୍ୟ ହୋଇଛି। ତୁଣ୍ଡା ଗାଁର ୨୫୨ ପରିବାର ଗତ ଦୁଇ ସପ୍ତାହ ଧରି ଏକ ମୁଖ୍ୟ ସଡ଼କ ଅବରୋଧ କରିଥିଲେ, ଯାହାକୁ ଗୁରୁତର ଆକାର ଦେବାକୁ ଗାଁବାସୀ ଉତ୍କଳ କମ୍ପାନୀକୁ ଜଳ ଯୋଗାଉଥିବା ଇଣ୍ଟେକ ପାଇପ ଅବରୋଧ କରି ଏକ ନଦୀରେ ବନ୍ଧ ସୃଷ୍ଟି କରିଥିଲେ। ସେମାନଙ୍କ ମୁଖ୍ୟ ଦାବି ଥିଲା କମ୍ପାନୀ ଗ୍ରାମବାସୀଙ୍କ ଜଳ, ଜମି ଓ ଜଙ୍ଗଲ ବ୍ୟବହାର କରିବା ପରେ ସମ୍ପୂର୍ଣ୍ଣ ଅବହେଳା କରୁଛି । ରୋଜଗାର ଯୋଗାଇ ଦେବାରେ କମ୍ପାନୀର ଆନ୍ତରିକତା ନଥିବା ଆରୋପ କରି ଆନ୍ଦୋଳନରେ ସାମିଲ ହୋଇଥିଲେ।



## ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ୫ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ



ସୁନ୍ଦରଗଡ, ୨୧।୧ (ସଂଚାର ବ୍ୟୁରୋ) : ମଙ୍ଗଳବାର ଦିନ ଭେଡ଼ାବାହାଲ ଲ୍ୟାମ୍ପ୍ସରୁ ଋଣ ନେଇଥିବା ବିରଜା ସ୍ୱୟଂ ସହାୟିକା ଗୋଷ୍ଠୀ କଇଁସରାର ସଭ୍ୟା ସରସ୍ୱତୀ ଷଣ୍ଢ ସାପ କାମୁଡାରେ ମୃତ୍ୟୁବରଣ କରିଥିଲେ । ଏଣୁ ଇଫକୋ ଟୋକିୟୋ ବୀମା କମ୍ପାନୀ ତରଫରୁ ୫ ପାଞ୍ଚ ଲକ୍ଷ ଟଙ୍କାର ବୀମା ରାଶି ଭେଡ଼ାବହାଲ ଲ୍ୟାମ୍ପସରେ ତାଙ୍କ ସ୍ୱାମୀ ସୁମନ୍ତ ଷଣ୍ଢକୁ ପ୍ରଦାନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ମାତ୍ର ୮୨ ଟଙ୍କାର ପ୍ରିମିୟମ ବଦଳରେ ୫ ଲକ୍ଷ ଟଙ୍କା ର ଦୁର୍ଘଟଣା ଜନିତ ବୀମା ରାଶି ମିଳିବା ନେଇ ସଚେତନ ହେବା ପାଇଁ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଚାଷୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ରନାଥ କଲୁଣ୍ଡିଆ, ଲ୍ୟାମ୍ପସ୍ ତଥା ବ୍ୟାଙ୍କ ନିର୍ଦ୍ଦେଶକ ପଞ୍ଚା ବାର୍ଲା, ବସଷ୍ଟାଣ୍ଡ ଶାଖା ପରିଚାଳିକା କନକ ପଟେଲ, ଲ୍ୟାମ୍ପ୍ସ ନିର୍ଦ୍ଦେଶକ ରଜନୀକାନ୍ତ ନାଏକ, ମାଧବ ଚନ୍ଦ୍ର ସା ପ୍ରମୁଖ ଉପସ୍ଥିତ ଥିଲେ। ଭେଡ଼ାବହାଲ ଲ୍ୟାମ୍ପସ୍ ଏମ ଡି ରୋହିତ ମହାନନ୍ଦିଆ ତଥା ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।



## ଶ୍ରୀଜଗନ୍ନାଥ ମହୋତ୍ସବର ଦ୍ୱିତୀୟ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବାଲିଆପାଳ,୨୧।୧ (ସଂଚାର ବ୍ୟୁରୋ) : ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମର ମକର ମେଳା ପଡ଼ିଆରେ ଶ୍ରୀଜଗନ୍ନାଥ ମହୋତ୍ସବର ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଆଧ୍ୟାତ୍ମିକମୟ ପରିବେଶରେ ପ୍ରଦର୍ଶିତ ମହାପ୍ରଭୁଙ୍କ ଦୁର୍ଲ୍ଲଭ ୨୪ ବେଶର ଦର୍ଶନ କରିଥିଲେ।ଏଭଳି ସୁନ୍ଦର ଆୟୋଜନ ପାଇଁ ଆୟୋଜକ କମିଟିର ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ବିଷ୍ଣୁପୁର ମକର ମେଳା ଏବଂ ସନ୍ୟାସୀ ଦାସ ଫାଉଣ୍ଡେସନର ସଭାପତି ପଞ୍ଚାନନ ସେଠୀ, ସଂପାଦକ ଯୁବନେତା ସରୋଜ କୁମାର ଦାସ, ସହ-ସଂପାଦକ ସୁବ୍ରତ କୁମାର ପାତ୍ର, ରଂଜନ ଦେ, ବରିଷ୍ଠ ସଦସ୍ୟ ଶଶୀକାନ୍ତ ପ୍ରଧାନଙ୍କ ସମତେ ସମସ୍ତ କର୍ମକର୍ତ୍ତାମାନେ ଦିବ୍ୟ ୨୪ ବେଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପୁରୀର ଜଗନ୍ନାଥ ସଂସ୍କୃତି ପ୍ରବଚକ ଜ୍ଞାନାନନ୍ଦ ସାଗରଙ୍କ ପ୍ରବଚନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାସନ କାର୍ଡ ଯାଞ୍ଚ ନେଇ ସାଧାରଣରେ ପ୍ରତିକ୍ରିୟା ଓ କାର୍ଯ୍ୟାନୁଷ୍ଠାନ ଦାବି

ବେତନଟୀ,୨୧।୧ (ସଂଚାର ବ୍ୟୁରୋ) : ରାଜ୍ୟରେ ନୂତନ ବିଜେପି ସରକାର ଆସିବାପରେ ନିଜ ସ୍ୱଚ୍ଛ ଭାବମୂର୍ତ୍ତି ଦେଖାଇବା ପାଇଁ ରାସନ କାର୍ଡ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ବେତନଟୀ ବ୍ଲକରେ ୨୪ ଟି ଗ୍ରାପରେ ୩୫ ହଜାର ୧ ଶହ ୩୭ଟି ରାସନ କାର୍ଡ ଥିବା ବେଳେ ୧ ଲକ୍ଷ ୨୨ ହଜାରରୁ ଉର୍ଦ୍ଧ ଉପଭୋକ୍ତା ଉପକୃତ ହେଉଛନ୍ତି। ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ କେୱାଇସି ଯାଞ୍ଚ ସମୟରେ ଭୂତ ରାସନ କାର୍ଡଧାରୀ ମାନଙ୍କୁ ଚିହ୍ନଟ କରାଯାଇଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିନରେ ବିଭିନ୍ନ ବିଭାଗରେ ଚାକିରି କରୁଥିବା ସରକାରୀ କର୍ମଚାରୀମାନଙ୍କ ତାଲିକା ପ୍ରତି ବ୍ଲକକୁ ପ୍ରଦାନ କରାଯାଇଛି। ସେଥିରେ ଚାକିରିଆ ହୋଇ ସୁଦ୍ଧା ମାଗଣା ରାସନ ସେମାନେ ବର୍ଷବର୍ଷ ଧରି ଲୁଟି ଚାଲିଥିଲେ। ତେବେ ଏବେ ପ୍ରଶ୍ନ ଉଠୁଛି ଯେ ନିୟମିତ ଓ ଅସ୍ଥାୟୀ ଠିକା ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ଏହି ତାଲିକାଭୁକ୍ତ କରାଯାଇଥିବାରୁ ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ଏହାକୁ ଚାଲେଞ୍ଜ ମଧ୍ୟ କରାଯାଇଛି।

ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରର ରୋଷେୟା, ସହାୟିକା, ଗୃହରକ୍ଷୀ, ଗ୍ରାମରକ୍ଷୀ, ଅସ୍ଥାୟି ଚୁକ୍ତିଭିତ୍ତିକ କର୍ମଚାରୀ ଯେଉଁମାନଙ୍କର ସର୍ଭିସ ବୁକ୍ ନାହିଁ ସେମାନଙ୍କୁ ଏହି ରାସନ ତାଲିକାରୁ ବାଦ ନ ଦେବା ପାଇଁ ସେମାନଙ୍କ ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ତେବେ ପୂର୍ବ ସରକାର ଅମଳରେ ସ୍ଥାୟୀ ସରକାରୀ କର୍ମଚାରୀମାନଙ୍କୁ ରାସନ କାର୍ଡ ପାଇଁ ତାଲିକାଭୁକ୍ତ କରିଥିବା କର୍ମଚାରୀମାନେ ଏବେବି ଜିଲ୍ଲା ଓ ବ୍ଲକ ପ୍ରଶାସନରେ ଥିଲେ ହେଁ ରାଜ୍ୟର ଡବଲ ଇଞ୍ଜିନ ସରକାର ନିଜର ସ୍ୱଚ୍ଛତା ପାଇଁ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ବାଦ ଦେଉଥିବା ବେଳେ ଏହି ଅସାଧୁ ସରକାରୀ କର୍ମଚାରୀ ମାନଙ୍କ ପ୍ରତି କାହିଁକି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଏହା ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ସ୍ପଷ୍ଟିକରଣ ଦେବାକୁ ବେତନଟୀ ସିଭିଲ ସୋସାଇଟି ଓ ସିଟିଜେନ ଫୋରମ ପକ୍ଷରୁ ଦାବି କରାଯାଇଛି। ମାଗଣା ରାସନ ନେବା ଲୋକ ଯଦି ଦୋଷୀ ତେବେ ମାଗଣା ରାସନ କାର୍ଡ ଇସ୍ୟୁ କରିଥିବା ସରକାରୀ କର୍ମଚାରୀ କାହିଁକି ଦୋଷୀ ହେବ ନାହିଁ ବୋଲି ପ୍ରଶ୍ନ କରାଯାଇଛି।

### ଟୋଲ ପ୍ଲାଜାରେ ବ୍ୟାପକ ଅନିୟମିୟତା

## ଭାରୀଯାନରୁ ମୋଟା ଅଙ୍କର ବଟି ଆଦାୟ ଅଭିଯୋଗ

ବୈଶିଙ୍ଗା, ୨୧।୧ (ସଂଚାର ବ୍ୟୁରୋ) : ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଠାରେ ଯାନବାହାନଙ୍କ ନିକଟରୁ ଶୁଳ୍କ ଆଦାୟ ପାଇଁ ନିର୍ମିତ ଟୋଲ ପ୍ଲାଜାରେ "ଫାସଟାକ୍" ଥିବା ସତ୍ତ୍ୱେ ଚାରି ଚକିଆ ଯାନ ଠାରୁ ଭାରୀଯାନ ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ ଅଧିକ ଶୁଳ୍କ ଆଦାୟ କରାଯାଉଥିବାର ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଅନ୍ୟ ଟୋଲ ପ୍ଲାଜା ତୁଳନାରେ ଏହି ପଦ୍ମନାଭପୁର ଟୋଲ ପ୍ଲାଜାରେ ଅଧିକ ଶୁଳ୍କ ନିର୍ଦ୍ଧାରିତ କାହିଁକି କରାଯାଇଛି ବୋଲି ଗାଡି ମାଲିକମାନେ ଅଭିଯୋଗ ଆଣିଛନ୍ତି। ଏଥିସହିତ ଏଠାରେ ବ୍ୟାପକ ଅନିୟମିୟତା ମଧ୍ୟ କରାଯାଉଥିବାର କେତେକ ଚାଳକଙ୍କ ଠାରୁ ସୂଚନା ମିଳିଛି। ଏଇ କିଛି ଦିନ ତଳେ ଟାଟାରୁ ପାରାଦ୍ୱୀପ ଯାଉଥିବା ଦୁଇଟି ଭାରି ଯାନକୁ ଅଧିକ ଲୋଡ଼ ଥିବା ଦର୍ଶାଇ ଦିନ ସାରା ଅଟକ ରଖାଯାଇଥିଲା। ବିଳମ୍ବିତ ରାତିରେ ସେହି ଭାରିଯାନ ଦୁଇଟିର କଣ୍ଟାରେ ଓଜନ କରା ନ ଯାଇ ଏବଂ ଫାସଟାକ୍ ଯାଞ୍ଚ୍ କରା ନଯାଇ ମୋଟା ଅଙ୍କର ଶୁଳ୍କ ଆଦାୟ କରାଯାଇଥିବା ଦୁଇ ଚାଳକ ରଣଜିତ୍ ସିଂହ ଏବଂ ନିଖିଲ ଶର୍ମା ପ୍ରକାଶ କରିଛନ୍ତି। ପ୍ରତି ଦିନ ରାତିରେ ଏହି ଭଳି ଅନିୟମିୟତା ହେଉଥିବା ସେଠିକାର କାର୍ଯ୍ୟରତ କିଛି କର୍ମଚାରୀ ମଧ୍ୟ ପ୍ରକାଶ କରିଛନ୍ତି। ଏଥି ପାଇଁ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବୀ ହେଉଛି ।

